ରାଣ ଭିତରେ ଥାଏ ଆତ୍ମୀୟତା। ଏହି ରାଣ ଯେତେବେଳେ ଯାହାକୁ ପକାଯାଏ ସେତେବେଳେ ସେହି ଲୋକଟି ହସିକି କହିଦେଇଥାଏ ତୋତେ କ'ଣ ଏହି ରାଣ ଛଡା ଆଉ କିଛି ଆସେନାହିଁ। ଆଉ ତାକୁ ରାଣ ପକେଇଥିବା ଲୋକଟି କହିଦେଇଥାଏ ମୋତେ ସବୁ ଆସେ, ବାସ୍ ତୁମେ ମୋ ରାଣରେ କେତେ ଲୋଭ ରଖ ସେଇଟା ଜାଣିବା ପାଇଁ ରାଣ ପକାଉଥିଲି । ତେବେ ଏହି ରାଣ ଶବ୍ଦଟି ଛୋଟବେଳୁ ଶୁଣି ଆସିଛି । ସ୍କୁଲରେ କେହି ଯଦି କାହା ସହ ଝଗଡା କରନ୍ତି କିମ୍ବା କେହି ଯଦି କାହା ସହ କଥା ହେବାକୁ ଚାହାନ୍ତି ନାହିଁ ସେତେବେଳେ କହିଦିଅନ୍ତି ତୋ ବାପା ବୋଉ ରାଣ ତୁ ମୋ ସହ କଥା ହେବୁନୁ । ପିଲା ଯଦି କୌଣସି ଖାଦ୍ୟ ଖାଇବାକୁ ଅନିଚ୍ଛା ପ୍ରକାଶ କରୁଛି ସେତେବେଳେ ମା' ମଧ୍ୟ କୁହନ୍ତି ତୋତେ ମୋ ରାଣ, ତୋତେ ତୋ ବାପା ରାଣ ତୁ ଆସେ ଖାଇବୁ । ଭାଇ ଯଦି ଭଉଣୀ ସହ ରାଗିଛି ତା'ହେଲେ ଭଉଣୀ ମଧ୍ୟ ଅନେକ ଥର କହିଛି ତୋତେ ମୋ ରାଣ ତୁ ଆଉ ମୋ ଉପରେ ରାଗେନି । ଭଉଣୀ ଯଦି ଘରେ ରୁଷିକି କିଛି ଖାଉନି ଭାଇ ମଧ୍ୟ ଭଉଣୀର ହାତ ଧରି କହିଥାଏ ତୋତେ ମୋ ରାଣ ଚାଲ ଖାଇବୁ । ଠିକ୍ ସେହିପରି ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧୁରତା ଭିତରେ ରାଣର ବିଶେଷ ଭୂମିକା ରହିଛି । କେବଳ ସ୍ୱାମୀ ସ୍ତ୍ରୀ କାହିଁକି ମଣିଷ ବଞ୍ଚିଥିବା ଯାଏ ଏ ରାଣ ଖାଇଛି । ସେଥିପାଇଁ କୁହାଯାଏ ସବୁ ଖାଇ ହେବ ଏ ରାଣ ଖାଇବା ବହୁତ କଷ୍ଟ ହୋଇଯିବ। ତେବେ ଏ ରାଣ ଶିଖେଇଛି ଦୁଷ୍ଟାମି ଛାଡିବା । ରାଣ ଶିଖେଇଛି ଅନ୍ୟଠୁ ଦୂରେଇ ରହିବା ଆଉ ଏହି ରାଣ ଶିଖେଇଛି ନିଜ ପସନ୍ଦର ଲୋକଙ୍କ ପାଖେ ପାଖେ ରହିବା । କାହିଁକି ନା ଯେତେବେଳେ ଆମ ରାଣ ଉପରେ କିଏ ଲୋଭ କରିବା ଆରମ୍ଭ କରିଦେଇଥାଏ ସେତେବେଳେ ସେମାନଙ୍କ ପ୍ରତି ଆମମାନଙ୍କ ଭଲପାଇବା କାହିଁକି କେଜାଣି ହଠାତ୍ ବଢ଼ି ଯାଇଥାଏ । ଆଉ ଯେତେବେଳେ କୌଣସି ଆପଣାର ଲୋକ ଆମ ରାଣ ରଖେନି ସେତେବେଳେ ହୁଏତ ଭଲପାଇବା କମେନି, କିନ୍ତୁ ଆମ ଆପଣାର ଲୋକଗୁଡ଼ା ଯେମିତି ଆମକୁ ନିଜର ଭାବନ୍ତିନି ବୋଲି ଅନୁଭବ ହୋଇଥାଏ। ଅନେକ ସମୟରେ ମନ କଷ୍ଟ ହୁଏ। ଏଥିପାଇଁ ଅନେକଙ୍କ ମଧ୍ୟରେ ଝଗଡା ମଧ୍ୟ ହୁଏ କେବଳ ଏଥିପାଇଁ ଯେ ତୁମେ କାହିଁକି ମୋ ରାଣ ରଖିଲନି। ସତ କହିବାକୁ ଗଲେ ଏ ରାଣ ସୁଖ-ଦୁଃଖ, ହସ-ଖୁସି, ରାଗ-ରୁଷା, ମାନଅଭିମାନ ଭିତରେ ଥାଏ । ରାଣ ହିଁ ଅନେକଙ୍କ ମନ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ । ଯେମିତି କି ତୋତେ ତୋ ବାପା ବୋଉ ରାଣ ତୁ ସେଠିକି ଯିବୁନି। ତୋତେ ମୋ ରାଣ ତୁ ଭୁଲ ରାସ୍ତା କିଛି ବାଛିବୁନି। ତୋତେ ମୋ ରାଣ ତୁ ତା ସହ ମିଶିବୁନି। ତୋତେ ମୋ ରାଣ ତୁ ମୋ ଛଡା ଆଉ କାହାକୁ ଚାହିଁବୁନି।

ତେବେ ଆଜିକାଲି ଅନେକ ଲୋକ ମଧ୍ୟ ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବା ପାଇଁ ରାଣ ପକେଇଥାନ୍ତି । ଯେମିତି କି ବିଦ୍ୟାରାଣ, ଠାକୁରଙ୍କ ରାଣ, ସବୁରାଣ, ବାପା ବୋଉଙ୍କ ରାଣ, ଆଖି ରାଣ, ଭାଇ ରାଣ, ଭଉଣୀ ରାଣ, ସ୍ୱାମୀ ରାଣ, ସ୍ତ୍ରୀ ରାଣ ଏମିତି ଅନେକ ରାଣ ରହିଛି, ଯେଉଁ ରାଣଗୁଡିକ ସତକୁ ସତ ଆଉ ମିଛକୁ ମିଛ ବୋଲି କହିବାରେ ସାହସ ଜୁଟେଇଛି । କିନ୍ତୁ ବର୍ତ୍ତମାନ ସମୟରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ମିଛ କଥାରେ ମଧ୍ୟ ରାଣ ପକେଇ ଦେଇଥାଆନ୍ତି । ସେଥିପାଇଁ ଆଜିକାଲି ଦୁନିଆରେ ଯଦି କେହି କାହା ସାମ୍ନାରେ ସତ କହିବାକୁ ଯାଇ ରାଣ ଖାଇଦେଉଛି ଲୋକମାନେ ମଧ୍ୟ ତା' ଉପରେ ହସିବା ଆରମ୍ଭ କରିଦେଉଛନ୍ତି, ଶେଷରେ କହିଦେଉଛନ୍ତି ତୁ କେଉଁ ଯୁଗରେ ଅଛୁ ।

ସତ କହିବାକୁ ଗଲେ ସେହି ପୁରୁଣାକାଳିଆ ଲୋକ ହିଁ ବହୁତ ଭଲ ଥିଲେ, ଯେଉଁମାନେ ଅନ୍ୟାୟ ଦେଖିଲେ ମୁହଁ ଉପରେ ଜବାବ ଦେଉଥିଲେ। ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବାପାଇଁ ରାଣ ଖାଇଦେଉଥିଲେ । ରାଣ ଖାଇବା କୌଣସି ଖରାପ କଥା ନୁହେଁ, ଛୋଟବେଳୁ ଯାହା ଶିଖିଛେ ତାହା ହିଁ ତ କହୁଛେ । କିଛି ଲୋକ ଅଭିମାନରେ ମଧ୍ୟ ଅନ୍ୟକୁ ରାଣ ପକେଇଥାନ୍ତି । ଅଭିମାନ କରିଥିବା ଲୋକକୁ ବୁଝେଇବା ପାଇଁ କହିଥାଆନ୍ତି ଏତେ ଅଭିମାନ କରନି ଜଲଦି ରାଣ ଫିଟା। ଆଉ ଏହି ରାଣ ଫିଟେଇବା ପାଇଁ ଅନେକ କୌତୁକିଆ କଥା ମଧ୍ୟ ଥିଲା- ଯେମିତି କି ତମ ଘରେ କେଉଁ ଚଟୁ, ସୁନା ଚଟୁ , ତୋ ରାଣ ଫିଟୁ ତୁ ହ ପେଟୁ । ଠିକ୍ ସେହିଭଳି ମା' ବାପାଙ୍କ ରାଣ ଯଦି କେହି ପକେଇଥାଏ ସେହି ରାଣକୁ ଫିଟେଇବା ପାଇଁ ଥିଲା- ତୋ ବାପା ବୋଉ ରାଣ କ'ଣ, ଆଟୁ ତୋ ବାପା ବୋଉ ରାଣ ଫିଟୁ -ଏମିତି ଅନେକ ରାଣ ଫିଟେଇବାର କୌତୁକିଆ କଥା ଥିଲା, କିନ୍ତୁ ଏବେ ସେହି କୌତୁକିଆ କଥା ନାହିଁ, ହେଲେ କିଛି ଜଣକ ପାଟିରେ ରାଣ ରହିଯାଇଛି।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋ: ୯୦୯୦୬୬୧୫୮୬**

## ଏଇ ଭାରତରେ

ଜ୍ଞାନ ସେଟ୍ଟୀ ପେସାରେ ଇଞ୍ଜିନିୟର। ତାଙ୍କୁ ବୟସ ଏବେ ୨୮ । ସେ ଚାକିରି ଛାଡ଼ି ଅଗଣାରେ ବଗିଚାଟିଏ କରିବା ପାଇଁ ପୂରା ସମୟ ଦେଇଛନ୍ତି। ତାଙ୍କ ମାଙ୍ଗାଲୁରସ୍ଥିତ ଘର ଅଗଣାରେ ବଗିଚାରେ ୩,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ, ଫୁଲଗଛ, ଫଳଗଛ, ପାଣିରେ ବଢୁଥିବା ଗଛ ଆଦି ରହିଛି। ଏହି ବଗିଚାର ନାମ ଦେଇଛନ୍ତି 'ନମୋ ବଗିଚା' ଓ ଅନ୍‌ଲାଇନରେ ନର୍ସରି ବିଜ୍‌ନେସ ଚଳାଇଛନ୍ତି। ଏହାକୁ ସେ ୨୦୨୨ ଜାନୁଆରୀରେ ଆରମ୍ଭ କରିଥିଲେ। ସେ ଭାରତର ବିଭିନ୍ନ ସହରରୁ ଅର୍ଡର ପାଉଛନ୍ତି ଓ ସେମାନଙ୍କୁ ସେ ଗଛ ବିକ୍ରି କରୁଛନ୍ତି। କେବଳ ଅଗଣା ନୁହେଁ ଘର ବାଲକୋନି, ଏପରି କି ଘର ଭିତରେ ମଧ୍ୟ ବିଭିନ୍ନ ଗଛ ଲଗାଇଛନ୍ତି। ଦେଖିବାକୁ ଗଲେ ଜ୍ଞାନଙ୍କ ଘରର ପ୍ରତ୍ୟେକଟି ଇଞ୍ଚରେ ଗଛ ରହିଛି। ସେ ଏହି ସବୁ ଗଛ ଶତ ପ୍ରତିଶତ ଜୈବିକ ପଦ୍ଧତିରେ ବଢ଼ାଇଛନ୍ତି। ରୋଷେଇଘରୁ ବାହାରୁ ଥିବା ବର୍ଜ୍ୟରୁ ଖତ ପ୍ରସ୍ତୁତ କରି ଗଛରେ ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୭୬

- ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ପକ୍ଷରୁ ଶିଶୁ ସାହିତ୍ୟରେ ପୁରସ୍କାର ପ୍ରଦାନ କରିବା ପାଇଁ ୧୧ଟି ପୁସ୍ତକ ମନୋନୀତ।
- ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କର ପୁନଃସଂସ୍ଥାପନ, ଟ୍ରେନ ଓ ବିମାନ ଚଳାଚଳ ପାଇଁ ରାଜିନାମା ସ୍ୱାକ୍ଷରିତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | 3 | | 1 |
| | | | | | | | | |
| 9 | | 4 | | 3 | | | 2 | |
| | 4 | 6 | | 9 | | | | |
| 1 | | | | 6 | | 2 | | 7 |
| | | | 1 | 7 | | | 3 | |
| | 9 | 7 | | 2 | | | | 5 |
| | | 8 | 5 | | | | | |
| | 5 | | 6 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 6 | 7 | 4 | 2 | 9 | 1 |
| 6 | 2 | 4 | 9 | 8 | 1 | 7 | 3 | 5 |
| 9 | 1 | 7 | 3 | 2 | 5 | 4 | 8 | 6 |
| 1 | 8 | 6 | 2 | 3 | 9 | 5 | 4 | 7 |
| 5 | 7 | 3 | 4 | 1 | 8 | 6 | 2 | 9 |
| 4 | 9 | 2 | 7 | 5 | 6 | 8 | 1 | 3 |
| 8 | 6 | 1 | 5 | 4 | 3 | 9 | 7 | 2 |
| 7 | 3 | 5 | 8 | 9 | 2 | 1 | 6 | 4 |
| 2 | 4 | 9 | 1 | 6 | 7 | 3 | 5 | 8 |

ଗତକାଲିର ଉତ୍ତର

# ଚାକିରି ଚୋରି, ବଣିଜ ମିଛ



ଡ. ମୌସୁମୀ ପରିଡ଼ା

ସମୟାନୁସାରେ ବହୁ ପରିବର୍ତ୍ତନ ହୁଏ। ଚାକିରି ଓ ବଣିଜ ପାଇଁ ଶାମ ଦାମ ଦଣ୍ଡ ଭେଦ ଆପଣା ଯାଏ। ଆବଶ୍ୟକ ସ୍ଥଳେ ରାଜନୈତିକ ବା କୂଟନୈତିକ ସ୍ତରରେ ହେରଫେର କରିବାକୁ ହୁଏ। କାରଣ ଅସ୍ତିତ୍ୱ ଓ ପ୍ରତିଷ୍ଠା ମଣିଷ ପାଇଁ ଯେତିକି ଆବଶ୍ୟକ ଦେଶ, ପ୍ରଦେଶ ବା କୌଣସି ବର୍ଗ ପାଇଁ ମଧ୍ୟ ସେତିକି ଜରୁରୀ। ଯେଭଳି ପାତ୍ର ସେଭଳି ସ୍ଥିତି। ଆକାର, ପ୍ରକାର, ସଂଜ୍ଞା, ସ୍ୱରୂପ ସବୁକିଛି ସ୍ଥିତି ଅନୁଯାୟୀ ବଦଳୁଥିବାରୁ ବଣିଜର ମୂଲ୍ୟବୋଧ ଓ ସ୍ୱଚ୍ଛତା ପ୍ରଭାବିତ ହୁଏ। ଲୋକମାନଙ୍କ ଚାହିଦାନୁସାରେ ଉତ୍ପାଦନ ଓ କିଣାବିକାର ମାନ ବଦଳିଥାଏ। ଅବଶ୍ୟ ଜନସଂଖ୍ୟାନୁଯାୟୀ କଞ୍ଚାମାଲର ଆବଶ୍ୟକତା ଓ କମ୍ପାନୀଗୁଡ଼ିକର ପ୍ରତିଦ୍ୱନ୍ଦ୍ୱିତା ମାର୍କେଟିଂକୁ ପ୍ରଭାବିତ କରେ। ସେଥିପାଇଁ ମନଲୋଭା ବିଜ୍ଞାପନ ଦେବାକୁ ହୁଏ। କିଛି କମ୍ପାନୀ ବଲିଉଡ୍ ତାରକା, ଜାତୀୟ-ଅନ୍ତର୍ଜାତୀୟ ଖେଳାଳି, ମଡେଲ୍ ତଥା ଲୋକପ୍ରିୟ ବ୍ୟକ୍ତିବିଶେଷଙ୍କୁ ବହୁମୂଲ୍ୟ ବିନିମୟରେ ବିଜ୍ଞାପନରେ ଅଭିନୟ କରିବାକୁ ପ୍ରସ୍ତାବ ଦିଅନ୍ତି। ଆରମ୍ଭ ହୁଏ ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା। ଶସ୍ତା ସୁନ୍ଦର କରି ଯୋଗାଇଦେବାର ପ୍ରତିଶ୍ରୁତି ଭିତରେ ବ୍ୟବସାୟୀ ମିଥ୍ୟାର ସାହାରା ନିଅନ୍ତି। କଞ୍ଚାମାଲ ଓ ଚାହିଦା ଭିତରେ ସାଲିସ୍ ହୁଏ। ଏପଟେ ବହୁମୂଲ୍ୟ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ଭକୁଆ ବନେଇ ଉତ୍ପାଦନ ଓ ବିକ୍ରି ବୃଦ୍ଧି ହୁଏ ସିନା ଜିନିଷରେ ସ୍ୱଚ୍ଛତା ବଜାୟ ରହେନାହିଁ। ଏକଥାଟି ସତୁରି ଅଶୀ ଦଶକର ଲୋକେ ବୁଝିପାରୁଥିଲେ। ଯେତେ ଉତ୍ପାଦନ ବଢ଼ିବ ସେତେ ମାନ ହ୍ରାସ ପାଇବ ବୋଲି ସେମାନଙ୍କ ଧାରଣା ଥିଲା।

ବୈଦ୍ୟୁତିକ ଗଣମାଧ୍ୟମ ଓ ଆଧୁନିକ ଯନ୍ତ୍ରକୌଶଳ ଦ୍ୱାରା ଜୀବନ ଢେର୍ ବଦଳିଛି! ଦୈନିକ ଦିନଚର୍ଯ୍ୟା ଭିତରେ ଯନ୍ତ୍ର ଏପରି ସାମିଲ ହୋଇଯାଇଛି ଯେ ସେ ଏକାକୀ କିଛି ଚିନ୍ତା କରିପାରୁନାହିଁ। ସେହିଅନୁସାରେ ତାର ଚିନ୍ତାଚେତନା, କ୍ରିୟା ପ୍ରତିକ୍ରିୟା ପ୍ରଭାବିତ ହୋଇଛି। ଆଗରୁ ଯେତେବେଳେ ଟେଲିଭିଜନ୍ ପ୍ରଥମ କରି ଘରକୁ ପ୍ରବେଶ କରିଥିଲା, ସେତେବେଳେ ଥଣ୍ଡା ପାନୀୟଠାରୁ ଆରମ୍ଭ କରି ସାବୁନ, ଟୁଥ୍‌ପେଷ୍ଟ, ଡିଟରଜେଣ୍ଟ, ସୌନ୍ଦର୍ଯ୍ୟ ସାମଗ୍ରୀ ପର୍ଯ୍ୟନ୍ତ ବହୁ ଜିନିଷର ବିଜ୍ଞାପନ ପ୍ରଦର୍ଶିତ ହେଉଥିଲା। ଲୋକେ ମନପସନ୍ଦର ସିରିୟଲ୍, ଫିଲ୍ମ, ଚିତ୍ରଗୀତି ଓ ଖବର ପ୍ରସାରଣ ଭଳି ପ୍ରୋଗ୍ରାମ ସହିତ ବିଜ୍ଞାପନଗୁଡ଼ିକୁ ମନଭରି ଉପଭୋଗ କରୁଥିଲେ। ଅଧିକାଂଶ ଭାବୁଥିଲେ- ଖରାପ ଜିନିଷକୁ ବିକିବା ପାଇଁ ବିଜ୍ଞାପନର ଆବଶ୍ୟକତା ପଡେ। ତେଣୁ ଲୋକେ ନିଜ ପସନ୍ଦର ବ୍ରାଣ୍ଡକୁ ଗୁରୁତ୍ୱ ଦେଉଥିଲେ। କ୍ରମଶଃ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକୁ ଟକ୍କର ଦେବା ପାଇଁ କିଛି କମ୍ପାନୀ ଅପେକ୍ଷାକୃତ କମ୍ ମୂଲ୍ୟ ବିନିମୟରେ, ମିଛ ପ୍ରତିଶ୍ରୁତି କିମ୍ବା ଲୋଭନୀୟ ଅଫର ମାଧ୍ୟମରେ ଲୋକମାନଙ୍କୁ ଆକର୍ଷିତ କରିବାକୁ ଲାଗିଲେ। କିଛି ଲୋକ ପରିବର୍ତ୍ତନ ପାଇଁ ଫ୍ରୀ ଅଫର୍ ଥିବା ଜିନିଷ ଆଣି ଦେଖିଲେ




ବିଶେଷ ଫରକ୍ ନାହିଁ ମୂଳବସ୍ତୁଠାରୁ। ଲୋଭ ଜାଗିବାରୁ ଧୀରେ ଧୀରେ ନିଜ ମତ ଓ ପସନ୍ଦ ବଦଳାଇ ବିଜ୍ଞପିତ ଜିନିଷଗୁଡିକୁ କିଣି ଚାଲିଲେ।

କମ୍ପାନୀ ନିଜ ପ୍ରଚାର ପ୍ରସାର ମାଧ୍ୟମରେ ପ୍ରତିଷ୍ଠିତ ହେଲା ପରେ ତା' ଜିନିଷର ମାନ ନିମ୍ନଗାମୀ ହେବାରେ ଲାଗିଲା। କିନ୍ତୁ ଅଭ୍ୟାସବଶତଃ ଲୋକେ ସେଥିରୁ ମିକୁଳିପାରିଲେ ନାହିଁ। ଏ କମ୍ପାନୀ ସେ କମ୍ପାନୀ ହୋଇ ଶସ୍ତା ସୁନ୍ଦର ଆଳରେ ଠକିହେଲେ। ସେମାନଙ୍କ ନୈତିକତା ଓ ବିଚାରବୋଧ ନିମ୍ନଗାମୀ ହେବାରୁ ନିଜେ ଠକିଲେ ବା କମ୍ପାନୀଦ୍ୱାରା ଠକାମୀର ଶିକାର ହେଲେ। ଆଗରୁ ଥିବା ମାନସିକତାରେ ପରିବର୍ତ୍ତନ ଆସିଲା। ସବୁ ଚକଚକ କରୁଥିବା ଜିନିଷ ସୁନା ନୁହେଁ କିମ୍ବା ସବୁ ବିଜ୍ଞପିତ ଜିନିଷ ସ୍ୱଚ୍ଛ ନୁହେଁ ବୋଲି ଧାରଣା କିନ୍ତୁ ବଳବତ୍ତର ରହିଲା। ଆଗରୁ ଯେତେବେଳେ ବିଭିନ୍ନ ପ୍ରାନ୍ତରୁ ଜିନିଷ ଆମ ଦେଶକୁ ଆସୁଥିଲା କିମ୍ବା ଯାଉଥିଲା ସବୁର ଗୁଣବତ୍ତା ଯାଞ୍ଚ କରାଯାଉଥିଲା। ବଣିକମାନେ ନିଷ୍ଠା ଓ ବିଶ୍ୱାସର ସହିତ ବଣିଜ କରୁଥିଲେ। ନିଜ ଜିନିଷର ମାନକୁ ଉଚ୍ଚରେ ରଖିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରାଯାଉଥିଲା। କିନ୍ତୁ ସମୟ ବଦଳିଯାଇଛି। ଯୁଦ୍ଧାସ୍ତ୍ର ହେଉ ବା ଯନ୍ତ୍ରାଂଶ ସବୁ ନକଲି ମିଳୁଛି। ଚାହିଦାକୁ ନଜରରେ ରଖି ଶସ୍ତା ଜିନିଷ ଉପଲବ୍ଧ କରିବାକୁ କମ୍ପାନୀମାନେ ଗୁଣବତ୍ତାରେ ସାଲିସ୍ କରୁଛନ୍ତି। ସେଥିପାଇଁ ବଣିଜ ମିଛ ବୋଲି ପ୍ରତିପାଦିତ ହେଉଛି! ଭାରତର ଜନସଂଖ୍ୟାରୁ ବାଣିଜ୍ୟିକ ଲାଭ ଉଠାଉଥିବା ଆମେରିକା, ଚାଇନା ପରି ଦେଶମାନେ ନିଜ ବାଣିଜ୍ୟିକ ଫାଇଦାକୁ ବଳବତ୍ତର ରଖିବାକୁ ଚେଷ୍ଟା କରୁଛନ୍ତି। ଦେଖିବାକୁ ଗଲେ ବଣିଜ ପାଇଁ ଆଜିକାଲି ଆନ୍ତର୍ଜାତିକ ସ୍ତରରେ କୂଟନୀତି ହେଉଛି। ନିଜ ପ୍ରତିଷ୍ଠା ଓ ପ୍ରତିପତ୍ତି ପାଇଁ କେଉଁଠି ଯୁଦ୍ଧ ତ ପୁଣି କେଉଁଠି ଷଡଯନ୍ତ୍ର- ଏସବୁ ବଣିଜର ଅନ୍ୟତମ ରୂପ କହିଲେ ଭୁଲ୍ ହେବନାହିଁ।

ଦ୍ୱିତୀୟ ପ୍ରସଙ୍ଗ ହେଲା ଚାକିରି, ଜୀବନ ଜୀବିକାର ଅନ୍ୟ ସ୍ୱରୂପ, ଯେଉଁଠାରେ ଆର୍ଥିକ ନିଶ୍ଚିତତା ଥାଏ ସତ୍ୟ କିନ୍ତୁ ସାମାଜିକ ସ୍ୱାଧୀନତା ସଙ୍କୁଚିତ ହୋଇଯାଏ। ବେଳେବେଳେ ପାରିବାରିକ କର୍ତ୍ତବ୍ୟରେ ଅବହେଳା କରିବାକୁ ହୁଏ। ସେହି ଚିରାଚରିତ ଜୀବନର ପୌନଃପୁନିକତା ଜୀବନକୁ ଫମ୍ପା କରିଦେଉଥିବାରୁ ବଞ୍ଚିବାର ସ୍ପୃହା ଓ ଖୁସି ମରିମରି ଆସେ। ଚାକିରି ଜୀବନର ବ୍ୟସ୍ତବହୁଳତା ଓ ବିଭିନ୍ନ ପ୍ରକାର ମାନସିକ ଚାପ ମଣିଷକୁ ବିପର୍ଯ୍ୟସ୍ତ ବନାଏ। କେତେବେଳେ ଚାକିରି କ୍ଷେତ୍ର ଘରଭିତରକୁ ପ୍ରବେଶ କରିଯାଏ ଜଣାପଡେନି। ଘର, ପରିବାର, ଆତ୍ମୀୟସ୍ୱଜନ ସମସ୍ତେ ଗୌଣ ପାଲଟିଯାଆନ୍ତି! ସାମାଜିକ ପ୍ରାଣୀ-ମଣିଷ ସମାଜବିଚ୍ୟୁତ ବନିଯାଏ। ଏକା ପ୍ରକାରର ଜୀବନ-ଜୀବିକା ଓ କର୍ମକ୍ଷେତ୍ରର ଚାପ ସେମାନଙ୍କୁ ମାନସିକ ପଙ୍ଗୁ ଓ ଅମାନବୀୟ ବନାଇଦିଏ। ଫଳରେ ସେ ମିଛ କହେ, ଠକେ ଓ ଲାଞ୍ଚଖୋର୍ ପାଲଟିଯାଏ। ଏ ଟେବୁଲ୍‌ରୁ ସେ ଟେବୁଲ୍‌କୁ ଫାଇଲ୍‌ଟିଏ ଯିବା ପାଇଁ ବର୍ଷ ବର୍ଷ ଲାଗିଯାଏ ଅଥବା ଫାଇଲ୍ ହଜିଯିବାର ନାଟକ ରଚାଯାଏ। ପୁଣି ପ୍ରତି ଟେବୁଲ୍‌ରେ ବିଭିନ୍ନ ପରିମାଣର ଲାଞ୍ଚ ଆଦାୟ କରାଯାଏ। ନୀତିନିୟମ ନ ମାନି ଆଖିରେ ଅଙ୍ଗୁଳି ଗେଞ୍ଜି ସମୟ ଓ ଅର୍ଥ ଲୁଟୁଥିବା ଚାକିରିଆମାନେ ଆଜିକାଲି ଲାଞ୍ଚଖୋର୍ ଓ ମିଛୁଆଙ୍କ ନୂତନ ସ୍ୱରୂପ ଯେଉଁମାନେ ଅସରନ୍ତି ନିର୍ମୂଳିଲତା ପରି ସମାଜକୁ ଶୋଷିଚାଲିଛନ୍ତି। ତେଣୁ ବୁଦ୍ଧିଜୀବୀମାନଙ୍କ ଚାକିରି ଚୋରି, ବଣିଜ ମିଛ ବକ୍ତବ୍ୟଟି କାଳେକାଳେ ସତ୍ୟ ପ୍ରମାଣିତ।

**ମୋ: ୯୪୩୭୩୧୭୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ନୀତି ଓ ନୈତିକତା ଉପରେ ପ୍ରଶ୍ନବାଚୀ

ମହାଶୟ,

ଧର୍ମଶାଳାର ରାହାଡ଼ପୁରରେ ଗୋଟିଏ କ୍ରଶରରେ ଜଣେ ଯୁବ କର୍ମଚାରୀଙ୍କୁ ଗତ ମେ ୧ ତାରିଖ ଦିନ ଶ୍ରମିକ ଦିବସରେ ନିର୍ମମ ଭାବେ ହତ୍ୟା କରାଗଲା। ଏହି ଯୁବ କର୍ମଚାରୀ ଜଣକ ଗରିବ ମା'ବାପାଙ୍କ ଏକମାତ୍ର ଭରସା ଥିଲେ। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଅନ୍ତରାଳରେ କାହାର ହାତ ରହିଛି ଏହା କାହାକୁ ଅଛପା ନାହିଁ। ଧର୍ମଶାଳା ଗତ ୨୪ ବର୍ଷରେ ପାହାଡ଼ଖିଆ ଅମଣିଷଙ୍କ ଉତ୍ପାତ ଦେଖିଛି। ହେଲେ କଳାପଥର ପାହାଡ଼ ଖାଉଥିବା ରାକ୍ଷସମାନେ ମଣିଷଙ୍କୁ ପିଟି ପିଟି ମାରିଦେବା ପରେ ମୁଖ୍ୟ ଅଭିଯୁକ୍ତ ଗିରଫ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୈତିକ ଚାପର ବାଧ୍ୟବାଧକତାରେ ପୋଲିସ ନୀରବଦ୍ରଷ୍ଟା ସାଜିଛି ବୋଲି କୁହାଯାଉଛି। ଏହାସହ ସାହାଣିଡିହ ପଞ୍ଚାୟତର ଚାରଗୋଠରେ ଶିଶୁ ହତ୍ୟା ପ୍ରସଙ୍ଗରେ ପ୍ରକୃତ ହତ୍ୟାକାରୀ ସୁରକ୍ଷା ପାଉଛି। ଏଥିରେ ପୋଲିସ ଓ ପ୍ରଶାସନର ନୀତି ଓ ନୈତିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

**-ସତୀଶ ବିଶ୍ୱାଳ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧରେ ଫୁଟେ ଯେତେ ବଧୂଲି
ଗଗନେ ଚମକାଇ ବିଜୁଳି
ଧରଇ ନୂଆରୂପ ସକଳ ସରଜନା
ସକଳ ଗଇରିକ ଗୋଧୂଳି।
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜକୁମାର ୩ୟ ଥର ଲୋକସେବକ ମଣ୍ଡଳର ସଭାପତି

## କାର୍ଯ୍ୟନିର୍ବାହୀ ପରିଷଦକୁ ୬ ସଦସ୍ୟ ନିର୍ବାଚିତ

**ଭୁବନେଶ୍ୱର, ୧୫।୫ (ଅନୁରାଧା ମହାରଣା)**

ସର୍ବଭାରତୀୟ ସେବାମୂଳକ ସଂଗଠନ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ନିର୍ବାଚନରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ସର୍ବସମ୍ମତିକ୍ରମେ ରାଜକୁମାର ନିର୍ବାଚିତ ହୋଇଛନ୍ତି। ୨୦୨୫-୨୭ ବର୍ଷ ପାଇଁ ଏହି ନିର୍ବାଚନ ଦିଲ୍ଲୀର ଲଜପତ୍ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକମାତ୍ର ପ୍ରାର୍ଥୀ ଭାବେ ରାଜକୁମାର ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଲୋକସେବକ ମଣ୍ଡଳ କାର୍ଯ୍ୟନିର୍ବାହୀ ପରିଷଦକୁ ୬ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ମଣ୍ଡଳର ବରିଷ୍ଠ ଆଜୀବନ ସଦସ୍ୟ ଦୀପକ ମାଳବ୍ୟ, ନିରଞ୍ଜନ ରଥ, ରାଜେନ୍ଦ୍ର ଜେନା, ଅନୀତା ଗୋଏଲ, ନିମିଷା ଅମିନ ଓ ନୈନା ଭେକାରିଆ। ଅନୁଷ୍ଠାନର ସମ୍ବିଧାନ ଅନୁଯାୟୀ, କାର୍ଯ୍ୟନିର୍ବାହୀ ପରିଷଦକୁ


ରାଜକୁମାର

ନିର୍ବାଚିତ ହୋଇଥିବା ସଦସ୍ୟଙ୍କ ମଧ୍ୟରୁ ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସଭାପତି ପଦାଧିକାରୀ ମନୋନୀତ କରିବେ। ରାଜକୁମାର ୨୮ ଏପ୍ରିଲ ୧୯୫୧ରେ ଡେରାଡୁନରେ ଜନ୍ମଗ୍ରହଣ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶ୍ୟାମଲାଲ କଲେଜରୁ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଛାତ୍ରାବସ୍ଥାରୁ ସମାଜସେବା ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଥିଲା। ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ଅନୁଭବ କରି ବିଭିନ୍ନ ରାଜନୈତିକ ଦଳ ରାଜନୀତିକୁ ଆସିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେ ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜକୁ ସମାଜସେବା କ୍ଷେତ୍ରରେ ନିୟୋଜିତ ରଖିଥିଲେ। ଗାନ୍ଧୀ ବିଚାରର ପ୍ରଚାର ଓ ପ୍ରସାର ପାଇଁ ଦିଲ୍ଲୀର ରାଜଘାଟ ଅହିଂସା ବିଦ୍ୟାଳୟରେ ଯୁବବର୍ଗଙ୍କୁ ସେ ତାଲିମ ପ୍ରଦାନ କରିଥିଲେ। ଜରୁରିକାଳୀନ ପରିସ୍ଥିତିରେ ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ ଦେଶବ୍ୟାପୀ ଅନୁଷ୍ଠିତ ଆନ୍ଦୋଳନରେ ସକ୍ରିୟତାର ସହ ଅଂଶଗ୍ରହଣ କରିଥିଲେ। ୧୯୮୨ ଅକ୍ଟୋବରରେ ରାଜକୁମାର ଲୋକସେବକ ମଣ୍ଡଳରେ ଯୋଗଦାନ କରିଥିଲେ। ୧୯୮୫ରୁ ଲୋକସେବକ ମଣ୍ଡଳ ପ୍ରୟାଗରାଜ ଶାଖା ଦାୟିତ୍ୱରେ ରହି ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିରେ ପ୍ରୟାସରତ ଅଛନ୍ତି। ୨୦୧୨ରୁ ଦିଲ୍ଲୀ ଶାଖା ଦାୟିତ୍ୱରେ ରହି ବୟସ୍କ, ମହିଳା ଓ ଶିଶୁଙ୍କ କଲ୍ୟାଣ ସହ ବସ୍ତି ଅଞ୍ଚଳର ବ୍ୟାପକ ଉନ୍ନତି କରାଇଛନ୍ତି। ୨୦୨୧ ମାର୍ଚ୍ଚରେ ଲୋକସେବକ ମଣ୍ଡଳ ସଭାପତି ଭାବେ ପ୍ରଥମ ଥର ନିର୍ବାଚିତ ହୋଇଥିଲେ। ସେ ୨୦୨୪ ଫେବୃଆରୀରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଓଡ଼ିଆ ଦୈନିକ ଖବରକାଗଜ 'ସମାଜ'ର ସିଧାସଳଖ ପରିଚାଳନା ଦାୟିତ୍ୱରେ ଅଛନ୍ତି। ସଭାପତି ପଦକୁ କ୍ରମାଗତ ତୃତୀୟ ଥର ନିର୍ବାଚିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓୟୋ ହୋଟେଲ ଛାତରୁ ପଡ଼ି ଯୁବତୀଙ୍କ ମୃତ୍ୟୁ

## ପୁରୁଷବନ୍ଧୁଙ୍କ ନାଁରେ ହତ୍ୟା ମାମଲା

### ୪ ମାସ ହେବ ଏକାଠି ରହୁଥିଲେ

**ଭୁବନେଶ୍ୱର, ୧୫।୫ (ସତ୍ୟଜିତ ରାଉତ)**

ସ୍ୱାମୀ ସ୍ତ୍ରୀର ପରିଚୟ ଦେଇ ଗତ ୪ରୁ ୫ମାସ ହେଲା ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ପଞ୍ଚସଖାନଗରରେ ଥିବା ଓୟୋ ହୋଟେଲ (ଡାସ୍ ଇନ୍ ଗେଷ୍ଟହାଉସ୍)ରେ ଏକ ରୁମ୍‌ରେ ରହୁଥିଲେ। ହେଲେ ବୁଧବାର ବିଳମ୍ବିତ ରାତିରେ ଯୁବତୀଙ୍କ ମୃତଦେହ ହୋଟେଲ ତଳେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତା ଯୁବତୀ ହେଲେ ନୟାଗଡ଼ ଜିଲା ସଦର ଥାନା ଅଞ୍ଚଳର ସୋନାଲି ମହାପାତ୍ର(୨୪)। ସୋନାଲିଙ୍କୁ ତାଙ୍କ ପୁରୁଷବନ୍ଧୁ ଛାତରୁ ଠେଲି ମାରିଦେଇଥିବା ଯୁବତୀଙ୍କ ମା' ପ୍ରମିଳା ଥାନାରେ ଅଭିଯୋଗ କରିଛନ୍ତି। ପୁରୁଷବନ୍ଧୁ ତଥା ରଣପୁରର ବିଭୂତି ପ୍ରତିହାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଗୁରୁବାର ଏମ୍‌ସରେ ସୋନାଲିଙ୍କ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଖଣ୍ଡଗିରି ଥାନାରେ ଏକ ହତ୍ୟା ମାମଲା(ନଂ.୩୧୨/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସୋନାଲି ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସମୟକ୍ରମେ ବିଭୂତିଙ୍କ ସହ ସମ୍ପର୍କ ନିବିଡ଼ ହୋଇଥିଲା। ବିଭୂତି ଓ ସୋନାଲି ଭଡ଼ାସୂତ୍ରରେ ଉକ୍ତ ଓୟୋ ହୋଟେଲର ତୃତୀୟ ମହଲାର (ରୁମ୍ ନଂ.-୩୦୨)ରେ ରହୁଥିଲେ। ବୁଧବାର ରାତିରେ କୌଣସି କାରଣକୁ ନେଇ ରୁମ୍‌ରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ହୋଟେଲ କର୍ମଚାରୀ ଓ ଅନ୍ୟ ଅତିଥିମାନେ ରୁଣ୍ଡ ହେବାପରେ ସେମାନେ ଶାନ୍ତ ପଡ଼ିଥିଲେ। ପରେ ଉଭୟ ଛାତ ଉପରକୁ ଚାଲି ଯାଇଥିଲେ। ତେବେ ଛାତ ଉପରେ ଉଭୟଙ୍କ ମଧ୍ୟରେ ଏମିତି କ'ଣ ଘଟିଲା ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ରକ୍ତ ଜୁବୁଜୁବୁ ଅବସ୍ଥାରେ ସୋନାଲିଙ୍କୁ ଏମ୍‌ସ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୋଟେଲ ମାଲିକ ଚନ୍ଦ୍ରମଣି ଦାସ କହିଛନ୍ତି, ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ସୋନାଲି ଓ ବିଭୂତି ହୋଟେଲରେ ୪ରୁ ୫ ମାସ ହେବ ରହୁଥିଲେ। ତେବେ ମ୍ୟାନେଜର ଛୁଟିରେ ଥିବାବେଳେ ସୋନାଲିଙ୍କ ମୃତଦେହକୁ ତଳେ ପଡ଼ିଥିବା ଦେଖି ଡ୍ରାଇଭର ତାଙ୍କୁ ଜଣାଇଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା ବୋଲି ସେ କହିଛନ୍ତି। ଅପରପକ୍ଷରେ ସୋନାଲିଙ୍କ ମା' ପ୍ରମିଳା କହିଛନ୍ତି, ବୁଧବାର ରାତି ପ୍ରାୟ ୧୧ଟାରେ ସୋନାଲି ତାଙ୍କୁ କଲ୍ କରିଥିଲେ। ଭଲ ଲାଗୁନି, ତାଙ୍କୁ ଘରକୁ ନେଇଯିବାକୁ ଝିଅ କହିଥିଲେ। ଏହାପରେ ପ୍ରମିଳା ସକାଳୁ ଆସି ନେଇଯିବେ ବୋଲି କହିଥିଲେ। ତେବେ ଝିଅ ଶିକ୍ଷିତ ପିଲା, ସେ ଏମିତି କାମ କରିବନି, ଛାତରୁ ଡେଇଁବ ନାହିଁ। ବିଭୂତି ତାଙ୍କୁ ଛାତରୁ ପେଲିଦେଇଥିବା ପ୍ରମିଳା କହିଛନ୍ତି। ଜୋନ-୩ ଏସିପି ତାପସ ପ୍ରଧାନ କହିଛନ୍ତି, ପୁରୁଷବନ୍ଧୁଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ହୋଟେଲକୁ ଯାଇ ଯାଞ୍ଚ କରିବା ସହ ଫୁଟ ପ୍ରିଣ୍ଟ, ଫିଙ୍ଗରପ୍ରିଣ୍ଟ, ରକ୍ତ ନମୁନା ଆଦି ସଂଗ୍ରହ କରିଛି। ହୋଟେଲ କର୍ମଚାରୀଙ୍କୁ ପଚରାଉଚରା କରାଯାଉଥିବା ଏସିପି କହିଛନ୍ତି।



ହୋଟେଲ୍ ତଳେ ଯୁବତୀ ପଡ଼ିଥିବାର ସିସିଟିଭିରେ କଏଦ ଦୃଶ୍ୟ।

# ପୁଅଝିଅଙ୍କୁ ମାରିଥିବା ବାପା ଆଖିବୁଜିଲେ

■ ପିଲାଙ୍କୁ ବିଷ ଦେଇ ନିଜେ ପିଇଥିଲେ

**ପାରଳାଖେମୁଣ୍ଡି, ୧୫।୫ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଓଡ଼ିଆ ପାରଳା ସାହିରେ ପୁଅଝିଅଙ୍କୁ ବିଷ ଦେଇ ମାରିଥିବା ବାପା ଶୁଭାଶିଷ ପାଣିଗ୍ରାହୀ ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ଆଖି ବୁଜିଛନ୍ତି। ଗତ ମାର୍ଚ୍ଚ ୨୧ତାରିଖରେ ଶୁଭାଶିଷଙ୍କ ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଶୁଭାଶିଷ ବୁଧବାର ପିଲାଙ୍କୁ ବିଷ ପିଆଇ ନିଜେ ପିଇ ଦେଇଥିଲେ। ଏବେ ପୂରା ପରିବାର ଶେଷ ହୋଇଯାଇଛି। କାହିଁକି ଓ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହା ଜଣାପଡି ନାହିଁ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଶୁଭାଶିଷଙ୍କ ଘରେ ତଦନ୍ତ ଆରମ୍ଭ କରିଛନ୍ତି।

ଶୁଭାଶିଷ ବୁଧବାର ମଧ୍ୟାହ୍ନରେ ୮ ବର୍ଷର ପୁଅ ବିଜୟାନନ୍ଦ ଓ ୧୨ ବର୍ଷୀୟା ଝିଅ ପ୍ରିୟଦର୍ଶନୀଙ୍କୁ କୌଣସି ଖାଦ୍ୟରେ ବିଷ ଦେଇ ନିଜେ ତାହାକୁ ଖାଇ ଦେଇଥିଲେ। ଏହାପରେ ସେ ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ତାଙ୍କ ବାପା ବୁଚିବାବୁ ପାଣିଗ୍ରାହୀଙ୍କୁ ଫୋନ କରି ଆମେ ବିଷ ଖାଇଦେଇଛୁ ମରିଯିବୁ, ଶେଷଥର ପାଇଁ ଦେଖିଦିଅ ବୋଲି କହିଥିଲେ। ବୁଚିବାବୁ ତୁରନ୍ତ ସେଠାରେ ପହଞ୍ଚି ସାହିପଡିଶା ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପୁଅ ବିଜୟାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବାପା ଶୁଭାଶିଷ ଓ ଝିଅ ପ୍ରିୟଦର୍ଶନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ପ୍ରାୟ ୯ଟାରେ ପ୍ରିୟଦର୍ଶନୀ ଓ ଗୁରୁବାର ସକାଳେ ଶୁଭାଶିଷଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡିରେ ପୁଅ ଓ ବ୍ରହ୍ମପୁରରେ ବାପଝିଅଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ନଂ. ୧୧/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ଘରେ ପହଞ୍ଚି ବୁଧବାର ଶୁଭାଶିଷ ରୋଷେଇ କରିଥିବା ବିଭିନ୍ନ ଖାଦ୍ୟ, ପିଇଥିବା ବିଷ ସଂଗ୍ରହ କରିବା ସହ ଖାନତଲାସି କରିଛି। ପୋଲିସ ଘଟଣା ସମ୍ପର୍କରେ ସାହି ପଡୋଶୀ ଓ ପରିବାରବର୍ଗଙ୍କୁ ପଚରାଉଚୁରା କରିଛି। ପୁଅର ଆର୍ଥିକ ସମସ୍ୟା ନ ଥିଲା କି ସେ କୌଣସି ଚାପରେ ନଥିଲେ ବୋଲି ଶୁଭାଶିଷଙ୍କ ବାପା ବୁଚିବାବୁ ସ୍ପଷ୍ଟ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ପିଲାଙ୍କୁ ମାରି ସେ ନିଜେ ଜୀବନ ହାରିଲେ ଓ ପୂର୍ବରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ପଛରେ କାହାର ହାତ ଅଛି ସେ ନେଇ ପୋଲିସ ତଦନ୍ତ ଚଳାଇଛି।


ପରିବାର ସହ ଶୁଭାଶିଷ ପାଣିଗ୍ରାହୀ।

# ବାଘୁଆ ମହୁମାଛି ଆକ୍ରମଣରେ ୪ ଗୁରୁତର

**ମୋହନା, ୧୫।୫ (ମନ୍ମଥ ମିଶ୍ର)**

ମୋହନା ବ୍ଲକ୍ ଚନ୍ଦ୍ରଗିରିଠାରେ ବାଘୁଆ ମହୁମାଛି ଆକ୍ରମଣରେ ୪ ଗୁରୁତର ହୋଇଛନ୍ତି। ଗୁରୁବାର ସଂକ୍ରାନ୍ତି ଥିବାରୁ ଗ୍ରାମର ଅନେକ ଶ୍ରଦ୍ଧାଳୁ ନିକଟସ୍ଥ ଶିବ ମନ୍ଦିରକୁ ଯାଇଥିଲେ। ପୂର୍ବାହ୍ନ ୧୦ଟାରେ ପୂଜାପାଠ କରୁଥିବା ବେଳେ ହଠାତ୍ ଏକ ଗଛରୁ ବାଘୁଆ ମହୁମାଛି ଶ୍ରଦ୍ଧାଳୁଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସେଠାରେ ଥିବା ସମସ୍ତ ବ୍ୟକ୍ତି ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ବ୍ୟକ୍ତି ହେଲେ ନୀଳକଣ୍ଠ ଗୌଡ଼, ସତ୍ୟ ସାହୁ, ଶଶୀଦେବୀ ଦଳାଇ, କିରନ ଦଳାଇ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଘରକୁ ପଠାଯାଇଥିବା ଡାକ୍ତର ଗିରିଜା ଶଙ୍କର ନାୟକ କହିଛନ୍ତି। ଅପରପକ୍ଷେ ମହାବିଷୁବ ସଂକ୍ରାନ୍ତି ଦିନ ବାଘୁଆ ମହୁମାଛିଙ୍କ ଆକ୍ରମଣରେ ୪ ଜଣ ଗୁରୁତର ହେବା ସହ ୨୦ ଆହତ ହୋଇଥିଲେ। ଏହିଭଳି ବାରମ୍ବାର ବାଘୁଆ ମହୁମାଛି ଦ୍ୱାରା ଆକ୍ରମଣ ଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।




# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

**ଯୋଡ଼ା, ୧୫।୫ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନର ଦବୁନା ଓ ଏମ୍‌ସି ଖଣି ନିକଟ ଜଙ୍ଗଲରେ ଏକ ଦନ୍ତାହାତୀ ଆକ୍ରମଣରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଝାଡ଼ଖଣ୍ଡ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ବୟସ ୭୦ରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସେ ଗୁରୁବାର ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ବେଳେ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ।

# 'ତୁରନ୍ତ ପଦକ୍ଷେପ ନେବା, ଡେଙ୍ଗୁ ରୋକିବା...



**ରାଷ୍ଟ୍ରୀୟ ଡେଙ୍ଗୁ ଦିବସ**

ଡେଙ୍ଗୁ ଜ୍ୱର ଏକ ମଶାବାହିତ ରୋଗ। ଏହି ରୋଗର ନିରାକରଣ ପାଇଁ ଔଷଧ ସହିତ ସଚେତନତା ଜରୁରୀ। ତେଣୁ ଡେଙ୍ଗୁ ଜ୍ୱରକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବଢାଇବା, ଏହାକୁ ପ୍ରତିହତ କରିବାର ଉପାୟ ସମ୍ପର୍କରେ ଜଣାଇବା ଆଦି ଲକ୍ଷ୍ୟରେ ପ୍ରତିବର୍ଷ ମେ' ୧୬କୁ ରାଷ୍ଟ୍ରୀୟ ଡେଙ୍ଗୁ ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ତୁରନ୍ତ ପଦକ୍ଷେପ ନେବା, ଡେଙ୍ଗୁ ରୋକିବା: ସ୍ୱଚ୍ଛ ବାତାବରଣ, ସୁସ୍ଥ ଜୀବନ'। ସହରୀକରଣର ମାତ୍ରାଧିକ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରତିବର୍ଷ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢିବାରେରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ପ୍ରତ୍ୟେକ ବିଭାଗ ଏବଂ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏନେଇ ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍‌ଓ) ଡା. ନୀଳମଣୀ ସେନାପତି କହିଛନ୍ତି, ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ବିଶେଷକରି ଘରେ ଏବଂ ଆଖପାଖରେ ଜମୁଥିବା ପାଣିରେ ଜନ୍ମ ନିଅନ୍ତି। ଲୋକେ ସଚେତନ ହୋଇ ନିଜ ଆଖପାଖକୁ ପରିଷ୍କାର ନ ରଖିଲେ, ଜମୁଥିବା ପାଣିକୁ ନିଷ୍କାସନ ନକଲେ ସେଥିରେ ମଶା ବଂଶବିସ୍ତାର କରିବ। ଏଥିରେ କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟ ବିଭାଗ କିଛି କରିପାରିବ ନାହିଁ। ସେହିପରି କେବଳ ସ୍ୱାସ୍ଥ୍ୟ ବିଭାଗ ଉପରେ ଦାୟିତ୍ୱ ଛାଡ଼ିଦେଲେ ହେବନାହିଁ, ଏଥିପାଇଁ ସମସ୍ତ ବିଭାଗର ସମନ୍ୱୟ ଏବଂ ବ୍ୟକ୍ତିଗତ ସ୍ତରରେ ଆଗ୍ରହ ରହିବା ଆବଶ୍ୟକ। ପୂର୍ବାପେକ୍ଷା ଲୋକେ ଅଧିକ ସଚେତନ ହୋଇଛନ୍ତି ମାତ୍ର ଏହାକୁ ଆହୁରି ବଢାଇବାକୁ ପଡିବ। ପ୍ରତିବର୍ଷ ରାଜ୍ୟରେ ହଜାର ହଜାର ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ବିଶେଷକରି ସ୍ମାର୍ଟସିଟି ଭୁବନେଶ୍ୱର ପାଇଁ ରାଜ୍ୟରେ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍ ଭାବେ ଉଭା ହେଉଛି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ଦରକାର।

**-ବନ୍ଦନା ସେଠୀ, ଭୁବନେଶ୍ୱର**

# ଆଲୋକ ସହିତ ଆଗକୁ ବଢ଼ିବା

**ଆଜି ଅନ୍ତର୍ଜାତୀୟ ଆଲୋକ ଦିବସ**



ଚିକିତ୍ସା କ୍ଷେତ୍ରରେ ଲେଜର-ଆଲୋକର ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ରହିଛି। ୧୯୬୦ ମସିହାରେ ଲେଜର ଦ୍ୱାରା ସଫଳ ଅସ୍ତ୍ରୋପଚାର ପରେ ଶଲ୍ୟ ଚିକିତ୍ସା ବିଜ୍ଞାନରେ ବିପ୍ଳବ ସୃଷ୍ଟିହୋଇଛି। ସେହି ସଫଳତାକୁ ଜନସାଧାରଣ ମନେପକେଇବା ସକାଶେ ୨୦୧୮ ମସିହାରୁ ପ୍ରତି ବର୍ଷ ମେ' ୧୬ ତାରିଖକୁ 'ଅନ୍ତର୍ଜାତୀୟ ଆଲୋକ ଦିବସ' ଭାବରେ ପାଳନ କରାଯାଇ ଆସୁଛି। ସାରା ପୃଥିବୀରେ ପାଳିତ ହେଉଥିବା ଏହି ଦିବସର ଚଳିତ ବର୍ଷ ପାଇଁ ବାର୍ତ୍ତା ରହିଛି 'ଆଲୋକ, ଅଭିନବୀକରଣ, ସମାଜ'। ବିଜ୍ଞାନ, ସଂସ୍କୃତି, ଶିକ୍ଷା ଓ ନିରନ୍ତର ଉନ୍ନତି ପ୍ରକ୍ରିୟାରେ ଆଲୋକର ଅତୁଳନୀୟ ଅବଦାନ ସମ୍ପର୍କରେ ସମାଜକୁ ଏହି ଦିବସ ଅବଗତ କରିବ। ୨୦୧୫ ମସିହାକୁ ଅନ୍ତର୍ଜାତୀୟ ଆଲୋକ ବର୍ଷ ଭାବରେ ପାଳନ କରାଯାଇଥିଲା। ତା'ପରେ ୨୦୧୭ (ନଭେମ୍ବର) ମସିହାରେ ଆଲୋକ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆମେ ବିଛଣାରୁ ଉଠିଲାଠାରୁ ଶୋଇବା ପର୍ଯ୍ୟନ୍ତ ଆଲୋକ ଜରୁରୀ। ଯଦି ସୂର୍ଯ୍ୟ ନ ଥାନ୍ତା କିମ୍ବା ଆମେ ବତି ଜାଳିବା ଜାଣି ନ ଥାନ୍ତୁ, ତେବେ ଆମର ଜୀବନଶୈଳୀ ପୂରାପୂରି ଅଲଗା ହୋଇଥାଆନ୍ତା। ନିଆଁର ବ୍ୟବହାର ଆମ ସଭ୍ୟତାକୁ ଯେମିତି ଉନ୍ନତ କରିଛି, ଆଲୋକର ବ୍ୟବହାର ଆମ ଜୀବନଶୈଳୀକୁ ସୁଖମୟ କରିଛି। ଆଲୋକ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିଉତ୍ସ।

ଲେଜର ଆଲୁଅର ବ୍ୟବହାର ରୋଗ ନିଦାନ ଓ ଚିକିତ୍ସା ପଦ୍ଧତିକୁ ନୂଆ ଦିଗ ଦେଖେଇଛି। ଅପ୍ଟିକାଲ ଫାଇବର ଦ୍ୱାରା ଆଜି ଅଧିକ ବେଗସମ୍ପନ୍ନ ଇଣ୍ଟରନେଟ୍ ସମ୍ଭବ ହୋଇପାରିଛି। ପରିବେଶକୁ ସୁସ୍ଥ ରଖିବା ଓ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବା ଦିଗରେ ଲେଜର ରଶ୍ମିର ଜରୁରୀ ବ୍ୟବହାର କରାଯାଉଛି। ଆମେ ଯଦି ଆଲୋକକୁ ଭୁଲିଯିବା, ତେବେ ଆମର ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ର ଅକାମୀ ହୋଇଯିବ। କ୍ୟାମେରା ଫଟୋ ଉଠେଇପାରିବ ନାହିଁ। ମୋବାଇଲ ଓ ଟିଭିର ପରଦା ଅନ୍ଧକାର ହୋଇଯିବ। ବିଜୁଳିବତି ନ ଜଳିଲେ ଆମେ ଅନ୍ଧ ହୋଇଯିବା। ଏଥିରୁ ସ୍ପଷ୍ଟ ଅନୁମେୟ - ଆଲୋକ ଆମ ଜୀବନର ଜରୁରୀ ଅଙ୍ଗ। ତେଣୁ ଆଜି ଦିନରେ ଗବେଷଣା ଅନୁଷ୍ଠାନଗୁଡ଼ିକ ଏକ ମନ ହୋଇ ଆଲୋକର ଯଥାର୍ଥ ବ୍ୟବହାର ପୂର୍ବକ ସମାଜରେ ଶାନ୍ତି ଓ ପ୍ରଗତି ପ୍ରତିଷ୍ଠା କରିବା ପାଇଁ ୟୁନେସ୍କୋ ଆହ୍ୱାନ କରିଛି। ଆଲୋକ ଶୂନ୍ୟରେ ଏକ ସେକେଣ୍ଡରେ ୩ ଲକ୍ଷ କିଲୋମିଟର ଗତି କରିପାରେ। ତେଣୁ ଏହାର ବେଗ ସର୍ବାଧିକ। ଆମକୁ ଆଲୋକ ସହିତ ପାଦ ପକେଇ ଆଗକୁ ବଢ଼ିବାକୁ ହେବ।

**-ଡ. କମଳାକାନ୍ତ ଜେନା,** ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ, ମୋ : ୯୪୩୯୫୦୧୬୫୧

DSPL-67
OMC


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୬୦ତମ ପ୍ରତିଷ୍ଠା ଦିବସ
ଓଡ଼ିଶା ଖଣି ନିଗମ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
ଡୁବୁନା ଖଣି, ବଡ଼ବିଲର ପୁନଃଆରମ୍ଭ

୧୬ ମଇ ୨୦୨୫ | କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର

ଅନ୍ୟାନ୍ୟ ପ୍ରକଳ୍ପର ଶୁଭାରମ୍ଭ
୯୨୦ କି. ୱାଟ ପି ସୋଲାର ପ୍ଲାଣ୍ଟ, ବଡ଼ବିଲ ଏବଂ କୋଇଡ଼ା ଖଣି ଅଞ୍ଚଳ
ଠିରିଙ୍ଗପାହାଡ଼ ଖଣି ଏବଂ ରେଙ୍ଗାଲବେଡା ସ୍ଥିତ ଆର୍‌ଆର୍ କଲୋନୀକୁ ବିଦ୍ୟୁତ୍ ଯୋଗାଣ, ବଡ଼ବିଲ

ଆଇଟି ମଡ୍ୟୁଲର ଶୁଭାରମ୍ଭ
ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ଏଲ୍ଏମଏସ)
ଓଏମସି ପ୍ଲଟ ଲ୍ୟାଣ୍ଡ ୟୁଟିଲାଇଜେସନ ସିଷ୍ଟମ(ଓପ୍ଲସ)
ଓଏମସି ଫଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ (ଓଏଫ୍ଏମଏସ)
ଓଏମସି ରିକ୍ରୁଟମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଓଆରଏମଏସ)

OIPR-30005/13/0195/2526
ଓଡ଼ିଶା ଖଣି ନିଗମ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ କକା, ପୁତୁରା ମୃତ

**ନୂଆପଡ଼ା, ୧୫।୫ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ କୋଟେନଚୂଆଁ ପଞ୍ଚାୟତ ତିଲେଇଝର ଗାଁ ପାଖରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣା ଘଟି କାକା ଓ ପୁତୁରାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିଲେଇଝର ଗାଁର କାକା ପରମେଶ୍ୱର ତାଣ୍ଡି (୧୮) ଓ ପୁତୁରା ପୁରୁଷୋତ୍ତମ ତାଣ୍ଡି (୨୦)। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନା ଉଭୟ କାକା ଓ ପୁତରା ଏକ ବାଇକ୍ ଯୋଗେ ନୂଆପଡା ପଟୁ ତିଲେଇଝର ଗାଁକୁ ଫେରୁଥିଲେ । ସେହି ସମୟରେ ଗାଁ ମୁଣ୍ଡରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ନୁଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପରମେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମ ସଙ୍କଟାପନ୍ନ ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସଦର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**କୋକସରା, ୧୫।୫ (ଦୁଷ୍ମନ୍ତ କୁମାର ପାଢୋଷୀ):** କଳାହାଣ୍ଡି ଜିଲା ଆମପାଣି ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜୟପ୍ରକାଶ ନାରାୟଣ ହୋତା ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭାଜପା ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ରଙ୍କ ନେତୃତ୍ୱରେ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଭାରେ ମକରନ୍ଦ ବାଗ, ଜିତେନ୍ଦ୍ର ପଣ୍ଡା, ସନ୍ତୋଷ ମାଝୀ, ଅର୍ଜୁନ ଭାଟି, ମହିଳା ମୋର୍ଚ୍ଚାର ଧରିତ୍ରୀ ବାଗ, ସବିତା ମାଝୀ, ତୁଳାରାମ ନାଏକ, ଦ୍ରୋଣାଚାର୍ଯ୍ୟ ପୂଜାରୀ, ନକୁଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଥାନା ଅଧିକାରୀ ଆପରାଧିକ କାର୍ଯ୍ୟକଳାପ, ଆଇନ ଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### ଓଏଭି ଛାତ୍ରୀଛାତ୍ରଙ୍କ ସଫଳତା

**କୋକସରା, ୧୫।୫ (ଦୁଷ୍ମନ୍ତ କୁମାର ପାଢୋଷୀ):** ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ସଫଳତା ଆଣିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାରେ ଚଳିତବର୍ଷ ୮୮.୨୩ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ବେଳେ ଦ୍ୱାଦଶ ପରୀକ୍ଷାରେ ୮୬.୬୬ ପ୍ରତିଶତ ଫଳାଫଳ ହୋଇଛି। ଦଶମ ଶ୍ରେଣୀ ଛାତ୍ରୀ ଡ଼ଲି ରୋହିଲା ୯୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଦ୍ୱାଦଶ ପରୀକ୍ଷାରେ ନିହାରିକା ରାଉତ ୮୩ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଗତବର୍ଷ ଦଶମ ପରୀକ୍ଷାରେ ୭୫ ପ୍ରତିଶତ ଓ ଦ୍ୱାଦଶରେ ୪୦.୭ ରହିଥିବା ନେଇ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ନିଝୁମ ରାଣି ପଣ୍ଡିତ ସୂଚନା ଦେଇଛନ୍ତି।

### କର୍ନାଟକରେ ଚମକିଲେ ଓଡ଼ିଆ ପୁଅ ପଦ୍ମନାଭ

**ଗୋଲାମୁଣ୍ଡା, ୧୫।୫ (ବଟ କୃଷ୍ଣ ପଣ୍ଡା):** ଗତ କିଛିଦିନ ତଳେ ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଓଡ଼ିଆ ପୁଅ ପଦ୍ମନାଭ ଖମାରୀ କମାଲ ଦେଖାଇଛନ୍ତି।



କର୍ନାଟକର ପ୍ରଶାନ୍ତି ନୀଳୟମ ଶ୍ରୀ ସତ୍ୟ ସାଇ ଏଚ୍‌ଆର୍ ସେକେଣ୍ଡାରି ବିଦ୍ୟାଳୟ ସିବିଏସ୍‌ଇ ପରୀକ୍ଷାରେ ସେ ୯୫ ପ୍ରତିଶତ ମାର୍କ ରଖି ଯୁକ୍ତ ୨ରେ ଟପ୍ପର ହୋଇଛନ୍ତି। ସେ ଜଣେ ଡାକ୍ତର ହେବାକୁ ଆଶା ରଖିଥିବା ପ୍ରକାଶ କରିଛନ୍ତି। ଏହି ସଫଳତା ପଛରେ ବିଦ୍ୟାଳୟର ଅଧାପକ ଅଧାପିକା ଓ ପିତାମାତାଙ୍କ ଆଶୀର୍ବାଦ ଥିବା କହିଛନ୍ତି। ଗୋଲାମୁଣ୍ଡା ବ୍ଲକ ଉମୁରା ଗ୍ରାମର ବ୍ୟବସାୟୀ ମାର୍କେଣ୍ଡେଶ୍ୱର ଖମାରି ଓ ବିଜୟଲକ୍ଷ୍ମୀ ଖମାରିଙ୍କ ସୁପୁତ୍ର ହେଉଛନ୍ତି ପଦ୍ମନାଭ। ତାଙ୍କର ଏହି ସଫଳତାକୁ ନେଇ ଅଞ୍ଚଳବାସୀଙ୍କ ଭିତରେ ଖୁସିର ଲହରି ଖେଳିଯାଇଛି।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

**ଖଡ଼ିଆଳ, ୧୫।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ଉତ୍କଳ ବାଳାଶ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ମଧୁସୂଦନ ଦାଶ ସମ୍ବର୍ଦ୍ଧିତ କରିଛନ୍ତି। ଅଧିକ ନମ୍ବର ରଖି ସଫଳତା ଆଣିଥିବା ଛାତ୍ରୀଛାତ୍ରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ବର୍ଦ୍ଧନା ସଭାରେ ତହସିଲଦାର ନରସିଂହ ଗଡବା, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ଉତ୍କଳ ବାଳାଶ୍ରମ ଅର୍ଚ୍ଚନା ପାଢୀ ପ୍ରମୁଖ ଯୋଗଦେଇଥିଲେ। ପରେ ଅନ୍ତେବାସୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବାହାର ରାଜ୍ୟରୁ ଧାନ ଆସିଲେ କାର୍ଯ୍ୟାନୁଷ୍ଠାନ

## ରବି ଧାନ ସଂଗ୍ରହକୁ ନେଇ ଜିଲାପାଳଙ୍କ ଜରୁରୀ ବୈଠକ

**ଭବାନୀପାଟଣା, ୧୫।୫ (ଉତ୍ତମ କୁମାର ଦାଶ)**



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀ।

କଳାହାଣ୍ଡି ଜିଲାରେ ଆସନ୍ତା ୨୦ ତାରିଖରୁ ରବି (ଡାଲୁଅ) ଧାନ ପାଇଁ ମଣ୍ଡି ଖୋଲିବ। ଏହା ପୂର୍ବରୁ ଗୁରୁବାର ସନ୍ଧ୍ୟାରେ ଜିଲାପାଳ ପାୱାର ସଚିନ ପ୍ରକାଶ ଭବାନୀପାଟଣାସ୍ଥିତ ଟାଉନ ହଲ୍‌ଠାରେ ଏକ ଜରୁରୀ ବୈଠକ କରିଛନ୍ତି। ଏଥିରେ ଜିଲାର ସମସ୍ତ ତହସିଲଦାର, ବିଡିଓ, ଆର୍‌ଏମ୍‌ସି କର୍ମଚାରୀ, ପାକ୍ସ କର୍ମଚାରୀ ଓ ଯୋଗାଣ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ। ବିଗତ ଦିନରେ ଧାନ କ୍ରୟରେ ଉପୁଜିଥିବା ସମସ୍ୟାର ଯେପରି ପୁନରାବୃତ୍ତି ନ ହେବ ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଧାନ ଜିଲାରେ ଯେମିତି ବିକ୍ରି ନ ହେବ ସେଥିପ୍ରତି ସଜାଗ ରହିବାକୁ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଜିଲାପାଳ କହିଥିଲେ। ଏହାସହ ବାହାର ରାଜ୍ୟରୁ ଧାନ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

ମେ ୨୦ରୁ ଜିଲାର ୧୪୫ ଧାନମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଛନ୍ତି। ୬୪ ପାକ୍ସ ଓ ୨୫ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାର ୮୮ ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରି ସମ୍ପୃକ୍ତ ମଣ୍ଡିରୁ ଚାଷୀଙ୍କ ଧାନ ଠିକ୍ ସମୟରେ ଉଠାଣ ପାଇଁ ନିର୍ଦ୍ଧାରିତ କରାଯାଇଛି। ମିଲର୍ସ ଚାଷୀଙ୍କୁ ଆବଶ୍ୟକ ଗନିବ୍ୟାଗ୍ ଯୋଗାଇଦେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ସାଧାରଣ ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨,୩୦୦ ଏବଂ ଗ୍ରେଡ୍ ଏ' ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨,୩୨୦ ସହ ଏମ୍‌ଏସ୍‌ପି ୮୦୦ ଟଙ୍କା ସର୍ବମୋଟ କୁଇଣ୍ଟାଲ ପିଛା ଚାଷୀ ୩,୧୦୦, ୩,୧୨୦ ଟଙ୍କା ପାଇବେ। ୮୮ ମିଲର୍ସଙ୍କ ମଧ୍ୟରୁ ଉଷୁନା ଚାଉଳ ପାଇଁ ୭୦ ଥିବାବେଳେ ଅରୁଆ ଚାଉଳ ପାଇଁ ୧୮ ଅଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବାରୁ ଚାଷୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ, ଜରୁରିକାଳୀନ ସେବା ଆବଶ୍ୟକ ସ୍ଥଳେ କୁଲର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଗତ ଦିନର ଛତିଶଗଡ଼ ରାଜ୍ୟରୁ ବେଆଇନ ଭାବରେ ଧାନ ଆଣି ଏଠାରେ କିଛି ପାକ୍ସ ଓ ବଜାର କମିଟି କର୍ମଚାରୀ ମିଶି ତାହାକୁ ବିକ୍ରି କରିଥିବା ଅଭିଯୋଗ ଆସିବା ପରେ ଚଳିତବର୍ଷ କଳାହାଣ୍ଡି ଓ ଛତିଶଗଡ଼ ସୀମାରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଏହା ପରେ ମଧ୍ୟ କୌଣସି କର୍ମଚାରୀ ଏଥିରେ ସମ୍ପୃକ୍ତ ରହିଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଜିଲାପାଳ ଚେତାବନୀ ଦେଇଛନ୍ତି। ଜିଲାପାଳ କହିଛନ୍ତି, ଆସନ୍ତା ୨୦ରୁ ରବିଧାନ କିଣା ଆରମ୍ଭହେବ। ଏଥିପାଇଁ ମଣ୍ଡିରେ ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତ ମିଲର୍ସଙ୍କ ସହ ଆଲୋଚନା କରାଯାଇଛି। ଚଳିତବର୍ଷ ବିଶେଷକରି ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ଯେମିତି କୌଣସି ଗାଡ଼ି ନ ଆସିବ ତା' ଉପରେ ନଜର ରଖିବା ପାଇଁ ସିସିଟିଭି ବ୍ୟବସ୍ଥା ସହ ଏକ କ୍ୟାମେରା ଭ୍ୟାନ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହାସହ କୌଣସି ବେଆଇନ କାମ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବେଆଇନ ନିଶା କାରବାର: ୬ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

**ନୂଆପଡ଼ା, ୧୫।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲାକୁ ନିଶାମୁକ୍ତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଅପରେଶନ ଶୁଦ୍ଧି ଆରମ୍ଭ ହୋଇଛି। ବୁଧବାର ଏହି ଅପରେଶନ ସମୟରେ ଜିଲା ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ଚଢ଼ାଉ ବେଳେ ପୋଲିସ ୬ କିଲୋଗ୍ରାମ ଗଞ୍ଜେଇ, ୨୫ ବୋତଲ କଫ ସିରପ, ୩ ବାଇକ୍ ୫ ମୋବାଇଲ ଜବତ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ଗୁରୁବାର ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଏସ୍‌ପି ରାଘବେନ୍ଦ୍ର ଆହୁରି କହିଛନ୍ତି, ବୁଧବାର ନୂଆପଡ଼ା ସହର ତେଲିପଡା ପୋଖରୀ ନିକଟରେ ଏକ ଗୋଷ୍ଠୀ ବେଆଇନ ନିଶା କାରବାର ଚଳାଇଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା । ତଦନୁଯାୟୀ ସଦର ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଜ୍ୟୋତିରଞ୍ଜନ ସେନାପତିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢ଼ାଉକରି ଗଞ୍ଜେଇ ଓ କଫ ସିରପ ଜବତ କରିଥିଲା। ଏହି ସମୟରେ ତେଲିପଡ଼ାର ମହିଳା ସୁକାନ୍ତି ପଟେଲ (୪୫), ସିରତୋଲର ସତ୍ୟଜିତ ହରପାଲ (୩୪), ଓମ୍‌ପ୍ରକାଶ ସାହୁ (୨୮), ଅଭିଷେକ ଜଗତ (୨୩), ସାଲେଭଟାର ବୈଷ୍ଣବ ତାଣ୍ଡି (୩୮), ବରଗଡ ଜିଲା ପାଇକମାଳ ଥାନା ମାଣ୍ଡୋସିଲ ଗାଁର ନବୀନ କେତକୀ (୩୮)ଙ୍କୁ ଗିରଫ ସହ ଜଣେ ନାବଳକଙ୍କୁ ଧରିଥିଲା। ଅଭିଯୁକ୍ତମାନେ ବାହାରୁ ନିଶାଦ୍ରବ୍ୟ କ୍ରୟକରି ଏଠାରେ ବିକ୍ରୟ କରିବା ସହ ବରଗଡ଼, ପଦ୍ମପୁର, ପାଇକମାଳ, କୋମନା ଅଞ୍ଚଳକୁ ଯୋଗାଉଥିଲେ।

# ସୈନ୍ୟ ବାହିନୀକୁ ସମ୍ମାନ ଜଣାଇ ତ୍ରିରଙ୍ଗା ରାଲି



ଖଡିଆଳ ସହରରେ ଅନୁଷ୍ଠିତ ତ୍ରିରଙ୍ଗା ରାଲି।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଓ ଖଡ଼ିଆଳ ଏନ୍‌ଏସିରେ ଗୁରୁବାର ତ୍ରିରଙ୍ଗା ମୋଟରସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗୀୟ କର୍ମଚାରୀ, ସଚେତନ ନାଗରିକ, ଅବସରପ୍ରାପ୍ତ ସୈନିକ, ପଞ୍ଚାୟତ ପ୍ରତିନିଧି ସାମିଲ ହୋଇଥିଲେ। ସୈନ୍ୟବାହିନୀ ଆମ ଦେଶର ସମ୍ମାନ ଓ ସ୍ୱାଭିମାନ। ସେମାନଙ୍କ ସହ ଶହେ ୪୦ କୋଟି ଜନତାଙ୍କ ସମର୍ଥନ ରହିଛି ବୋଲି ଶୋଭାଯାତ୍ରାକାରୀ କହିଛନ୍ତି। ଏହି ଅବସରରେ ସେମାନେ ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିବା ସୈନ୍ୟ ବାହିନୀ କାର୍ଯ୍ୟକଳାପକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଥାନା ଅଧିକାରୀ ଦିଲୀପ କୁମାର ସାହୁ, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ଭୂପିନ୍ଦର ସିଂ, ସିଡିପିଓ ମୀନା ଅଗ୍ରୱାଲଙ୍କ ସମେତ ବନ ବିଭାଗ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗର କର୍ମଚାରୀ ସାମିଲ ହୋଇଥିଲେ।

# ହତ୍ୟା ଅଭିଯୋଗରେ ୪ ଜଣଙ୍କୁ ଆଜୀବନ କାରାଦଣ୍ଡ

**ନୂଆପଡ଼ା, ୧୫।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ଥାନା ସିଲଭା ଗାଁରେ ୨୦୧୭ ଜାନୁଆରୀ ୧୫ରେ ଜମିବାଡି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ କଳହ ହୋଇଥିଲା। କପିଲ ଶବର (୫୦) ଓ ଅନ୍ୟ ଏକ ପରିବାରର ୫ ଜଣ ସଦସ୍ୟ ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିଥିଲା। ଅପରପକ୍ଷର ଆକ୍ରମଣରେ କପିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏ ନେଇ ଲଖନା ଥାନାରେ କେସ ନଂ.୩୧/୨୦୧୭ରେ ଏକ ମାମଲା ରୁଜୁ ହୋଇ କୋର୍ଟରେ ବିଚାରାଧୀନ ରହିଥିଲା। ସମସ୍ତ ସାକ୍ଷ ପ୍ରମାଣକୁ ଭିତ୍ତିକରି ଗତ ସୋମବାର ଅତିରିକ୍ତ ଜିଲାଜଜ୍ ୪ ଜଣ ଅଭିଯୁକ୍ତ ଭୁବନ ଶବର (୬୦), ସ୍ତ୍ରୀ ଚିତ୍ରି ଶବର (୫୫) ଓ ତାଙ୍କ ପୁଅ ହୃଷି ଶବର (୩୭) ଓ ବୋହୂ ବିମଳା ଶବର (୩୫)ଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି । ଅନ୍ୟ ଜଣେ ଅଭିଯୁକ୍ତ ଦାରାସିଂ ଶବର (୪୫) ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ହୃଷି ଓ ବିମଳା ଫେରାର ଥିବାରୁ ତାଙ୍କ ନାମରେ ୱାରେଣ୍ଟ ଜାରି କରାଯାଇଛି ।

# ମାନସ ହତ୍ୟାକାଣ୍ଡକୁ ବ୍ରାହ୍ମଣ ସମାଜର ନିନ୍ଦା



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ନୂଆପଡ଼ା, ୧୫।୫ (ମକାରୁ ବେମାଲ)**

ନୂଆପଡ଼ା ଏନ୍‌ଏସି ୱାର୍ଡ ନଂ.୧୧ ଶିବଶକ୍ତି ନଗରର ମନବୋଧ ତ୍ରିପାଠୀଙ୍କ ପୁଅ ଫାର୍ମାସିଷ୍ଟ ମାନସ ତ୍ରିପାଠୀଙ୍କୁ ନିର୍ମମ ଭାବରେ ହତ୍ୟାକରି ଫିଙ୍ଗିଦେବା ଘଟଣାକୁ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ନିନ୍ଦା କରାଯାଇଛି। ୪ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଧରି ଘଟଣାର ପର୍ଦ୍ଦାଫାଶ କରିଥିବାରୁ ସମାଜ ପକ୍ଷରୁ ଛତିଶଗଡ଼ ପୋଲିସକୁ ସାଧୁବାଦ ଜ୍ଞାପନ କରାଯାଇଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଅତିଶୀଘ୍ର ଧରି କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ କର୍ମକର୍ତ୍ତା ଅପିଲ କରିଛନ୍ତି। ଏ ନେଇ ମଙ୍ଗଳବାର ଅଧିବକ୍ତା କ୍ଷିତୀଶ ଅଶୋକ ବୋଧନକରଙ୍କ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ କରି ସେମାନେ ଏହି ସୂଚନା ଦେଇଛନ୍ତି। ଏହାଛଡ଼ା ଜିଲାରେ ଦିନକୁ ଦିନ ଅପରାଧ ଓ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ସ୍ୱତନ୍ତ୍ର ଦୃଷ୍ଟିଦେବା ପାଇଁ ଅନୁରୋଧ କରିଛନ୍ତି। ଏହି ସମୟରେ ବୋଧନକରଙ୍କ ସମେତ ସଞ୍ଜୟ ପୁରୋହିତ, ସୁଶାନ୍ତ କୁମାର ପତି, ବିନୋଦ କୁମାର ପାଢ଼ୀ, ଅନୁପ କୁମାର ପଣ୍ଡା, ଅଶୋକ ଅଗସ୍ତି, ସଞ୍ଜୟ ପାଣିଗ୍ରାହୀ, ସଞ୍ଜୟ ପାଢ଼ୀ, ଲୋକନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ଅପରେଶନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା

**ଭବାନୀପାଟଣା, ୧୫।୫ (ଉତ୍ତମ କୁମାର ଦାଶ**

ଦେଶର ଏକତା, ଅଖଣ୍ଡତା ଓ ଶାନ୍ତି ବଜାୟ ରଖିବା ପାଇଁ ଭାରତୀୟ ସେନାର ତ୍ୟାଗ, ବଳିଦାନ ଅତୁଳନୀୟ। ଭାରତର ସୁରକ୍ଷା ପାଇଁ ଆତଙ୍କବାଦ ବିରୋଧରେ ଲଢ଼େଇ ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି। ଭାରତର ବୀର ସୈନିକଙ୍କ ସଫଳତା ଓ ସାହସିକ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ ଶୁକ୍ରବାର କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଅପରେଶନ ସିନ୍ଦୂର ପରାକ୍ରମ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଭବାନୀପାଟଣାରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ, ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଉପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ଶୁଭାରମ୍ଭ ହୋଇଥିଲା। ପରେ ଏହା ଜିଲା କାରାଗାର ଛକ, ନୂଆ ବସ୍‌ଷ୍ଟାଣ୍ଡ, ଘୋଡ଼ଘାଟ ଛକ, ସତ୍ୟମ ସିନେମା ହଲ, ଦୟାନିଧି ଛକ, ମାଣିକେଶ୍ୱରୀ ଛକ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳସ୍ (ରାଜସ୍ୱ) ବୈତାରୁ ଦୀପ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ୬୪ ବାଟାଲିୟନ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ୬୪ ବାଟାଲିୟନ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ପି.କେ. ମିଶ୍ର, ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ଜନସାଧାରଣ ସାମିଲ ଥିଲେ। ଭାରତୀୟ ସେନାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ହାତରେ ସମସ୍ତେ ତ୍ରିରଙ୍ଗା ଧରି ଦେଶଭକ୍ତି ନାରା ଭାରତ ମାତା କୀ ଜୟ, ବନ୍ଦେ ମାତରମ, ଜୟ ଯବାନ ଜୟ କିଷାନ ସ୍ଲୋଗାନ ଦେଇଥିଲେ।

## ନୂଆପଡ଼ାରେ ବାଇକ୍ ରାଲି

**ନୂଆପଡ଼ା, ୧୫।୫ (ମକାରୁ ବେମାଲ)**

ଆତଙ୍କବାଦୀଙ୍କ ବିରୋଧରେ ସଫଳତାର ସହିତ ଅପରେଶନ ସିନ୍ଦୂର ଅଭିଯାନ ଚଳାଇ ଦେଶ ପାଇଁ ଗର୍ବ ଆଣିଛନ୍ତି ଭାରତୀୟ ସେନା। ସେମାନଙ୍କ ବୀରତ୍ୱ, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବା ପାଇଁ ଗୁରୁବାର ନୂଆପଡ଼ା ଜିଲା ପ୍ରଶାସନ ତରଫରୁ ପରାକ୍ରମ ଶୋଭାଯାତ୍ରା ସହ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଏସ୍‌ପି ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର, ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, କେନ୍ଦ୍ରୀୟ ସୁରକ୍ଷା ବଳ କମାଣ୍ଡାଣ୍ଟ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ସୁବାସ ଚନ୍ଦ୍ର ରଏତ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝି, ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ବିଭିନ୍ନ ରାଜନୈତିକ ଦଳ କର୍ମକର୍ତ୍ତା, ବାର୍ ଆସୋସିଏଶନ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମୀ ପୀଠ ସାଲିହା ଗଡଠାରେ ରାଲି ପହଞ୍ଚିବା ପରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଦେଶ ପାଇଁ ପ୍ରାଣବଳି ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ଓ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରି ଉଦ୍‌ବୋଧନ ଦେଇଥିଲେ।



ଭବାନୀପାଟଣାଠାରେ ଅନୁଷ୍ଠିତ ଶୋଭାଯାତ୍ରାରେ ସାମିଲ ଲୋକପ୍ରତିନିଧି, ଅଧିକାରୀ ଓ ଅନ୍ୟମାନେ।



ନୂଆପଡ଼ା ସହରରେ ଅନୁଷ୍ଠିତ ତ୍ରିରଙ୍ଗା ରାଲି।

# ପର୍ଲାଠାରେ ଫାଣ୍ଡି ସ୍ଥାପନ ଆଶା ଉଜ୍ଜ୍ୱଳ

## ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

**ଧର୍ମଗଡ଼, ୧୫।୫ (ଘାସିରାମ ଜଗତ):** ଗୁରୁବାର ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ପରେ ଧର୍ମଗଡ ଥାନା ପର୍ଲା ଗ୍ରାମଠାରେ ଫାଣ୍ଡି ସ୍ଥାପନ ଆଶା ଉଜ୍ଜ୍ୱଳ ହୋଇଛି। ସୂଚନା ଅନୁସାରେ ଧର୍ମଗଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଲାହର, ସହ ଅଧିକାରୀ ବିରେନ୍ଦ୍ର ପଣ୍ଡା, ପର୍ଲା ରାଜସ୍ୱ ନିରୀକ୍ଷକ ରତେନ୍ଦ୍ର ନିଆଲ, ସରପଞ୍ଚ ବ୍ରିଜଲାଲ ନାଏକଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରାଯାଇଛି। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ପର୍ଲା ଜୟନ୍ତପୁର ରାସ୍ତା ଦେଶୀ ଭାଟି ନିକଟ ଶିଶୋବର୍ଲି ସମ୍ମୁଖରେ ଜମି ଚିହ୍ନଟ ହୋଇଛି। ଫାଣ୍ଡି ସ୍ଥାପନ ପାଇଁ ୫ଏକର ସରକାରୀ ଜମି ଧର୍ମଗଡ ତହସିଲଦାର ଯୋଗାଇ ଦେଇଥିବା ଜଣାପଡିଛି। ଖୁବ ଶୀଘ୍ର ଫାଣ୍ଡି ସ୍ଥାପନ ହେବା ନେଇ ଥାନା ଅଧିକାରୀ କୋଲାହର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ କିଛିଦିନ ତଳେ ସରକାର ନୂତନ ଥାନା ଓ ଫାଣ୍ଡି ସମ୍ପ୍ରସାରଣ ନେଇ ସୂଚନା ଦେଇଥିଲେ। ଏ ନେଇ ପର୍ଲା ଗ୍ରାମବାସୀ କୋରାପୁଟସ୍ଥିତ ଦକ୍ଷିଣାଞ୍ଚଳ ପୋଲିସ କମିଶନଙ୍କୁ ଏକ ଦାବିପତ୍ର ଦେଇଥିଲେ। ଧର୍ମଗଡ ଥାନା ଅଞ୍ଚଳରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ରହିଛନ୍ତି। ହେଲେ ଫାଣ୍ଡି ନ ଥିବାରୁ ସାଧାରଣ ଲୋକେ ଦ୍ରୁତ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରୁଥିଲେ। ଜମି ଚିହ୍ନଟ ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ବ୍ରିଜଲାଲ ନାଏକ, ଭାଜପା ମଣ୍ଡଳ ପ୍ରତିନିଧି ପରାସର ସାହୁ, ଭାଜପା ବୁଥ୍ ସଭାପତି ଲଛମନ ଗୋପାଳ, ଅରକ୍ଷିତ ବାରିକ୍, ସୁବାସ ଦାସ, ପୂର୍ବତନ ସମିତି ସଭ୍ୟ ଅରୁଣ କୁମାର ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ


ମହଦାରେ ଜିଲାପାଳ ଅନ୍ୟା ଦାସ ଧାନକିଣାର ଶୁଭାରମ୍ଭ ଅବସରରେ ପୂଜାର୍ଚ୍ଚନା କରୁଛନ୍ତି।


ରାମପୁରରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଧାନମଣ୍ଡିର ଶୁଭାରମ୍ଭ କରୁଛନ୍ତି।

**ସୋନପୁର/ବିନିକା,୧୫।୫(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)**

■ମହଦା, ବାଙ୍କିଘିର୍ଡି, ରାମପୁରରେ ଖୋଲିଲା ମଣ୍ଡି
■ପ୍ରଥମ ଦିନରେ ବିକ୍ରି ହେଲା ୧୨୯.୯୫କୁଇଣ୍ଟାଲ ଧାନ

ସୁବର୍ଣ୍ଣପୁର ଜିଲାରେ ଗୁରୁବାରରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଜିଲାର ସୋନପୁର ଉପଖଣ୍ଡ ଅନ୍ତର୍ଗତ ବିନିକା ବ୍ଲକର ମହଦା ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ), ବାଙ୍କିଘିର୍ଡି ପାକ୍ସ ଓ ଡୁଙ୍ଗୁରିପାଲି ବ୍ଲକର ରାମପୁର ପାକ୍ସ ମଣ୍ଡିରୁ ଧାନକିଣାର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମହଦା ପାକ୍ସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ମଣ୍ଡିରେ ପୂଜାର୍ଚ୍ଚନା ପରେ ଚାଷୀ ରମେଶ ବାଗଙ୍କ ନିକଟରୁ ୨୭୫ ବସ୍ତା ଧାନ ୧୨୯କୁଇଣ୍ଟାଲ ୯୫କିଲୋ ଧାନ କିଣାଯାଇଛି। ଖୁଡିଆବାହାଲର ସମଲେଶ୍ୱରୀ ରାଇସ୍ ମିଲ୍ ଧାନ ସଂଗ୍ରହ କରିଛି। ସୁବର୍ଣ୍ଣପୁର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପ ନିବନ୍ଧକ ରଶ୍ମିଲତା ବେହେରା, ସୋନପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପାଣ୍ଡୁଚରଣ ସାହୁ, ସହକାରୀ ଯୋଗାଣ ଅଧିକାରୀ ଲଳିତ କୁମାର ପଟ୍ଟନାୟକ, ରେବତୀ ସିଂ ନାୟକ, ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଅବକାଶ ବେହେରା, ବିନିକା ଯୋଗାଣ ନିରୀକ୍ଷକ ପ୍ରମୋଦ ପଣ୍ଡା, ମହଦା ସରପଞ୍ଚ ଭୀମସେନ ସିଂହଦେଓ, ପାକ୍ସ ସଭାପତି ଟୟ ଭୁଏ, ପାକ୍ସ ସମ୍ପାଦକ ନାରାୟଣ ବିଶ୍ୱାଳ, ବିନିକା ପାକ୍ସ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ଚରଦା ପାକ୍ସ ସମ୍ପାଦକ ରବିନାରାୟଣ ଥନାପତି, ସିନ୍ଧୁରପୁର ମୁକ୍ତି କୁମାର ପଣ୍ଡା, ସେଲେଡି ପାକ୍ସ ସମ୍ପାଦକ ସତୀଶ କୁମାର ସାହୁ, ମହଦା ପାକ୍ସ କର୍ମଚାରୀ ସୌରଭ ସିଂହଦେଓ, ନବକୃଷ୍ଣ ବିଶ୍ୱାଳ, ଜପ ମେଲି, ସନ୍ତୋଷ ତଣ୍ଡକାର, ସୁଜିତ ପଧାନ, ସୁରେଶ ସାହୁ, ଗୋପିନାଥ ସାହୁ, ଶତାଧିକ ଚାଷୀ ଓ ଆର୍‌ଏମସି କର୍ମଚାରୀ ଉପସ୍ଥିତ ଥିଲେ।

ସେହିଭଳି ରାମପୁର ମଣ୍ଡିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ରବି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ମିଲର୍ସ ସାଓ୍ୱରିଆ ଅଗ୍ରୱାଲ, ଚନ୍ଦୁ ଅଗ୍ରୱାଲ, ରାମପୁର ପାକ୍ସ ସଭାପତି ଦେବୀପ୍ରସାଦ ରଣା, ସମ୍ପାଦକ ତ୍ରିଲୋଚନ ସାହୁ, ଉମେଶ ପୂଜାରୀ, ମନୋଜ ପୁରୋହିତ, ସରୋଜ ମେହେର, ମାୟାବାର୍ହା ପାକ୍ସ ସମ୍ପାଦକ ଭଗବାନ ପଧାନ ଓ ସମଲେଇଟୁଆଁ ପାକ୍ସ ସମ୍ପାଦକ ରାଜକୁମାର ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ବିନିକା ବ୍ଲକର ବାଙ୍କିଘିର୍ଡି ପାକ୍ସରେ ପୂଜାର୍ଚ୍ଚନା ପରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ପାକ୍ସ ସଭାପତି ମାନସ କୁମାର ବେହେରା, ସମ୍ପାଦକ ତୁଷାର ରଞ୍ଜନ ପଣ୍ଡା ଓ ଶତାଧିକ ଚାଷୀ ଏହି ଅବସରରେ ଉପସ୍ଥିତ ଥିଲେ। ତେବେ ମହଦାରେ ଧାନ କିଣା ଯାଇଥିଲା ବେଳେ ରାମପୁର ଓ ବାଙ୍କିଘିର୍ଡିରେ କେବଳ ମଣ୍ଡି ଶୁଭାରମ୍ଭ ହୋଇଛି। ଚଳିତ ବର୍ଷ ଜିଲାରେ ୩୫ହଜାର ୪୪୫ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ଜିଲାକୁ ୧୬ଲକ୍ଷ ୨୫ହଜାର ୮୨୮କୁଇଣ୍ଟାଲ ଧାନ କ୍ରୟ ପାଇଁ ସରକାର ଟାର୍ଗେଟ୍ ଦେଇଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ୬୭ ପାକ୍ସ ଓ ୧୮ ଡବ୍ଲ୍ୟୁଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବ। ପୂର୍ବ ଭଳି ଏକର ପ୍ରତି ଚାଷୀଙ୍କ ନିକଟରୁ ୨୬ କୁଇଣ୍ଟାଲ ଧାନ କିଣାଯିବ। ଜିଲାର ୫୪ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଜିଲାର ଡୁଙ୍ଗୁରିପାଲି ଓ ବୀରମହାରାଜପୁର ଆରଏମ୍‌ସି ଅଧିନରେ ଚଳିତ ଥର ମୋଟ ୮୭ଟି ମଣ୍ଡି ଖୋଲିବ ବୋଲି ଜିଲାପାଳ ଅନ୍ୟା ଦାସ ସୂଚନା ଦେଇଛନ୍ତି।

## ଅସହାୟ ରୋଗୀଙ୍କୁ ସହାୟତା କଲା ସରପଞ୍ଚ ସଂଘ

**ଅମରପାଲି,୧୫।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଅଡ଼ାଲ ଗ୍ରାମରେ ଏକ ଅସହାୟ ରୋଗୀକୁ ଗୁରୁବାର ସହାୟତାର ହାତ ବଢ଼ାଇଛି ବୀରମହାରାଜପୁର ସରପଞ୍ଚ ସଂଘ। ଅଡ଼ାଲ ଗ୍ରାମର ଆଦିତ୍ୟ ପଧାନ ଗତ କିଛି ବର୍ଷ ହେବ ଏକ ଅଜଣା ରୋଗରେ ପୀଡ଼ିତ ହୋଇଛନ୍ତି। ନିଜ ସାଧ ମୁତାବକ ଚିକିତ୍ସିତ ହେଇ ଆସୁଥିଲେ ମଧ୍ୟ ଅର୍ଥାଭାବରୁ ସେ ଘରେ ପଡ଼ି ରହିଛନ୍ତି। ଆଦିତ୍ୟଙ୍କୁ ସବୁ ସମୟରେ ନିଜ ଶରୀରରେ ଅମ୍ଳଜାନ ଆବଶ୍ୟକ ପଡ଼ିଥାଏ। ସେ ଗତ କିଛି ଦିନ ତାଙ୍କ ପାଖରେ ଥିବା ଅମ୍ଳଜାନ ସରଞ୍ଜାମ ସରିଯାଇଥିବା ବେଳେ ଗାଁର ସ୍ୱେଚ୍ଛାସେବୀଙ୍କ ସହାୟତାରେ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଅମ୍ଳଜାନ ଦିଆଯାଇଥିଲା। ଏନେଇ ଖବର ପାଇ ବୀରମହାରାଜପୁର ସରପଞ୍ଚ ସଂଘର କର୍ମକର୍ତ୍ତା ବୀରମହାରାଜପୁର ଡାକ୍ତରଖାନା ଅଧ୍ୟକ୍ଷ ଡାକ୍ତର ସଞ୍ଜୟ ମହାପାତ୍ର , ଡାକ୍ତର ମାନସ ରଥଙ୍କ ଉପସ୍ଥିତିରେ ତାଙ୍କୁ ଅମ୍ଳଜାନ ସିଲିଣ୍ଡର, ବ୍ୟାଟେରୀ, ସହିତ ଅନ୍ୟ ଉପକରଣ ପ୍ରଦାନ କରିଛନ୍ତି। ସରପଞ୍ଚ ସଂଘ ତରଫରୁ ସଂଘ ଉପଦେଷ୍ଟା ତଥା ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ସଂଘ ସମ୍ପାଦକ ତଥା ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ସ୍ୱେଚ୍ଛାସେବୀ ବିପିନ ପଣ୍ଡା, ଜ୍ୟୋତି ସିଂହ ପ୍ରମୁଖ ଉପସ୍ଥିତ ଥିଲେ।


ସହାୟତା ପ୍ରଦାନ କରୁଛି ସରପଞ୍ଚ ସଂଘ ସଦସ୍ୟମାନେ।

## ବୀର ଯବାନଙ୍କ ସମର୍ଥନରେ ବାଇକ୍ ରାଲି

**ତରଭା,୧୫।୫((ମାନଭଞ୍ଜନ ମିଶ୍ର)**

ଭାରତୀୟ ସେନାର ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ ତରଭା ଏନଏସି ପକ୍ଷରୁ ବୀର ଯବାନଙ୍କ ସମର୍ଥନରେ ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ସୁଶ୍ରୀ ଶତୋ ଲୀନା ମହାଣା ତ୍ରିରଙ୍ଗା ଶୋଭାଯାତ୍ରାର ବାଇକ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏନଏସି କାର୍ଯ୍ୟାଳୟରୁ ରାଲି ବାହାରି ଦୁର୍ଗା ମଣ୍ଡପ, ମାରୱାଡି ପଡା, ସୁନାରୀପଡା, ମେହେର ପଡା, ରଥପଡା, ନୂଆଁପଡା ଦେଇ ପୁଣି ଏନଏସି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ୍,, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଏବିଡ଼ିଓ ନିରଞ୍ଜନ ନାଏକ, ସମସ୍ତ କାଉନସିଲର, ବ୍ଲକ କର୍ମଚାରୀ, ତହସିଲ କର୍ମଚାରୀ, ଭୀମ ଆର୍ମି ସଦସ୍ୟ, ମାହେଶ୍ୱରୀ ସଙ୍ଗଠନ କର୍ମକର୍ତ୍ତା, ସଚେତନ ନାଗରିକ, ଏନଏସି ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।



ବାଇକ ରାଲିର ଶୁଭାରମ୍ଭ କରାଯାଉଛି।

## ସଂକ୍ଷେପରେ

### ଦେଉଳମୁଣ୍ଡା ଭାଗବତ ସପ୍ତାହ, ରୁକ୍ମିଣୀ ବିବାହ

**ବୀରମହାରାଜପୁର,୧୫।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଦେଉଳମୁଣ୍ଡା ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ଚାଲିଥିବା ଭାଗବତ ସପ୍ତାହ ପାରାୟଣର ଗୁରୁବାର ଥିଲା ପଞ୍ଚମ ଦିବସ। ପଞ୍ଚମ ଦିବସରେ କୃଷ୍ଣ ଗୋପାଳ ପୁଅମାନେ ବ୍ରାହ୍ମଣୀମାନଙ୍କୁ ଅନ୍ନ ମାଗିବା, କଂସଙ୍କ ଆଜ୍ଞାରେ ଅକ୍ରୁର କୃଷ୍ଣ ବଳରାମଙ୍କୁ ମଧୁରାକୁ ଆଣିବା, କଂସ ବଧ, ରୁକ୍ମିଣୀ ବିବାହ ଚରିତ୍ର ପାଠ କରିଥିଲେ ବ୍ୟାସ ଲିପକ କୁମାର ମିଶ୍ର। ରୁକ୍ମଣୀ ବିବାହ ବରପିତା କର୍ତ୍ତାଭାବେ ନରେନ୍ଦ୍ର ଚାନ୍ଦ ଓ ତାଙ୍କ ଧର୍ମପତ୍ନୀ ଆନନ୍ଦିତ ଚାନ୍ଦ କାର୍ଯ୍ୟ ତୁଲାଇଥିଲେ। କନ୍ୟାପିତା ଭାବେ କ୍ଷୀରାର୍ଣ୍ଣବ ମହାକୁଡ଼ ସସ୍ତ୍ରୀକ କାର୍ଯ୍ୟ କରିଥିଲେ। କର୍ତ୍ତାଭାବେ ସତ୍ୟନାରାୟଣ ଚାନ୍ଦ ଓ ତାଙ୍କ ଧର୍ମପତ୍ନୀ ଡାକ୍ତର ନିରୂପମା ମହାପାତ୍ର କାର୍ଯ୍ୟ ତୁଲାଇଥିଲେ। ଦେଉଳମୁଣ୍ଡା ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଚାନ୍ଦ, କୃଷ୍ଣଚନ୍ଦ୍ର ପାଢୀ, ମାହେଶ୍ୱରୀ ମନ୍ଦିର ପୂଜକ ପୁରନ୍ଦର ଦେହୁରୀ, ଧୀରେନ୍ଦ୍ର ବାଘ, ମନରଞ୍ଜନ ଚାନ୍ଦ, ସୁଜିତ ଚାନ୍ଦ, ଶୁଭେନ୍ଦୁ ଚାନ୍ଦ, ଗଣେଶ ଚାନ୍ଦ, ରଞ୍ଜିତ ଚାନ୍ଦ, ଧ୍ରୁବ ଚରଣ ବାଘ, ସନ୍ତୋଷ କୁମାର ଚାନ୍ଦ ପ୍ର ସହଯୋଗ କରିଥିଲେ।

### ଅପରେଶନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା

**ବିନିକା,୧୫।୫(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ପକ୍ଷରୁ ଗୁରୁବାର ସକାଳ ୮ ଟାରେ ଅପରେଶନ ସିନ୍ଦୂର ପରାକ୍ରମ ସଫଳତା ନେଇ ଭାରତର ବୀର ଯବାନଙ୍କ ମନୋବଳ ବଢାଇବା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ତ୍ରିରଙ୍ଗା ବିଶାଳ ଶୋଭାଯାତ୍ରାକୁ ଅଧକ୍ଷ ସୁବାଷ ଚନ୍ଦ୍ର ଭୁଏ, ତ୍ରିରଙ୍ଗା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏକ ସୁସଜିତ ରଥରେ ଭାରତ ମାତା ବେଶରେ ଜୟଶ୍ରୀ ମେହେର, ସୈନିକ ବେଶରେ ଦିବ୍ୟଶେଖର ମେହେର, ରିତୁ ସାଣ୍ଢ, ଭବାନୀ ଶଙ୍କର ତରିଆ ଭାଗ ନେଇଥିଲେ। ଏହି ଯାତ୍ରାରେ ଏନଏସି କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲେ। ଶତାଧିକ ପୁରୁଷ ମହିଳା, ବିଭିନ୍ନ ସାମାଜିକ ଅନୁଷ୍ଠାନ ହାତରେ ତ୍ରିରଙ୍ଗା ପତାକା ଧରି ଦେଶାତ୍ମକ ସ୍ଲୋଗାନ ଦେଇଥିଲେ। ତହସିଲଦାର ରୋଶ୍ନା ଭୋଇ, ବରିଷ୍ଠ ଭାଜପା ନେତା ପ୍ରଶାନ୍ତ ଦଣ୍ଡସନା, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା ଉପାଧାକ୍ଷା ତପସ୍ୱିନୀ ମେହେର, ସମସ୍ତ କାଉନସିଲର, ପରିଷଦର ସମସ୍ତ କର୍ମଚାରୀ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ।

## ଅପରେଶନ ସିନ୍ଦୂରର ସଫଳତା ଉତ୍ସବ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ବୀରମହାରାଜପୁର,୧୫।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମାରେ ଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଗୁରୁବାର ସକାଳ ୯ଟାରେ ଅପରେଶନ ସିନ୍ଦୂରର ସଫଳତା ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରତାପ ଶଙ୍କର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ୧୯୭୧ରେ ହୋଇଥିବା ଯୁଦ୍ଧରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏଥିସହ ଅପରେଶନ ସିନ୍ଦୂରରେ ଭାରତୀୟ ସୈନିକମାନଙ୍କ ସଫଳତାର ପ୍ରଶଂସା କରିଥିଲେ। ଭାରତୀୟ ସ୍ୱଦେଶୀ କୌଶଳରେ ନିର୍ମିତ କ୍ଷେପଣାସ୍ତ୍ର ଅତୀବ ଉନ୍ନତ ମାନର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ଭଗବାନ ମିଶ୍ର, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ଅନୁଷ୍ଠାନ କୋଷାଧ୍ୟକ୍ଷ ଦୟାନିଧି ହୋତା ସ୍ୱାଗତ କରିଥିଲେ। ଭୂଷଣ କୁମାର ପାତ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ପାକିସ୍ଥାନର ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟ ସୈନିକ ଓ ସାଧାରଣ ନାଗରିକମାନଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଡ. ଦ୍ୱିତୀକୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟରେ ଚମରା ମହାକୁର, ବଳରାମ କାଣ୍ଡ, ବାସୁଦେବ ପଣ୍ଡା, ନାରାୟଣ ପ୍ରସାଦ ନାୟକ, ଅକ୍ଷୟ ମିଶ୍ର, ଦିଲୀପ ମିଶ୍ର, ଅକ୍ରୁର ଦନ୍ତା, ଗୋପୀନାଥ ମହାକୁର, ରାଧେଶ୍ୟାମ ରାଏ, ଜୟଦେବ ସାହୁ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ପରାକ୍ରମ ଶୋଭାଯାତ୍ରା

**ବୌଦ୍ଧ,୧୫।୫(ଅଜିତ କୁମାର ବାରିକ)**

ଭାରତୀୟ ସେନାର ଅପରେସନ ସିନ୍ଦୂରର ସଫଳତା ପରେ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଗୁରୁବାର ବୌଦ୍ଧରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଏକ ମଟରସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାକୁ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବା ପରାକ୍ରମ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲା ସଂଗ୍ରହାଳୟ ଠାରେ ପହଞ୍ଚିଥିଲା। ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଓ ଜିଲାସ୍ତରୀୟ ଅଧିକାରୀମାନେ ସାମିଲ ଥିଲେ। ଶୋଭାଯାତ୍ରାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଓ ଅଧାପକ ପ୍ରବୀର କୁମାର ଦାସ ପରିଚାଳନା କରିଥିଲେ। ଶୋଭାଯାତ୍ରାରେ ବୌଦ୍ଧର ଜନସାଧାରଣ, ଶିକ୍ଷାନୁଷ୍ଠାନ ଗୁଡିକର ଶିକ୍ଷୟିତ୍ରୀ, ଶିକ୍ଷକ, ଅଧାପିକା, ଅଧାପକ, ଏନ୍‌ସିସି, ହୋମାଗାର୍ଡ, ରେଡକ୍ରସ ଛାତ୍ରୀଛାତ୍ର, ପୋଲିସ କର୍ମଚାରୀ, ମେଡିକାଲ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ, ଓଡ୍ରାଫ, ଅଗ୍ନିଶମ ବାହିନୀ ସାମିଲ ଥିଲେ। ମହାନଦୀ ଆଳତି ଘାଟଠାରେ ଶୋଭାଯାତ୍ରାକୁ ଭାରତ ସ୍ୱାଭିମାନ ଟ୍ରଷ୍ଟ ଯୋଗ ପରିବାର ଓ ବ୍ରାହ୍ମଣ ସମାଜ ପକ୍ଷରୁ ଘଣ୍ଟ ଓ ହୁଳହୁଳି ଦେଇ ସ୍ୱାଗତ କରାଯାଇଥିଲା। ବଜରଙ୍ଗ ଦଳ, ତ୍ରିରଙ୍ଗା ଶୋଭାଯାତ୍ରା କମିଟି ସଦସ୍ୟ ମଧ୍ୟ ଶୋଭାଯାତ୍ରାରେ ସାମିଲ ଥିଲେ।

## ସୁବର୍ଣ୍ଣପୁରରେ ପରାକ୍ରମ ରାଲି

**ସୋନପୁର,୧୫।୫(ମୃତ୍ୟୁଞ୍ଜୟ ଶତପଥୀ)**

**ଅପରେଶନ ସିନ୍ଦୂରର ସଫଳତା ପରେ ତ୍ରିରଙ୍ଗା ବାଇକ୍ ଯାତ୍ରା**

ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେଶନ ସିନ୍ଦୂରର ସଫଳତା ପରେ ଗୁରୁବାର ସୁବର୍ଣ୍ଣପୁର ସହରରେ ଏକ ତ୍ରିରଙ୍ଗା ବାଇକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ସୁବର୍ଣ୍ଣପୁର ପୌର ପରିଷଦ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ପରାକ୍ରମ ବାଇକ ରାଲି ଭାରତୀୟ ସେନାଙ୍କ ଅଭୂତପୂର୍ବ ତ୍ୟାଗ, ସାହସ ଓ ଦୁଃସାହସିକତା ପ୍ରତି ସମ୍ମାନ ଓ ସ୍ମୃତିସ୍ୱରୂପ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଭାରତର ସୁରକ୍ଷା ପାଇଁ ସେନାର ଅଗାଢ ପରିଶ୍ରମକୁ ସମ୍ମାନ ଦେବା ଓ ନାଗରିକଙ୍କ ମଧ୍ୟରେ ଦେଶପ୍ରେମ ଓ ସୁରକ୍ଷା ଜ୍ଞାନ ବୃଦ୍ଧି କରିବା। ମୁଖ୍ୟ ଅତିଥିଭାବେ ଜିଲାପାଳ ଅନ୍ୟା ଦାସ ଯୋଗଦେଇ ବାଇକ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେ ଅପରେଶନ ସିନ୍ଦୂରରେ ଭାରତୀୟ ସେନାଙ୍କ ପରାକ୍ରମକୁ ପ୍ରଶଂସା କରି ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଦେଶର ସୁରକ୍ଷା ଓ ପ୍ରଗତି ପାଇଁ ନାଗରିକଙ୍କ ଏକତା ବଢ଼ାଇବା ଉପରେ ଗୁରୁତ୍ୱରୋପ କରିଥିଲେ। ଏହି ଶୋଭାଯାତ୍ରା ସୋନପୁର ରୋୟାଲ ପଡିଆରୁ ଆରମ୍ଭ ହୋଇ ବ୍ଲକ ଛକ, ଆମ୍ବେଦକର ଛକ, କଚେରୀ ଛକ, ବିଜୁପଟ୍ଟନାୟକ ଛକ, ନଳିନୀ ଛକ ଦେଇ ଟାଉନ ହଲ ପରିସରରେ ସରିଥିଲା। ରାଲିରେ ପୋଲିସ, ସୁରକ୍ଷା ବାହିନୀ, ଅଗ୍ନିଶମ ବିଭାଗର କର୍ମଚାରୀ, ଲୋକପ୍ରତିନିଧି ଓ ସାଧାରଣ ଜନତା ତ୍ରିରଙ୍ଗା ପତାକା ଧରି ବାଇକ ଚଳାଇ ବନ୍ଦେ ମତରମ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରଦୀପ କୁମାର ଗୁରୁ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପଲ୍ଲବୀରାଣୀ ରାଜ, ସୋନପୁର ଉପଜିଲାପାଳ ଡ ସୋମ୍ୟରୂପା ରଥ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଅଗ୍ନିଶମ ଅଧିକାରୀ, ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଏନ.ସି.ସି, ଏନ.ଏସ.ଏସ, ରେଡକ୍ରସର ସେୱଚ୍ଛାସେବୀ, ସରକାରୀ କର୍ମଚାରୀ ଓ ଜନସାଧାରଣ ସାମିଲ ହୋଇଥିଲେ।


ବୌଦ୍ଧ: ଜିଲାପାଳଙ୍କ ଅଫିସ ଆଗରୁ ପରାକ୍ରମ ଶୋଭାଯାତ୍ରା ବାହାରୁଛି।



ସୋନପୁର: ସୈନ୍ୟବାହିନୀର ମନୋବଳ ବଢ଼ାଇବା ପାଇଁ ବାହାରିଥିବା ତ୍ରିରଙ୍ଗା ଯାତ୍ରା।

## ସଂକ୍ଷେପରେ

### ୨ ବାଳିକା ବଧୂଙ୍କୁ ଉଦ୍ଧାର କଲା ଚାଇଲ୍ଡ ଲାଇନ

**ରାଉରକେଲା, ୧୫ା୫(ସଙ୍ଗୀତା ଜେନା):** ସୁନ୍ଦରଗଡ଼ ଜିଲା ଶିଶୁ କଲ୍ୟାଣ ସମିତି ଏବଂ ପୋଲିସ ସହାୟତାରେ ଗୁରୁବାର ୨ଜଣ ବାଳିକା ବଧୂଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ, ଗୁରୁବାର ପୂର୍ବାହ୍ଣ ୧୧ଟାରେ କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଜଣେ ନାବାଳିକା(୧୬)ଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏ ନେଇ ସୂଚନା ମିଳିବା ପରେ ସିଡବ୍ଲ୍ୟୁସି ସଦସ୍ୟ ପୋଲିସ ସହାୟତାରେ ଉକ୍ତ ବାଳିକା ବଧୂଙ୍କୁ ଉଦ୍ଧାର କରିଥିଲେ। ସେହିପରି ଅପରାହ୍ଣ ୪ଟାରେ ଚାଇଲ୍ଡ ଲାଇନ୍ ସଦସ୍ୟ ଉଦିତନଗର ଥାନା ପୋଲିସ ସହାୟତାରେ ଡିଏଭି ଡଙ୍ଗା ଛକ ଆଖଣ୍ଡଳମଣି ବସ୍ତିରୁ ଜଣେ ନାବାଳିକା(୧୪)ଙ୍କୁ ଉଦ୍ଧାର କରିଛନ୍ତି। ନାବାଳିକା ଜଣଙ୍କ ବିହାର ରାଜ୍ୟର। କିଛିଦିନ ତଳେ ରାଉରକେଲାର ଜଣେ ଯୁବକ (୨୨)ଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା। କୌଣସି ସୂତ୍ରରୁ ଶିଶୁ କଲ୍ୟାଣ ସମିତି ସୂଚନା ପାଇଥିଲା। ସିଡବ୍ଲ୍ୟୁସି ସଦସ୍ୟ ବାଲମୁକୁନ୍ଦ ଶୁକ୍ଳାଙ୍କ ନେତୃତ୍ୱରେ କୁଆଁରମୁଣ୍ଡା ସିଡିପିଓ ତପସ୍ୱିନୀ ବେଶନ, ସିଡବ୍ଲ୍ୟୁସି ସଦସ୍ୟା ସୁଜାତା ନାୟକ, ସଖି ସେଣ୍ଟରର ପରିଚାଳକ ହିରେନ ଭୀରୁ ପ୍ରମୁଖ ଉକ୍ତ ବାଳିକା ବଧୂଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କୁ ସଖି ୱାନ୍ ଷ୍ଟପ୍ ସେଣ୍ଟରରେ ପରାମର୍ଶ ଓ ସହଯୋଗ ପାଇଁ ରଖାଯାଇ ତଦନ୍ତ ଚାଲିଛି।

### ଟ୍ରେନରେ ବିଏସ୍ଏଫ୍ ଯବାନଙ୍କ ମୃତ୍ୟୁ

**ରାଉରକେଲା, ୧୫ା୫(ସଙ୍ଗୀତା ଜେନା):** ଆସାମସ୍ଥିତ ଘରେ ଛୁଟି କଟାଇବା ପରେ ଟ୍ରେନରେ କର୍ମକ୍ଷେତ୍ର ଛତିଶଗଡ଼ ଯାଉଥିବା ବେଳେ ଜଣେ ବିଏସ୍ଏଫ୍ ଯବାନଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଏସ୍ଏଫ୍ ୧୩୩ ବାଟାଲିୟନର କନଷ୍ଟେବଲ ସଞ୍ଜୟ ଦାସ(୩୯)। ଗୁରୁବାର ରାଉରକେଲା ଜିଆର୍‌ପି ଏକ ମାମଲା (ନଂ.୩୭/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଯବାନଙ୍କ ମୃତଦେହ ଭୁବନେଶ୍ୱର ନିଆଯିବା ପରେ ସେଠାରୁ ବିମାନରେ ଆସାମ ପଠାଯିବ । ସୂଚନା ଅନୁସାରେ, ସଞ୍ଜୟ ଆସାମରୁ ଛତିଶଗଡ଼ ଯିବା ପାଇଁ ବୁଧବାର ଗୀତାଞ୍ଜଳି ଏକ୍ସପ୍ରେସରେ ଯାତ୍ରା କରୁଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ସେ ବସିଥିବା ଏସ୍-୪ କୋଚ୍ ବାଥ୍‌ରୁମ୍‌ରେ ଅଚେତ ହୋଇପଡିଥିଲେ। ରେଳବାଇ ସୁରକ୍ଷା ଅଧିକାରୀମାନେ ତୁରନ୍ତ ଡାକ୍ତରଙ୍କୁ ଡକାଇଥିଲେ। ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଶୋକ ବେଦବ୍ୟାସ ଗୋଶାଳା ଅଧକ୍ଷ

**ରାଉରକେଲା, ୧୫ା୫(ଦିନେଶ ମିଶ୍ର):** ଶ୍ରୀ ବେଦବ୍ୟାସ ଗୋଶାଳା ସମିତିର ବାର୍ଷିକ ସାଧାରଣ ଅଧିବେଶନ ଗୋ-ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଅଶୋକ ଅଗ୍ରୱାଲଙ୍କୁ ୨ ବର୍ଷ ପାଇଁ ଅଧକ୍ଷ ଭାବେ ମନୋନିତ କରାଯାଇଥିଲା। ସମ୍ପାଦକ ପ୍ରତୀକ କୟାଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ କୈଳାସ ମାରୋଠିଆ ଦୁଇ ବର୍ଷର ହିସାବ ବିବରଣୀ ପ୍ରଦାନ କରିଥିଲେ।



ଗୁରୁବାର ପରାକ୍ରମ ଶୋଭାଯାତ୍ରା ରାଉରକେଲା ସହର ପରିକ୍ରମା କରୁଛି।

## ଷ୍ଟିଲ ସିଟିରେ ପରାକ୍ରମ ଶୋଭାଯାତ୍ରା

**ରାଉରକେଲା, ୧୫ା୫(ଦିନେଶ ମିଶ୍ର)**

'ଅପରେସନ ସିନ୍ଦୂର'ର ସଫଳତା ପରେ ରାଜ୍ୟରେ ପରାକ୍ରମ ଶୋଭାଯାତ୍ରା ଆୟୋଜନ କରାଯାଉଛି। ଏହି କ୍ରମରେ ଯବାନମାନଙ୍କ ଶୌର୍ଯ୍ୟ, ତ୍ୟାଗ ଓ ବୀରତ୍ୱର ସମ୍ମାନ ପାଇଁ ଗୁରୁବାର ରାଉରକେଲା ମହାନଗର ନିଗମ (ଆର୍ଏମ୍‌ସି) ତରଫରୁ ପରାକ୍ରମ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଆର୍ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଆର୍ଏମ୍‌ସି କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହୋଇଥିଲା ଏବଂ ଛେଣ୍ଡ ଛକ, ସ୍ୱେସ୍ ଛକ, ଆମ୍ବାଗାନ୍, ସେକ୍ଟର ୨, ଟ୍ରାଫିକ୍ ଗେଟ୍ ଛକ, ଡେଲି ମାର୍କେଟ ମେନ ରୋଡ୍, ଆମ୍ବେଡ଼କର ଛକ ହୋଇ ଆର୍ଏମ୍‌ସି କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ରାଉରକେଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅଧିକାରୀ, କର୍ମଚାରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ହାତରେ ଜାତୀୟ ପତାକା ଧରି ଏଥିରେ ସାମିଲ ହୋଇଥିଲେ। ପରାକ୍ରମ ଶୋଭାଯାତ୍ରାରେ ପାନପୋଷ ଉପ ଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ସହକାରୀ ଆୟୁକ୍ତ ଅଭିଷେକ ମିଶ୍ର, ପ୍ରବର୍ତ୍ତନ ଅଧିକାରୀ ସ୍ୱାଧୀନ କୁମାର ବିଶ୍ୱାଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାଜପଥରେ ଫାଟ, କାମଚଳା ମରାମତି

**ରାଉରକେଲା, ୧୫ା୫(ସଙ୍ଗୀତା ଜେନା)**

ଜାତୀୟ ରାଜପଥ ନଂ. ୧୪୩ର ବିରମିତ୍ରପୁରଠାରୁ ଲହୁଣୀପଡ଼ା ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ଦୁର୍ଘଟଣା ଆଶଙ୍କା ରହିଛି। ଅନ୍ୟପକ୍ଷେ ବିଭାଗ ପକ୍ଷରୁ କାମଚଳା ଭାବେ ରାସ୍ତାରେ ଫାଟ ମରାମତି କରାଯାଇଥିବା ଦେଖିବାକୁ ମିଳିଛି।

ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ରାଞ୍ଚିରୁ ଓଡ଼ିଶାର ବଅଁରପାଳକୁ ଜାତୀୟ ରାଜପଥ ନଂ. ୧୪୩ ସଂଯୋଗ କରୁଛି। ଏହି ରାଜପଥରେ ଦୈନିକ ହଜାର ହଜାର କୋଟି ଟଙ୍କାର ପରିବହନ କରାଯାଉଛି। ଉକ୍ତ ସଡ଼କ ଉତ୍ତର ଭାରତ ସହ ସଂଯୁକ୍ତ ଥିବା ଯୋଗୁ ବାଣିଜ୍ୟକ କ୍ଷେତ୍ରରେ ଏହାକ ବେଶ୍ ଗୁରୁତ୍ୱ ବହନ କରୁଛି। କିଛିବର୍ଷ ହେଲା ଏହି ରାଜପଥ ଅବହେଳିତ ଓ ବିପର୍ଯ୍ୟସ୍ତ ହୋଇପଡିଥିଲା। ବିରମିତ୍ରପୁର ଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ଥିଲା। ଏହାକୁ ପୁନଃ ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି ଓ ଆନ୍ଦୋଳନ କରିବା ପରେ ୪ ଲେନ୍ କଂକ୍ରିଟ୍ ରାସ୍ତାକାମ ଆରମ୍ଭ ହୋଇଥିଲା। ୩/୪ ବର୍ଷ ପରେ ରାସ୍ତା ନିର୍ମାଣ ଶେଷ ହୋଇଥିଲା। ତେବେ ବିରମିତ୍ରପୁରଠାରୁ ଲହୁଣୀପଡ଼ା ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା କରାଯାଇଥିବାରୁ ଯାନବାହନ ଚଳାଚଳ ଯୋଗୁ ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି। ଶଙ୍ଖ ନଦୀ ସେତୁ ଅତିକ୍ରମ କରିବା ପରେ ଜମୁନାଢ଼ିପା ଗଣେଶ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଫାଟିଯାଇଛି। ବର୍ତ୍ତମାନ ଏଗୁଡ଼ିକ ମରାମତି କରାଯାଉଛି। ସେହିପରି ଡାଏରୀ ଫାର୍ମ ଚୁଟିଆଟୋଲା, ବାଇପାସ୍ ରାସ୍ତାର ଅନେକ ସ୍ଥାନରେ କଂକ୍ରିଟ୍ ବାହାରି ଯାଇ ଚିପ୍‌ସ ଦେଖାଯାଉଛି। ଏହି ଫାଟକୁ ମରାମତି କରି ଲୁଚାଇବା ପାଇଁ ମଧ ଉଦ୍ୟମ ହେଉଛି।

ସ୍ଥାନୀୟ ବାସିନ୍ଦା ରୀତା କେର୍କେଟା କୁହନ୍ତି, ଏହି ରାସ୍ତା ବହୁ ଆନ୍ଦୋଳନର ଫଳ ଅଟେ। ଦୀର୍ଘଦିନ ଧରି ଦାବି କରିବା ପରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଜମି ଅଧିଗ୍ରହଣ ସହ ରାସ୍ତା ନିର୍ମାଣ କରାଗଲା। ନିର୍ମାଣ ସମୟରେ ଉପଯୁକ୍ତ ତଦାରଖ କରାଗଲା ନାହିଁ। କଂକ୍ରିଟ୍ ରାସ୍ତା ନିର୍ମାଣ ବେଳେ ସାମଗ୍ରୀର ପ୍ରକୃତ ଅନୁପାତ ବଜାୟ ରଖାଗଲା ନାହିଁ। ଅନେକ ସ୍ଥାନରେ ଲୁହାରଡ୍ ବିଛା ହୋଇ ନ ଥିବା ଯୋଗୁ ତାହା ଦବିଯାଉଛି। ସେହିପରି ଅନେକ ସ୍ଥାନରେ ମେଶିନ ସାହାଯ୍ୟରେ କଂକ୍ରିଟ୍ କରା ନ ଯାଇ ଶ୍ରମିକଙ୍କ ଦ୍ୱାରା ପାରମ୍ପରିକ ଉପାୟରେ କରାଯାଇଥିଲା। ଅନୁରୂପ ଭାବେ କଂକ୍ରିଟ୍ ବେଳେ ଭାଇବ୍ରେସନ ମେଶିନ ବ୍ୟବହାର କରାଯାଇନାହିଁ। ତେଣୁ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୈନିକ ଏହି ରାସ୍ତାରେ ହଜାର ହଜାର ଭାରିଯାନ ଚଳାଚଳ କରାଯାଉଛି। ରାସ୍ତାରେ ଫାଟ ଯୋଗୁ ଦୁର୍ଘଟଣା ଆଶଙ୍କା ରହିଛି। ଏହାକୁ ସମୟ ପୂର୍ବରୁ କର୍ତ୍ତୃପକ୍ଷ ମରାମତି କରି ସୁରକ୍ଷିତ ଗମନାଗମନ ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି କେର୍କେଟା କହିଥିଲେ।

ଏ ସମ୍ପର୍କରେ ଏନ୍ଏଚ୍ଏଆଇର ବରିଷ୍ଠ ଯନ୍ତ୍ରୀ ସଚ୍ଚିନ୍ଦ୍ର ଚୌଧୁରୀଙ୍କୁ ପଚରାଯିବାରୁ ସେ କହିଲେ, ଉକ୍ତ ୪ ଲେନ୍ ରାସ୍ତା ନିର୍ମାଣକୁ ପ୍ରାୟ ୪ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି। ବର୍ତ୍ତମାନ ଏହା ମରାମତି ପ୍ୟାକେଜ୍ ଦେଇ ଅତିକ୍ରମ କରୁଛି। ଦିନକୁ ଦିନ ଉକ୍ତ ରାସ୍ତା ଉପରେ ଅଧିକ ଟ୍ରାଫିକ୍ ଚାପ ରହୁଛି। ବାହାର ତଥା ଓଡ଼ିଶାର ହଜାର ହଜାର ଭାରିଯାନ ଚଳାଚଳ କରୁଛି। ଏହାର ଚାପ ଯୋଗୁ ଫାଟ ସୃଷ୍ଟି ହେଉଛି। ଯାହାକୁ ଏବେ ମରାମତି କରାଯାଉଛି। ଏହି ଫାଟ ବେଶ୍ ସ୍ୱାଭାବିକ୍ ଅଟେ। ରାସ୍ତା ଯାଞ୍ଚ କରି ପ୍ରତ୍ୟେକ ଦିନ ମରାମତି କାର୍ଯ୍ୟ କରାଯାଉଛି। ସୁରକ୍ଷିତ ଗମନାଗମନ ପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ଚୌଧୁରୀ କହିଥିଲେ।



ଫାଟ ହୋଇଥିବା ଜାତୀୟ ରାଜପଥକୁ ମରାମତି କରାଯାଇଛି।

## କୋଇଲା ବ୍ୟବସାୟକୁ ନେଇ ଟୋକନ ଅଫିସ ଭଙ୍ଗାରୁଜା

**ହେମଗିର, ୧୫ା୫(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନାସ୍ଥିତ ବିଜିଏମ୍ଏସ୍‌ର ଟୋକନ ଅଫିସରେ ବୁଧବାର ଅପରାହ୍ଣ ୫ଟାରେ କୋଇଲା ବ୍ୟବସାୟକୁ କେନ୍ଦ୍ରକରି କେତେଜଣ ବ୍ୟକ୍ତି ଅଫିସ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଏନେଇ ଟୋକନ ଅଫିସର ସଞ୍ଜୀବ କୁମାର ସ୍ୱାଇଁ ହେମଗିର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୨୦୦/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ବିଜିଏମ୍ଏସ୍‌ର ଟୋକନ ଅଫିସଠାରେ ବୁଧବାର ଅପରାହ୍ଣ ପ୍ରାୟ ୫ଟାରେ ୧୦ରୁ ୧୫ଜଣ ବ୍ୟକ୍ତି ଲୁହା ରଡ଼ ଓ ହାତୁଡ଼ି ଧରି ଅଫିସ ପହଞ୍ଚି ଭଙ୍ଗାରୁଜା କରିବା ସହିତ ଗାଳିଗୁଲଜ କରି ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଯାହାଫଳରେ କାର୍ଯ୍ୟରତ କର୍ମଚାରୀମାନେ ଅଫିସରୁ ବାହାରି ଆସିଥିଲେ। ଏହି ଭଙ୍ଗାରୁଜାରେ ୨ଟି ଲାପଟପ, ଚେୟାର, ଅଫିସର ଝରକାର କାଚ ଭାଙ୍ଗି ଦେଇଥିବା ହେମଗିର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବିସ୍ଥାପିତଙ୍କ ଗାଡ଼ି ମାଲିକ ସଂଘ(ବିଜିଏମ୍ଏସ୍)ର ସଭାପତି ଗୋପାଳ ପ୍ରଧାନ ଏହା ଏକ ନିନ୍ଦନୀୟ ଘଟଣା କହି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।



ଟୋକନ ଅଫିସରେ ପୋଲିସ ତଦନ୍ତ କରୁଛି।



ପଦକ ସହ କୃତୀ କରାଟେକା ପ୍ରତିଯୋଗୀଗଣ।

## ସବ୍ ଜୁନିୟର କରାଟେ ଚାମ୍ପିୟନଶିପ୍: ରାଉରକେଲାକୁ ୨୦ ପଦକ

**ରାଉରକେଲା, ୧୫ା୫(ଦିନେଶ ମିଶ୍ର)**

ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍କା) ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ୩୬ତମ ସବ୍‌ଜୁନିୟର ରାଜ୍ୟ ଚାମ୍ପିୟନଶିପ୍ ଗତ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଓସ୍କା ସ୍ୱୀକୃତିପ୍ରାପ୍ତ ୯୦ଟି ଜିଲା କରାଟେ ସଂଘ ମାଧ୍ୟମରେ ରାଜ୍ୟର ୭ଶହ କରାଟେକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ରାଉରକେଲା କରାଟେ ଆସୋସିଏଶନ ସ୍ୱୀକୃତିପ୍ରାପ୍ତ କରାଟେ ସ୍କୁଲରୁ ୨୫ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ପ୍ରିୟାଂଶୀ ଦାସ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ଅର୍ଣ୍ଣାଦିତ୍ୟା ସ୍ୱାଇଁ ୧ଟି ସ୍ୱର୍ଣ୍ଣ ସହ ୧ଟି ରୌପ୍ୟ, ସୁହାନି ମିଶ୍ର, ଆର୍ଯ୍ୟବ୍ରତ ବିଶ୍ୱାଳ, ଅର୍ପିତା ପଣ୍ଡା, ରେୟାଂଶ ଚୌଧୁରୀ, ଆୟୁଷ୍ମାନ ବାରିକ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ପାଇଥିଲେ। କରାଟେକା ଡି. ଧ୍ରୁନଶ, ସୂର୍ଯ୍ୟପ୍ରକାଶ ଘଡେଇ, ସାଚୀ ମିଶ୍ର, ଶୁଭଶ୍ରୀ ଏସ୍, ନାଥ, ଆର୍ଯ୍ୟା ବଂଶୀକା, ଶୁଭକାନ୍ତ ସ୍ୱାଇଁ ଗୋଟିଏ ଲେଖାଏଁ ରୌପ୍ୟ ପଦକ ପାଇଥିଲେ। ସେହିଭଳି ସାମୂହିକ ଭାବେ ଜିଜ୍ଞାସା ମାର୍ଥା, ଆଦିତ୍ୟ ଷଡଙ୍ଗୀ, ଅସୀମ ଅଦିତି ଗୋଟିଏ ଲେଖାଏଁ କାଂସ୍ୟ ପଦକ ଓ ବାଳିକା ବିଭାଗରେ ସୁହାନି ମିଶ୍ର, ଅର୍ପିତା ପଣ୍ଡା, ଆର୍ଯ୍ୟା ବଂଶୀକା ଗୋଟିଏ କାଂସ୍ୟ ପଦକ ସହ ବାଳକ ବିଭାଗରେ ଆର୍ଯ୍ୟବତ ବିଶ୍ୱାଳ, ସୂର୍ଯ୍ୟପ୍ରକାଶ ଘଡେଇ, ମିଳନ ନାୟକ, ଶୁଭକାନ୍ତ ସ୍ୱାଇଁ ପ୍ରମୁଖ ଗୋଟିଏ କାଂସ୍ୟ ପଦକ ପାଇଥିଲେ। ରାଉରକେଲାର କରାଟେକା ୭ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ପାଇଥିଲେ। ଏହି ଦଳରେ ଅଭିଷେକ ପଟ୍ଟନାୟକ ଓ ରଞ୍ଜନ ପାତ୍ର କୋଚ୍ ଦାୟିତ୍ୱ ତୁଲାଇଥିବାବେଳେ ରାଉରକେଲା କରାଟେ ଆସୋସିଏଶନ ସମ୍ପାଦକ ରାଜୀବ ସିଂ ଅଫିସିଆଲ ନେତୃତ୍ୱ ନେଇଥିଲେ। ଧର୍ମେନ୍ଦ୍ର ସିଂ ସହଯୋଗ କରିଥିଲେ। ଓସ୍କା ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ, ବାସନ୍ତୀ ସାଂସ୍କୃତିକ ପରିଷଦ ଓ ସହରସେବା ସମିତିର କର୍ମକର୍ତ୍ତା କୃତୀ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜାଲ୍ କରି ଶୋ'ରୁମ୍ ପୁରୁଣା କାର୍ ବିକ୍ରି, କର୍ମଚାରୀ ଗିରଫ

**ରାଉରକେଲା, ୧୫ା୫(ସଙ୍ଗୀତା ଜେନା)**

ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଥିବା ଏକ ଶୋରୁମ୍‌ର ପୁରୁଣା କାର୍ ଜାଲ୍ କରି ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ପୂର୍ବାହ୍ଣ ୧୧ଟାରେ ସେକ୍ଟର-୧୫ ଥାନା ଅଞ୍ଚଳର ମହମ୍ମଦ ଦାଉଦ(୪୭)ଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୯୪/୨୫) ରୁଜୁ ହୋଇଛି। ସେହିପରି ବିଭିନ୍ନ ସ୍ଥାନରୁ ୮ଟି ପୁରୁଣା କାର୍ ସହ ୨୯ ଲକ୍ଷ ୫୦ ହଜାର ଟଙ୍କା (ଟ୍ରାଞ୍ଜାକ୍ସନ) ଜବତ ହୋଇଛି।

ସୂଚନା ଅନୁସାରେ, ଗତ ଫେବୃଆରୀ ୨୫ ତାରିଖ ମଧ୍ୟାହ୍ନ ୧୨ଟା ୧୫ମିନିଟ୍‌ରେ ସିଭିଲଟାଉନଶିପ୍ ଅଞ୍ଚଳର ସୀତା ଅଟୋକେୟାର (କିଆ ମୋଟର୍ସ ଡିଲର)ର ଋଷଭ ଅଗ୍ରୱାଲ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ଶୋରୁମ୍ ଆକାଉଣ୍ଟ ଯାଞ୍ଚ ସମୟରେ ପୁରୁଣା କାର୍ (ଏକ୍ସଚେଞ୍ଜ କାର)ଗୁଡ଼ିକ ଷ୍ଟକ୍‌ୟାର୍ଡରେ ନ ଥିବା ଜଣାପଡିଥିଲା। ବ୍ୟାଙ୍କ ଆକାଉଣ୍ଟରେ ମଧ ୪କୋଟି ଟଙ୍କା ହେରଫେର ହୋଇଥିବା ଜଣାପଡିବା ପରେ ଋଷଭ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କାଳରେ ନିଖୋଜ କାର୍‌ଗୁଡ଼ିକ ବିଭିନ୍ନ ଲୋକଙ୍କୁ ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲା। ଏହି ଅଭିଯୋଗରେ ପୋଲିସ ମହମ୍ମଦଙ୍କୁ ଗିରଫ କରିଥିଲା। ଏହି ଜାଲ୍ କାରବାରରେ ଶୋ'ରୁମ୍‌ର ଅନ୍ୟ କର୍ମଚାରୀମାନେ ସଂଶ୍ଲିଷ୍ଟ ଥିବା ସନ୍ଦେହ କରାଯାଉଛି ଓ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

## ଆଟ୍ରିଏଲ ଆରିଥ୍‌ମିଆ ରୋଗର ଉନ୍ନତ ଚିକିତ୍ସା ପାଇଁ ଇସିଜି ଲିଡ୍ ସିଷ୍ଟମ ବିକଶିତ

**ରାଉରକେଲା, ୧୫ା୫(ସଙ୍ଗୀତା ଜେନା)**

### ରାଉରକେଲା ଏନ୍ଆଇଟିର ସଫଳତା

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି)ର ଗବେଷକମାନେ ହୃତ୍‌ପିଣ୍ଡ କ୍ରିୟା (ହାର୍ଟ ଆକ୍ଟିଭିଟି) ନିରୀକ୍ଷଣ କରିବା ପାଇଁ ସବୁଠାରୁ ଅଧିକ ବ୍ୟବହୃତ କୌଶଳ ମଧ୍ୟରୁ ଏକ ପ୍ରଭାବଶାଳୀ ଇଲେକ୍ଟ୍ରୋକାର୍ଡିଓଗ୍ରାଫି (ଇସିଜି) ବିକଶିତ କରିଛନ୍ତି। ଏହି ନୂତନ ସିଷ୍ଟମ ହୃତ୍‌ପିଣ୍ଡ ଉପର କୋଠରିର ସୂକ୍ଷ୍ମ ବୈଦ୍ୟୁତିକ ସଙ୍କେତଗୁଡ଼ିକ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ, ଯାହା ସାଧାରଣ ଇସିଜିରେ ସ୍ପଷ୍ଟ ଭାବେ ଦେଖାଯାଇ ନ ଥାଏ। ସାଧାରଣ ଇସିଜିର ଅନିୟମିତତା ଯୋଗୁ ଆଟ୍ରିଏଲ ଫେବ୍ରିକେଶନ ଭଳି ଗମ୍ଭୀର ଅବସ୍ଥା ହୋଇପାରେ ଯାହା ଆଗକୁ ହୃଦ୍‌ଘାତ ପରିସ୍ଥିତି ସୃଷ୍ଟି କରିପାରେ।

ସାରା ବିଶ୍ୱରେ ବହୁ ସଂଖ୍ୟାରେ ହୃଦ୍‌ରୋଗଜନିତ ମୃତ୍ୟୁ ପାଇଁ ଅନିୟମିତ ହୃତ୍‌ସ୍ପନ୍ଦନ କିମ୍ବା ଆରିଥମିଆ ଦାୟୀ। ପ୍ରାରମ୍ଭିକ ଅବସ୍ଥାରେ ଏହି ରୋଗ ଚିହ୍ନଟ ହେଲେ ଏହାର ଜଟିଳତାକୁ ରୋକାଯାଇପାରିବ। ଡାକ୍ତରୀ ଭାଷାରେ ଏହି ଇସିଜି ଶରୀରରେ ରଖାଯାଇଥିବା ଇଲେକ୍ଟ୍ରୋଡ୍ ବ୍ୟବହାର କରି ହୃତ୍‌ପିଣ୍ଡର ବୈଦ୍ୟୁତିକ କାର୍ଯ୍ୟକଳାପ ରେକର୍ଡ କରିଥାଏ। ସାଧାରଣ ଇସିଜିରେ ଡାକ୍ତରମାନେ ପି-ତରଙ୍ଗ ଦ୍ୱାରା ସଙ୍କେତ ଅନ୍ୱେଷଣ କରିଥାନ୍ତି। ହେଲେ ଏଥିରେ ସ୍ପଷ୍ଟ ଆସି ନ ଥାଏ। ଏହାଦ୍ୱାରା ଆଟ୍ରିଏଲ୍ ଆରିଥମିଆ ଚିହ୍ନଟ ହେବାରେ କଷ୍ଟକର ହୋଇପଡ଼ିଥାଏ। ବିଶେଷତଃ ବ୍ୟସ୍ତବହୁଳ କ୍ଲିନିକାଲ ସେଟିଂ କିମ୍ବା କମ୍ ମୂଲ୍ୟର ମନିଟରିଂ ଉପକରଣ ସହିତ ଏହାକୁ ଚିହ୍ନଟ କଷ୍ଟକର ହୋଇଥାଏ। ଏହାକୁ ମୁକାବିଲା କରିବା ପାଇଁ ଏନ୍ଆଇଟି ରାଉରକେଲା ଗବେଷକ ଦଳ ଆଟ୍ରିଏଲ୍ ଲିଡ୍ ସିଷ୍ଟମ(ଏଏଲ୍ଏସ୍) ନାମକ ଏକ ନୂତନ ଲିଡ୍ ପ୍ଲେସ୍‌ମେଣ୍ଟ ସିଷ୍ଟମ ଡିଜାଇନ୍ କରିଛନ୍ତି। ଏଏଲ୍ଏସ୍ ଦ୍ୱାରା ପି-ତରଙ୍ଗକୁ ଶକ୍ତିଶାଳୀ କରି ଉଭୟ ଡାକ୍ତର ଓ ସିଷ୍ଟମକୁ ରୋଗ ନିରୂପଣରେ ସହଯୋଗ କରିଥାଏ। ଗବେଷଣା ସମ୍ପର୍କରେ ଅଧିକ ସୂଚନା ଦେଇ ଏନ୍ଆଇଟି ବାୟୋଟେକ୍ନୋଲୋଜି ଆଣ୍ଡ ମେଡ଼ିକାଲ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ଗବେଷଣା ମୁଖ୍ୟ ଡି. ଜେ. ଶିବରାମନ୍ କହିଛନ୍ତି, ଏହି ସିଷ୍ଟମ ଦ୍ୱାରା ଉନ୍ନତ ସିଗ୍‌ନାଲ ସ୍ପଷ୍ଟତା ଦ୍ରୁତ ବିଶ୍ଳେଷଣ ଓ ଉତ୍ତମ କ୍ଲିନିକାଲ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ। ତେଣୁ ଘରୋଇ ସ୍ୱାସ୍ଥ୍ୟସେବା ସେଟିଂରେ ଅପ୍‌ଗ୍ରେଡ୍‌କୁ ସହଜରେ ଗ୍ରହଣ କରାଯାଇପାରିବ ବୋଲି ଶିବରାମନ୍ କହିଥିଲେ। ଏହାର କ୍ଲିନିକାଲ ଗୁରୁତ୍ୱ ଉପରେ ଆଲୋକପାତ କରି ଚେନ୍ନାଇ ଏମ୍ଆଇଓଟି ଇଣ୍ଟରନ୍ୟାଶନାଲ କାର୍ଡିଆକ୍ କେୟାର ଇନ୍‌ଷ୍ଟିଚ୍ୟୁଟ୍‌ର ଡା. ଆର୍. ପ୍ରଦୀପ କୁମାର ଏହାର ପି-ତରଙ୍ଗ ଆକୃତିକୁ ବିଚାରକୁ ନିଆଯିବା ସହଜ ଓ ଆବଶ୍ୟକ ବୋଲି କହିଥିଲେ।

ଉକ୍ତ ଗବେଷଣାରେ ଡ. କେ. ଶିବରାମନ୍, ଡ. ଏନ୍. ବାଲା ଚକ୍ରବର୍ତ୍ତୀ, ପ୍ରଫେସର କୁନାଲ ପାଲ୍ ଏବଂ ଏନ୍ଆଇଟି ରିସର୍ଚ୍ଚ ସ୍କଲାର ପ୍ରସନ୍ନ ଭେଙ୍କଟେଶ, ଆର୍ଯ୍ୟା ଭରଦ୍ୱାଜ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହାକୁ ଚେନ୍ନାଇ ଏମ୍ଆଇଓଟି ଇଣ୍ଟରନ୍ୟାଶନାଲ୍ ହସ୍ପିଟାଲ ଏବଂ ରାଉରକେଲାର ଏକ ଘରୋଇ ହସ୍ପିଟାଲ କ୍ଲିନିକାଲ ସହଯୋଗ ଏବଂ ବୈଧତା ପ୍ରଦାନ କରିଥିଲେ। ଏହି ଗବେଷଣା ବାୟୋମେଡିକାଲ ସିଗ୍‌ନାଲ ପ୍ରୋସେସିଂ ଆଣ୍ଡ କଣ୍ଟ୍ରୋଲ, ମେଡିକାଲ ହାଇପୋଥେସିସ୍ ଓ ଫିଜିକାଲ ଆଣ୍ଡ ଇଞ୍ଜିନିୟରିଂ ସାଇନ୍ସ ଇନ୍ ମେଡ଼ିସିନ ସମେତ ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶିତ ହୋଇଛି। ଭାରତ ସରକାରଙ୍କ ଅନୁସନ୍ଧାନ ନ୍ୟାଶନାଲ୍ ରିସର୍ଚ୍ଚ ଫାଉଣ୍ଡେଶନ (ଏଏନ୍ଆର୍ଏଫ୍) ଅନୁଦାନପ୍ରାପ୍ତ ଉକ୍ତ ଗବେଷଣା ପାଇଁ ପେଟେଣ୍ଟ ଆବେଦନ ଦାଖଲ କରାଯାଇଛି।



ରାଉରକେଲା ଏନ୍ଆଇଟିର ଗବେଷକ ଦଳ।

# ‘ଠିକ୍ ତଦନ୍ତ ନ ହେଲେ ନକଲି ଜାତି ପ୍ରମାଣପତ୍ର ସଂଖ୍ୟା ବଢ଼ିବ’

**ସମ୍ବଲପୁର,୧୫।୫(ଭବାନୀ ଶଙ୍କର ଭୋଇ)**



ଖବରଦାତା ସମ୍ମିଳନୀରେ ଆଦିବାସୀ ଦଳିତ ସେନା ଏବଂ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ସଦସ୍ୟ।

ସମ୍ବଲପୁର ଜିଲାରେ ବିଭିନ୍ନ ତହସିଲରେ ଭୂମିହୀନଙ୍କମାନଙ୍କୁ ଜାତି ପ୍ରମାଣ ପତ୍ର ମିଳିପାରୁ ନଥିବା ଅଭିଯୋଗ ହୋଇ ଆସିଛି। ଶିକ୍ଷା ଏବଂ ଚାକିରି ପାଇଁ ଅନୁସୂଚିତ ଜାତି ଜନଜାତି ତଥା ପଛୁଆ ବର୍ଗର ଛାତ୍ରୀଛାତ୍ରମାନେ ଅସୁବିଧାର ଶିକାର ହେଉଛନ୍ତି। ବିଶେଷ କରି ସମ୍ବଲପୁର ସଦର ତହସିଲ ଏବଂ ଝୁଜୁମୁରା ତହସିଲ ଅଫିସ ଆବେଦନକାରୀ ପରିବାର ସଦସ୍ୟଙ୍କ ନାମରେ ଜମିପଟା ନ ଥିଲେ ଜାତି ପ୍ରମାଣପତ୍ର ଦେଉ ନ ଥିବା ଅଭିଯୋଗ ସାମନାକୁ ଆସିଛି। ଏନେଇ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭୂମିହୀନମାନେ ଜାତି ପ୍ରମାଣପତ୍ର ପାଇବାକୁ ହକଦାର ବୋଲି କହିଥିଲେ। ଏହାସହ ଯେଉଁ ତହସିଲଦାର ଜମିପଟା ଅଭାବରୁ ସେମାନଙ୍କୁ ଜାତି ପ୍ରମାଣପତ୍ର ଦେଉନାହାନ୍ତି ସେମାନେ ସରକାରୀ ନୀତିର ଅବହେଳା କରୁଛନ୍ତି। ସେହିଭଳି ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ରାଜସ୍ୱ ମନ୍ତ୍ରୀଙ୍କ ଏହି ଟିପ୍ପଣି ପରେ ତହସିଲଦାରମାନଙ୍କ ଉପରେ ଜାତି ପ୍ରମାଣପତ୍ର ପ୍ରଦାନ ନେଇ ମାନସିକ ଚାପ ସୃଷ୍ଟି ହେବ ବୋଲି ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଓ ସମ୍ବଲପୁର ଜିଲା ଆଦିବାସୀ ଦଳିତ ସେନା ପକ୍ଷରୁ ଗୁରୁବାର ମିଳିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଉଭୟ ସଙ୍ଗଠନ ଦାବି କରିଛନ୍ତି, ବିନା ଜମିପଟ୍ଟାରେ ଜାତି ପ୍ରମାଣପତ୍ର ପାଇବାରେ କୌଣସି ସମସ୍ୟା ନାହିଁ। ସମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଜମିପଟ୍ଟା ନ ଥିଲେ ଜାତି ସଙ୍ଗଠନଠାରୁ ଲିଖିତ ସ୍ୱୀକୃତିପତ୍ର ଆଧାରରେ ଜାତି ପ୍ରମାଣ ପ୍ରଦାନ କରାଯାଉଛି। ତେବେ ବିନା ଜମିପଟାରେ ଜାତି ପ୍ରମାଣପତ୍ର ଦେବାକୁ ବାଧ୍ୟକଲେ ତହସିଲଦାରମାନେ ଭୟରେ ନକଲି ଜାତିର ଲୋକଙ୍କୁ ମଧ୍ୟ ଜାତି ପ୍ରମାଣ ପତ୍ର ଦେଇଦେବା ଆଶଙ୍କା ରହିଛି ବୋଲି ଆଦିବାସୀ ଦଳିତ ସେନା ଜିଲା ସଭାପତି ସୁବେଶ ମୁଣ୍ଡା କହିଛନ୍ତି। ଅତୀତରେ ଅନେକ ତହସିଲଦାର ନକଲି ଜାତି ପ୍ରମାଣପତ୍ର ପ୍ରଦାନ କରିବା ନଜିର ରହିଛି। ଝୁଜୁମୁରା ତହସିଲ ଅଧିନରେ ବିଭିନ୍ନ ଜଙ୍ଗଲ ଜମିରେ ଝାରଖଣ୍ଡ ଅଞ୍ଚଳରୁ ଆସି ବସବାସ କରୁଥିବା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ନିଜକୁ ଅନୁସୂଚିତ ଜାତି ଜନଜାତି ଦାବି କରି ବିନା ଜମିପଟାରେ ଜାତି ପ୍ରମାଣ ପତ୍ର ଆବେଦନ କରୁଛନ୍ତି। କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନ ଦେଖି ଜାତି ପ୍ରମାଣ ପତ୍ର ପ୍ରଦାନ କଲେ ନକଲି ଜାତି ପ୍ରମାଣ ପତ୍ରବଣ୍ଟନ ହେବା ଭଳି ସ୍ଥିତ ଉପୁଜିବା ଆଶଙ୍କା ରହିଛି ।

ଅନ୍ୟପକ୍ଷରେ ବିଭିନ୍ନ ଅଞ୍ଚଳରୁ ସମ୍ବଲପୁର ମହାନଗର ଅଞ୍ଚଳରେ ବାସ କରୁଥିବା ଭୂମିହୀନମାନଙ୍କୁ ମଧ୍ୟ କେଉଁ ଜାତିର ବୋଲି ଚିହ୍ନଟ କରିବା ସହଜ ନୁହେଁ। ତେଣୁ ଜାତି ଚିହ୍ନଟ କରିବା ପାଇଁ ଜମିପଟା କିମ୍ବା ସ୍ଥାନୀୟ ଅଞ୍ଚଳର ଜାତି ସଙ୍ଗଠନର ସ୍ୱୀକୃତିପତ୍ରକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ଉଭୟ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ତେଣୁ ଏଭଳି ସ୍ପର୍ଶକାତର ପ୍ରସଙ୍ଗରେ ତହସିଲଦାରମାନଙ୍କ ଉପରେ ବିନା ତଦନ୍ତରେ ଜାତି ପ୍ରମାଣପତ୍ର ଦେବାକୁ ବାଧ୍ୟ କରାଯିବା ଠିକ ନୁହେଁ ବୋଲି ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ସଭାପତି ନିହାଲ ସିଂହ କହିଛନ୍ତି। ଖବରଦାତା ସମ୍ମିଳନୀରେ ଶେଖ ଇନ୍ତିଖାପ, ତ୍ରିବିକ୍ରମ ସାହୁ, ଅମିନ ମହାନନ୍ଦ ଉପସ୍ଥିତ ଥିଲେ।

# ଉଷୁ ଆତ୍ମରକ୍ଷାର ତାଲିମ ଶିବିର



ଗୁରୁବାର ସମ୍ବଲପୁର ଜିଲା ଜୁଡୋ ହଲଠାରେ ଆୟୋଜିତ ନିଃଶୁଳ୍କ ଆତ୍ମରକ୍ଷା ତାଲିମ ଶିବିରରେ ପ୍ରଶିକ୍ଷାର୍ଥୀମାନେ ତାଲିମ ନେଉଛନ୍ତି।

**ସମ୍ବଲପୁର,୧୫।୫(ବି.ଶଙ୍କର)**

ସାଓଲିନ କୁଙ୍ଗ୍ ଉଷୁ ଆସୋସିଏଶନ ପକ୍ଷରୁ ନିଃଶୁଳ୍କ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ସମ୍ବଲପୁର ଜିଲା ଜୁଡୋ ହଲରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯାଇଛି। ଆସନ୍ତା ଜୁନ ମାସ ୩୦ ତାରିଖ ଶିବିର ଉଦ୍‌ଯାପିତ ହେବ । ପ୍ରତ୍ୟେକ ଦିନ ସକାଳ ୬ରୁ ୮ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଶିକ୍ଷଣ ଦିଆଯାଉଛି। ଗାୟତ୍ରୀ ମିଶ୍ର ଓ ସିପ୍ରାରାଣୀ ଭାଜି ପ୍ରଶିକ୍ଷକ ରହିଛନ୍ତି। ସମ୍ବଲପୁର ଜିଲା ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରା ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ଭଲ ପ୍ରଦର୍ଶନ ଛାତ୍ରୀଛାତ୍ରଙ୍କୁ ଆଗାମୀ ରାଜ୍ୟ, ଜାତୀୟ, ଓ ଅନ୍ତର୍ଜାତୀୟ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇ ସୁଯୋଗ ପ୍ରଦାନ ଦିଆଯିବ । ଏଥିସହ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ । ପାଠପଢ଼ା ସହ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ପ୍ରଶିକ୍ଷଣ ନିହାତି ଜରୁରୀ। ସଂପ୍ରତି ଛାତ୍ରୀଛାତ୍ରମାନେ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ଏବଂ ଘାତ ପ୍ରତିଘାତର ସମ୍ମୁଖୀନ ହେବା ପାଇଁ ଆତ୍ମରକ୍ଷା ତାଲିମର ଆବଶ୍ୟତା ରହିଛି ବୋଲି ପ୍ରଶିକ୍ଷକ ବେହେରା ମତବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ବାବା ସାହେବଙ୍କ ବିରୋଧରେ ଭିଡିଓ ଅପ୍‌ଲୋଡ୍ କରି ୨ଅଟକ

**ସମ୍ବଲପୁର,୧୫।୫(ଭବାନୀ ଶଙ୍କର ଭୋଇ)**

ସାମାଜିକ ଗଣମାଧ୍ୟମରେ ୨ଜଣ ଯୁବକ ବାବାସୋହେବ ଆମ୍ବେଡ଼କରଙ୍କ ବିରୋଧରେ ଅପମାନଜନକ ଭିଡିଓ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଥିଲେ। ଗୁରୁବାର ଭୀମ ଆର୍ମୀର ସମ୍ବଲପୁର ଜିଲା ଯୁବ ସଭାପତି ଲାଲବାହାଦୁର ମହାନନ୍ଦ ଏ ନେଇ ବରେଇପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉଭୟ ଯୁବକ ଜାତିବାଚକ ଶବ୍ଦ ପ୍ରୟୋଗ କରି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ କରାଯାଇଛି। ଏହାସହ ନିଜକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଦସ୍ୟ ବୋଲି କହିବା ସହ ଭୀମଆର୍ମୀର ସଦସ୍ୟ ମାନଙ୍କୁ ଅପଶବ୍ଦ ବ୍ୟବହାର କରି ସମାଜରେ ବିଦ୍ୱେଷ ପ୍ରଚାର କରୁଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହାସହ ଭୀମ ଆର୍ମୀ ଜିଲା ଶାଖା ପକ୍ଷରୁ ସମ୍ବଲପୁର ଏସପି ମୁକେଶ ଭାମୁଙ୍କୁ ସାକ୍ଷାତ କରି ଅଭିଯୁକ୍ତ ଯୁବକମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା। ବରେଇପାଲି ଥାନା ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

### ଯୁବ ଖେଳାଳି ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**୧୧୭ ଯୁବ ପ୍ରତିଭା ସାମିଲ**

**ସମ୍ବଲପୁର,୧୫।୫(ଭବାନୀ ଶଙ୍କର ଭୋଇ)**

ଜିଲା ବର୍ଷିଆନ କ୍ରୀଡା ସଂଘ ସମ୍ବଲପୁର ଆନୁକୂଲ୍ୟରେ ସମ୍ବଲପୁରରେ ଫୁଟବଲ ଖେଳ ପାଇଁ ଗୁରୁବାର ଯୁବ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଂହପାଲି-କାଇଁଶିର ଖେଳ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଶ ବର୍ଷରୁ ଉର୍ଦ୍ଧ୍ୱ ୧୧୭ ଜଣ ଯୁବ ପ୍ରତିଭା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପି ପ୍ରତନିଧି ନାଉରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ବର୍ଷିଆନ କ୍ରୀଡା ସଂଘ ସମ୍ବଲପୁର ଗତ ୧୦ତାରିଖରୁ ଫୁଟବଲ ତାଲିମ ଶିବର ଆରମ୍ଭ ହୋଇଥିବା ବେଳେ ଆଜିଠାରୁ ଏଥିରେ କ୍ରିକେଟ, କବାଡି ସାମିଲ କରାଯାଇଥିଲା । ଏହି ଶିବିର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଶିବିରରେ ସମ୍ବଲପୁରର ବହୁ ପ୍ରତିଷ୍ଠିତ କୋଚମାନେ ଯୁବ ପ୍ରତିଭାଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ତାଲିମ କାର୍ଯ୍ୟକ୍ରମରେ ସାମିଲ ଯୁବକ ମାନଙ୍କର ଆସନ୍ତା ୨୫ ତାରିଖରେ ପ୍ରତିଭା ଚୟନ କରାଯିବ । ଏହାପରେ ଚୟନ ହୋଇଥିବା ପ୍ରତିଭା ମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯିବା ନେଇ ବର୍ଷିଆନ କ୍ରୀଡା ସଂଘ ପକ୍ଷରୁ ସୂଚନା ଦିଆଯାଇଛି । କ୍ରୀଡା ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଜୟ ବେହେରା, ସୁଶାନ୍ତ ବେହେରା, ସୁରେଶ ଓରାମ, ସନ୍ତୋଷ ବିଶ୍ୱାଳ, ବିଭୂତି ମିର୍ଦ୍ଧା, କୃଷ୍ଣ ଶତପଥୀ, ପ୍ରଶାନ୍ତ ପଟ୍ଟନାୟକ, ଯୋଗେଶ୍ୱର ଓରାମ ପ୍ରମୁଖ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି ।



ଗୁରୁବାର ଅପରେଶନ ସିନ୍ଦୂର ସଫଳତା ପାଇଁ ବାହାରିଥିବା ବାଇକ୍ ରାଲି।

# ସମ୍ବଲପୁରରେ ପରାକ୍ରମ ଶୋଭାଯାତ୍ରା

**ସମ୍ବଲପୁର,୧୫।୫(ପ୍ରମୋଦ ବହିଦାର)**

- ଅପରେଶନ ସିନ୍ଦୂରର ସଫଳତା ପରେ ତ୍ରିରଙ୍ଗା ବାଇକ ଯାତ୍ରା
- ସାମିଲ ହେଲେ ପ୍ରଶାସନିକ ଅଧିକାରୀ, କର୍ମଚାରୀ
- ଭାରତ ମାତାକି ଜୟ ଓ ବନ୍ଦେ ମାତରଂରେ କମ୍ପିଲା ସହର

ଭାରତୀୟ ସୈନ୍ୟବାହିନୀର ଆତଙ୍କବାଦ ବିରୋଧୀ ଅଭିଯାନ ‘ଅପରେଶନ ସିନ୍ଦୂର’ର ସଫଳତା ପାଇଁ ସମ୍ବଲପୁରରେ ଏକ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ଗୁରୁବାର ହୋଇଯାଇଛି। ଅପରେସନ ସିନ୍ଦୂରକୁ ସଫଳ ରୂପ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତିନି ବାହିନୀର ବୀର ଜବାନଙ୍କ ସମ୍ମାନାର୍ଥେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ବାଇକ ଜନିତ ପରାକ୍ରମ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏଥିରେ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସରକାରୀ କର୍ମଚାରୀ, ଏନ୍‌ସିସି କ୍ୟାଡେଟ୍, କ୍ରୀଡାବିତ୍, ପୋଲିସ ବାହିନୀ, ଶିକ୍ଷୟିତ୍ରୀ, ଶିକ୍ଷକ, ସାଧାରଣ ଜନତା ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ଯୋଗଦାନ କରିଥିଲେ। ପରାକ୍ରମ ଶୋଭାଯାତ୍ରା ନଗର ପରିକ୍ରମା ସମୟରେ ସମସ୍ତେ ହାତରେ ତିରଙ୍ଗା ଲହରାଇ ଭାରତ ମାତା କି ଜୟ, ବନ୍ଦେ ମାତରମ୍’ ଆଦି ନାରାରେ ସମଗ୍ର ସହର ପ୍ରକମ୍ପିତ ହୋଇଥିଲା। ସ୍ଥାନୀୟ ନେଲସନ ମଣ୍ଡେଲା ଛକରେ ଗୁରୁବାର ପ୍ରାତଃ ୮ଟାରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସମ୍ବଲପୁର ସଚିନ୍ ରାମଚନ୍ଦ୍ର ଜାଧବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ପ୍ରମୁଖ ପତାକା ଦେଖାଇ ପରାକ୍ରମ ଶୋଭାଯାତ୍ରାରେ ବାହାରିଥିବା ବାଇକ୍ ରାଲିର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ନେଲସନ ମଣ୍ଡେଲା ଛକରୁ ବାହାରି ଗୋଲବଜାର ଛକ, ଲକ୍ଷ୍ମୀ ଟକିଜ ଛକ, ମୁଦିପଡ଼ା ଛକ, କ୍ଷେତରାଜପୁର ଆଦି ଅଞ୍ଚଳ ସହିତ ସମଗ୍ର ସମ୍ବଲପୁର ସହର ପରିକ୍ରମା କରି ସମଲେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚିଥିଲା। ଏଥିରେ ପ୍ରାୟ ୬ଶହରୁ ଅଧିକ ଜନସାଧାରଣ ନିଜ ବାଇକ୍ ଧରି ସାମିଲ ହୋଇଥିଲେ।

# ଶହୀଦ ସୈନିକଙ୍କୁ ଜିଲା କଂଗ୍ରେସର ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୧୫।୫(ବି.ଶଙ୍କର)**

ଭାରତୀୟ ସେନା ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ଲଢ଼େଇ କରି ଅପରେଶନ ସିନ୍ଦୂରରେ ବଡ଼ ସଫଳତା ପାଇଛି। ତେବେ ଆତଙ୍କବାଦ ବିରୋଧ ଲଢ଼େଇରେ ଶହୀଦ ହୋଇଥିବା ଭାରତୀୟ ସୈନିକଙ୍କୁ ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସମ୍ମାନ ତଥା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଗୁରୁବାର ରାତିରେ ୮ଟାରେ ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା । ପ୍ରଥମେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ସହୀଦ ସୈନିକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଏହାପରେ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ମହମବତୀ ପ୍ରଜ୍ୱଳନ କରି ସହୀଦ ସୈନିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହିତ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ମିଳିତ ଭାବରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦିଲିପ ଦୁରିଆ, ଜିତେନ୍ଦ୍ର ପ୍ରଧାନ, ବିଜୟଲକ୍ଷ୍ମୀ ବେହେରା, ସୁତାପା ମିତ୍ର, ବବିତା ବଡ଼ପଣ୍ଡା, ମହମ୍ମଦ ଜୁବେର, ମହମ୍ମଦ ସଲିମ, ନକୁଲ ବେହେରା, କିଶୋର କୁମାର ବାଗ, ଆଶିଷ ଚୌଧୁରୀ, ସତ୍ୟନାରାୟଣ ସେନାପତି, ସୁବର୍ଣ୍ଣ ମେହେର, ମୈଥିଳୀ ସାହୁ, ସୁଜାତା ବଡ଼ପଣ୍ଡା, ଫିଲିପ୍ସ କୁମାର, ପ୍ରହ୍ଲାଦ ତାଣ୍ଡିଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ ।




ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଓଏଭି ସଫଳତାର ଶ୍ରେୟ ପୂର୍ବ ବିଜେଡି ସରକାରର: ରୋହିତ

**ସମ୍ବଲପୁର,୧୫।୫(ପ୍ରମୋଦ ବହିଦାର)**

**ସିବିଏସ୍‌ଇ ବୋର୍ଡ ଦଶମ, ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ**

ନିକଟରେ ସିବିଏସ୍‌ଇ ବୋର୍ଡ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ଛାତ୍ରୀଛାତ୍ରମାନେ ଉତ୍ସାହଜନକ ସଫଳତା ପାଇଛନ୍ତି। ଏହି ସଫଳତାର ଶ୍ରେୟ ପୂର୍ବ ବିଜେଡି ସରକାରର। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ପାଇଁ ରାଜ୍ୟ ସରକାର ସ୍ଥାପନା କରିଥିବା ଓଏଭିର ପିଲାମାନେ ଆଜି ପ୍ରତିଦ୍ୱନ୍ଦ୍ୱୀ କେନ୍ଦ୍ରୀୟ ବିଦ୍ୟାଳୟ ଓ ବେସରକାରୀ ସ୍କୁଲ ସହ ତାଳଦେଇ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ। ଏହି ଅବସରରେ ସେ ସଫଳ ଓଏଭିର ଛାତ୍ରୀଛାତ୍ର ବିଶେଷ କରି ସମ୍ବଲପୁର ଜିଲାର ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ପ୍ରେସ ବିବୃତି ମାଧ୍ୟମରେ ସେ କହିଛନ୍ତି, ଝୁଜୁମୁରା ଆଦର୍ଶ ବିଦ୍ୟାଳୟର ଦୀପିକା ଷଡ଼ଙ୍ଗୀ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ୯୬.୦୮ ପ୍ରତିଶତ ମାର୍କ ରଖି ବାମରାର ସାଗର ସାହୁଙ୍କ ସହିତ ସମଗ୍ର ସମ୍ବଲପୁର ଜିଲାରେ ଯୁଗ୍ମ ଟପର ହୋଇଛନ୍ତି। ସେହିପରି ଝୁଜୁମୁରା ବ୍ଲକ କେଶାପାଲି ଗ୍ରାମର ତନ୍ମୟୀ ସାହୁ ୯୧ ପ୍ରତିଶତ ମାର୍କ ରଖିଛନ୍ତି। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ମଧ୍ୟ ରେଙ୍ଗାଲିସ୍ଥିତ ଆଦର୍ଶ ବିଦ୍ୟାଳୟ ବାଣିଜ୍ୟ ବିଭାଗ ଛାତ୍ରୀ ମଧୁସ୍ମିତା ବେହେରା ୯୪.୦୬ ପ୍ରତିଶତ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ଆଦର୍ଶ ବିଦ୍ୟାଳୟର ଅନ୍ୟ ୬ ଜଣ ଛାତ୍ରୀଛାତ୍ର ମଧ୍ୟ ୯୦ ପ୍ରତିଶତରୁ ଅଧିକ ମାର୍କ୍ ରଖିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଇ ଓଏଭି ସ୍ଥାପନ କରିବା ପରେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରମାନେ ସହରାଞ୍ଚଳ ପିଲାଙ୍କ ସମକକ୍ଷ ହୋଇ ପାରିଛନ୍ତି ବୋଲି ଇଂ.ପୂଜାରୀ କହିଛନ୍ତି।

# ୧୧କେ.ଭି. ଭୂତଳ ଲାଇନର ଶୁଭାରମ୍ଭ

**ସମ୍ବଲପୁର,୧୫।୫(ବି.ଶଙ୍କର)**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ସର୍ବଦା ବିକାଶ କାର୍ଯ୍ୟକୁ ଗୁରୁତ୍ୱଦେଇ ଆସୁଛି। ବୁଧବାର ଅଇଁଠାପାଲି ସ୍ଥିତ ୩୩/୧୧ କେ.ଭି. ପାୱାର ସବଷ୍ଟେଶନ (ପିଏସଏସ) ଠାରୁ ସମ୍ବଲପୁର ସହରର ଜ୍ୟୋତି ମାର୍କେଟ ପର୍ଯ୍ୟନ୍ତ ୧.୯ ସର୍କିଟ କିଲୋମିଟର ଦୂର ବିଶିଷ୍ଟ ଏକ ନୂତନ ୧୧ କେ.ଭି. ଭୂତଳ ବିଦ୍ୟୁତ ଲାଇନ ପ୍ରକଳ୍ପ ଶୁଭାରମ୍ଭ ହୋଇଛି । ଏହି ପ୍ରକଳ୍ପ ପାଇଁ କମ୍ପାନୀ ପକ୍ଷରୁ ୧.୨୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ସମ୍ବଲପୁର ସହର ଅନ୍ତର୍ଗତ ବୁଢାରାଜା, ଫାଟକ, ଜ୍ୟୋତି ମାର୍କେଟ, ଦେହେରିପାଲି, ଶାନ୍ତି ନଗର ଏବଂ ମାତୃ ବିହାର ଭଳି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ନିରବଚ୍ଛିନ୍ନ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ହେଉଛି ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ଦ୍ୱାରା ଅଞ୍ଚଳଗୁଡ଼ିକରେ ୫ ହଜାରରୁ ଅଧିକ ବ୍ୟବସାୟିକ ଏବଂ ଘରୋଇ ଗ୍ରାହକ ଉପକୃତ ହୋଇପାରିବେ । ପୂର୍ବରୁ ଏହି ଅଞ୍ଚଳ ବାରମ୍ବାର ବିଦ୍ୟୁତ ବିଭ୍ରାଟର ସମ୍ମୁଖୀନ ହେଉଥିଲା। ବିଶେଷକରି କାଳବୈଶାଖୀ ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ଅଞ୍ଚଳର ବିଦ୍ୟମାନ ଓଭରହେଡ୍ ୧୧ କେ.ଭି. ଫାଟକ୍ ଫିଡରରେ ଅନେକ କ୍ଷୟକ୍ଷତି ଘଟୁଥିଲା। ଫଳରେ ଉକ୍ତ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହେଉଥିଲା । ତେବେ ଏହି ନୂତନ ଭୂତଳ କେବୁଲ ବିଦ୍ୟମାନ ୧୧ କେ.ଭି. ଫାଟକ୍ ଓଭରହେଡ୍ ଫିଡର ଲାଇନର ଏକ ବିକଳ୍ପ ଭାବେ କାର୍ଯ୍ୟ କରିବ । ଯାହା ଫିଡର ଲାଇନରେ କ୍ଷଣସ୍ଥାୟୀ ତ୍ରୁଟି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ ସେବା ବ୍ୟାଘାତକୁ ହ୍ରାସ କରିବ । ଏଥିସହ ଯୋଗାଣର ଗୁଣବତ୍ତା ଏବଂ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବ । ସେହିପରି ଏହି ପ୍ରକଳ୍ପ ସମ୍ବଲପୁର ଟାଉନର ଏକ ପ୍ରମୁଖ ଉତ୍ସବ ଶୀତଳଷଷ୍ଠୀ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ସମର୍ଥନ କରିବ। ସୂଚନାଯୋଗ୍ୟ ଯେ, ଟିପିଡବ୍ଲ୍ୟୁଓଡିଏଲ ଭୂତଳ କେବୁଲିଂ ଭଳି ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ସମାଧାନ ଗ୍ରହଣ କରି ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ପାଇଁ ପ୍ରତିବଦ୍ଧ ରହିଛି ବୋଲି ବୁର୍ଲା କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସୂଚିତ କରଯାଇଛି ।




ଭୂତଳ ବିଦ୍ୟୁତ୍ ସଂଯୋଗ କରୁଥିବା ମେଶିନ।

## ବଜ୍ରପାତରେ ୩ ବଳଦ ମୃତ

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଗୁରୁବାର ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁରେ ବଜ୍ରପାତରେ ତିନୋଟି ବଳଦର ମୃତ୍ୟୁ ଘଟିଛି । ସେଥିରୁ ଗାଁର ମୁଖିଆରୁ ମାଝୀଙ୍କର ୨ଟି ଓ ମତୁଆଲ ବିଶିଙ୍କ ଗୋଟିଏ ବଳଦ ବୋଲି ସୂଚନା ମିଳିଛି। ଅପରାହ୍ନ ସମୟରେ ପ୍ରବଳ ବର୍ଷା ହୋଇଥିଲା। ବଳଦ ଆମ୍ବ ତୋଟାରେ ଥିବା ବେଳେ ବଜ୍ରପାତ ହେବାରୁ ତିନି ଗୋଟି ବଳଦର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ।





ବଲାଙ୍ଗୀରରେ ପରାକ୍ରମ ଶୋଭାଯାତ୍ରା ପୂର୍ବରୁ କୋଶଳ କଳା ମଣ୍ଡଳ ପଡିଆରେ ଉପସ୍ଥିତ ଲୋକ ସଭା ସଦସ୍ୟ, ଜିଲାପାଳ, ଏସ୍‌ପି, ପୌରାଧକ୍ଷା ଓ ଅନ୍ୟମାନେ(ବାମ), ଜିଲାପାଳ ଏବଂ ଏସ୍‌ପି ପରାକ୍ରମ ଶୋଭାଯାତ୍ରାର ନେତୃତ୍ୱ ନେଉଛନ୍ତି।

# ‘ଅପରେଶନ ସିନ୍ଦୂର’ ପରାକ୍ରମ ଶୋଭାଯାତ୍ରା

### ଭାରତୀୟ ସ୍ଥଳ, ଜଳ ଓ ଆକାଶ ବାହିନୀ ଯବାନଙ୍କୁ ସମ୍ମାନ ପ୍ରଦର୍ଶନ

ବଲାଙ୍ଗୀର,୧୫।୫(ବୀରେନ୍ଦ୍ର କୁମାର ଝାଙ୍କର)

କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାର ଜବାବରେ ଭାରତୀୟ ସେନା ପକ୍ଷରୁ ଆରମ୍ଭ କରାଯାଇଥିବା ‘ଅପରେସନ୍ ସିନ୍ଦୂର’ର ସଫଳତାକୁ ନେଇ ଗୁରୁବାର ବଲାଙ୍ଗୀରରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାରତୀୟ ତିନି ବାହିନୀର ବୀର ଯବାନଙ୍କୁ କୃତଜ୍ଞତା ଓ ସମ୍ମାନ ଭାବ ପ୍ରକାଶ କରି ଜିଲାସ୍ତରରେ ଜିଲା ପ୍ରଶାସନ ଏବଂ ବଲାଙ୍ଗୀର ପୌର ପରିଷଦ ମିଳିତ ଆନୁକୂଲ୍ୟରେ ତ୍ରିରଙ୍ଗା ମୋଟର ସାଇକେଲ ଶୋଭାଯାତ୍ରା ବଲାଙ୍ଗୀର ସହର ପରିକ୍ରମା କରିଥିଲା। ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରୁ ତ୍ରିରଙ୍ଗା ପତାକା ଧରି ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ଜନସାଧାରଣ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ପୌରାଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ, ସରକାରୀ କର୍ମଚାରୀ, ଏନସିସି କ୍ୟାଡେଟ, କ୍ରୀଡାବିତ୍, ପୋଲିସ ବାହିନୀ, ଅବସରପ୍ରାପ୍ତ ସୈନିକ ସଂଘ, ବିଭିନ୍ନ ସାମାଜିକ, ସାଂସ୍କୃତିକ ସଙ୍ଗଠନର ପ୍ରତିନିଧି ଏବଂ ଜନସାଧାରଣ ଯୋଗଦାନ କରିଥିଲେ। କୋଶଳ କଳାମଣ୍ଡଳ ପଡିଆଠାରେ ଏମ୍‌ପି ସିଂଦେଓ, ଜିଲାପାଳ ଇସଲୱାର, ଏସ୍‌ପି ଅଭିଲାଷ ଜି, ପୌରାଧକ୍ଷା ସାହୁ ତିରଙ୍ଗା ପତାକା ଧରି ଗେଟ୍ ସମ୍ମୁଖକୁ ଆସିଥିଲେ। ଏହାପରେ ଜିଲାପାଳ ଇସଲୱାର ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି ଏକ ବାଇକ୍‌ରେ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରା ଆଗରେ ନେତୃତ୍ୱ ନେଇ ସହର ପରିକ୍ରମା କରିଥିଲେ।

ଭାରତୀୟ ବୀର ଯବାନଙ୍କ ବୀରତ୍ୱ, ସାହସ ଏବଂ ପରାକ୍ରମ ପାଇଁ ତାଙ୍କର ଜୟ ଜୟକାର କରାଯାଇଥିଲା। କୋଶଳ କଳା ମଣ୍ଡଳ ପଡିଆରୁ ବାହାରି କଚେରି ଛକ, ସୁଦପଡା ହନୁମାନ ମନ୍ଦିର, ବିକ୍ରମ ଛକ, ଭାଗିରଥୀ ଛକ, ସର୍କିଟ ହାଉସ, ଆରଟିଓ ଛକ, ମହିଳା ମହାବିଦ୍ୟାଳୟ, ରାଜେନ୍ଦ୍ର କଲେଜ, ଲିଟିଲ ଫ୍ଲାୱାର ସ୍କୁଲ ଦେଇ ବାଇକ୍ ରାଲି ପୁଣି କୋଶଳ କଳାମଣ୍ଡଳ ପଡିଆକୁ ଫେରିଥିଲା। ଏହି ଶୋଭାଯାତ୍ରାରେ ସାମିଲ ହୋଇ ଶତାଧିକ ବ୍ୟକ୍ତି ହାତରେ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ୍ ନାରା ଦେଇ ସହର ପରିକ୍ରମା କରିଥିଲେ। ସହର ସାରା ତ୍ରିରଙ୍ଗାମୟ ହୋଇଯାଇଥିଲା। ଭାରତୀୟ ସ୍ଥଳ, ଜଳ ଓ ଆକାଶ ବାହିନାର ଯବାନଙ୍କୁ ଜନସାଧାରଣ ସମ୍ମାନ ଜଣାଉଥିବା ଦେଖାଯାଇଥିଲା।

# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟିଲେ

### ଲୁଚାଛପା ପ୍ରେମର ପରିଣତି

କଣ୍ଟାବାଞ୍ଜି,୧୫।୫(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଥାନା ଚଟୁଅନକା ପଞ୍ଚାୟତ କୁର୍ଲି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଲୁଚାଛପାରେ ପ୍ରେମ କରିବା ପ୍ରେମିକ ପାଇଁ ମହଙ୍ଗା ପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରେ କାମ କରନ୍ତି । ମଝିରେ ମଝିରେ ଗାଁକୁ ଯିବା ଆସିବା କରିଥାନ୍ତି । ତେବେ ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜଣେ ଯୁବକ ସମ୍ପୃକ୍ତ ମହିଳାଙ୍କ ଘରକୁ ଯିବା ଆସିବା କରୁଥିଲେ । ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ହେଲେ ମହିଳାଙ୍କ ସ୍ୱାମୀ କାମ କରୁଥିବା ସ୍ଥାନରୁ ନିଜ ଗାଁ କୁର୍ଲିକୁ ହଠାତ୍ ଆସିବା ପରେ ଗୁରୁବାର ପ୍ରେମିକା ଓ ପ୍ରେମିକଙ୍କ ଅନୈତିକ ସମ୍ପର୍କକୁ ଦେଖି ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ଶେଷରେ ସ୍ୱାମୀ ଜଣକ ପ୍ରେମିକ ଓ ତାଙ୍କ ସହ ଆସିଥିବା ଅନ୍ୟ ଜଣେ ନାବାଳକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇ ପିଟିବାକୁ ପଛାଇ ନ ଥିଲେ । ଏ ନେଇ କଣ୍ଟାବାଞ୍ଜି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଖୁଣ୍ଟରେ ବନ୍ଧାହୋଇଥିବା ୨ଜଣକୁ ଉଦ୍ଧାରକରି ଅଟକ ରଖିଛି। ଉଭୟ ପକ୍ଷର ବନ୍ଧୁବାନ୍ଧବ ଓ ସମ୍ପର୍କୀୟ ଥାନାରେ ପହଞ୍ଚି ଘଟଣାର ଆପୋସ ବୁଝାମଣା ପାଇଁ ଉଦ୍ୟମ ଚଳାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଚାକିରି କରାଇଦେବା ନାଁରେ ଟଙ୍କା ଠକେଇ ଅଭିଯୋଗ

### ପୂର୍ବତନ ବିଧାୟକଙ୍କ ପୁଅ ଗିରଫ

ଦେଓଗାଁ,୧୫।୫(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ପୋଲିସ ପୂର୍ବତନ ବିଧାୟକ ପଞ୍ଚାନନ ମିଶ୍ରଙ୍କ ପୁଅ ଅମିତ ବିକ୍ରମ ମିଶ୍ରଙ୍କୁ ଠକେଇ ଅଭିଯୋଗରେ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ତାଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ବିନିକା ପାଲିପଡ଼ାରେ ବୋଲି ଜଣାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅମିତ ବିକ୍ରମ (୨୯) ଦେଓଗାଁ ଥାନା ବହଲି ଗ୍ରାମର ଦିନେଶ ପଟେଲଙ୍କଠାରୁ ବଲାଙ୍ଗୀର ସିଡିଏମ୍‌ଓ ଅଫିସରେ ଚାକିରି କରାଇଦେବା ନାଁରେ ୮୯ ହଜାର୨୦୦ ଟଙ୍କା ଠକି ନେଇଥିଲେ। ଏପରିକି ସମ୍ପୃକ୍ତ ଯୁବକଙ୍କୁ ଜାଲ୍ ନିଯୁକ୍ତି ପତ୍ର ମଧ୍ୟ ଦେଇଥିବା ଜଣାପଡ଼ିଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ବିନିକା ଥାନା ଅଞ୍ଚଳରୁ ବୁଧବାର ଗିରଫ କରିଥିଲା। ଅନେକ ସମୟରେ ଚାକିରି ଲାଳସାରେ ଯୁବପିଢ଼ି ଠକମାନଙ୍କ ହାବୁଡ଼ରେ ପଡୁଛନ୍ତି। ଠକମାନଙ୍କଠାରୁ ଦୂରେଇ ରହିବାକୁ ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡା ପରାମର୍ଶ ଦେଇଛନ୍ତି।

## ବଜ୍ରପାତରେ ଯୁବକ ଗୁରୁତର

ଲାଠୋର,୧୫।୫(ଭୁବନେଶ୍ୱର ବାରିକ)

ଗୁରୁବାର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସଦର ଗ୍ରାମ ପଦରପଡ଼ାରେ ବଜ୍ରପାତରେ ପର୍ଶୁରାମ ଭୁଏ (୪୮) ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ଏବେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି ।

ପ୍ରକାଶ ଯେ, ସନ୍ଧ୍ୟାରେ ପର୍ଶୁରାମ ନିଜ ଗ୍ରାମର ଦୁଇ ଜଣ ବ୍ୟକ୍ତିଙ୍କ ସହ ଶୌଚ ପାଇଁ ପଡ଼ାରୁ କିଛି ଦୂରକୁ ଯାଇଥିଲେ। ଏହି ସମୟରେ ହଠାତ୍ ବର୍ଷା ପବନ ହେବାରୁ ପାଖରେ ଥିବା ଏକ ତେନ୍ତୁଳି ଗଛ ମୂଳକୁ ଚାଲି ଆସିଥିଲେ। ତେବେ ବଜ୍ରପାତ ହେବାରୁ ପର୍ଶୁରାମ ଗୁରୁତର ହୋଇ ପଡ଼ିଥିବା ବେଳେ ଅନ୍ୟ ଦୁଇ ଜଣ ସୁରକ୍ଷିତ ଅଛନ୍ତି। ଖବରପାଇ ପରିବାରବର୍ଗ ସଙ୍ଗେ ସଙ୍ଗେ ପର୍ଶୁରାମଙ୍କୁ ଚିକିତ୍ସା ପାଇଁ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେ ବିପଦ ମୁକ୍ତ ଥିବା ତାଙ୍କ ପରିବାରବର୍ଗ କହିଛନ୍ତି ।

## ୩୦ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ଟିଟିଲାଗଡ଼,୧୫।୫(ଶରତ ମିଶ୍ର)

ଗୁରୁବାର ଟିଟିଲାଗଡ଼ ରେଳ ଜଙ୍କସନ୍‌ରୁ ୩୦ କିଲୋ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ମହାରାଷ୍ଟ୍ରର ଶେଖ ରହିମ, ଜାହିର ଖାନ ଓ ଉତ୍ତରପ୍ରଦେଶର ଧୀରଜ କୁମାରଙ୍କୁ ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ଟିଟିଲାଗଡ଼ ରେଳ ଜଙ୍କସନ୍‌ର ୨ ନମ୍ବର ପ୍ଲାଟଫର୍ମରେ ଗଞ୍ଜେଇ ଗଚ୍ଛିତ ରଖାଯାଇ ଟ୍ରେନ ଯୋଗେ ଚାଲାଣ ପାଇଁ ଉଦ୍ୟମ କରାଯାଉଥିଲା। ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟିଟିଲାଗଡ଼ ଆରପିଏଫ ଅଧିକାରୀ ଭଗବାନ ପୁନିଆ, ଟିଟିଲାଗଡ଼ ଅବକାରୀ ଅଧିକାରୀ ଆଶିଷ ବେହେରା, ଅବକାରୀ ସବ୍‌ଇନ୍ସପେକ୍ଟର ଭୃଗୁପତି ବିଶାଲ, ଗଗନ ବିହାରୀ ମିଶ୍ର, କୁମୁଦିନୀ ମଲ୍ଲିକ ପ୍ରମୁଖ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲେ। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି।

# ହରିଶଙ୍କର ମନ୍ଦିର ପରିସର ସଫେଇ



ହରିଶଙ୍କର ମନ୍ଦିର ପରିସରକୁ ସଫା କରାଯାଉଛି ।

ଖପ୍ରାଖୋଲ,୧୫।୫(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ଗତ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଦୋକାନ ବଜାର, ପ୍ରଜ୍ଞାପନ ମେଢ, ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। ଯାହାଫଳରେ ମନ୍ଦିର ପରିସର,ମେଳା ସ୍ଥାନ ଓ ରାସ୍ତା କଡରେ ମଇଳା, ଆବର୍ଜନା ପଡ଼ିରହିଥିଲା। ଏହାକୁ ସଫେଇ ପାଇଁ ଦେବୋତ୍ତର କମିଟି, ସବ୍ କମିଟି,ଦୋକାନୀଙ୍କ ସହିତ ଉପ ଜିଲାପାଳ କାର୍ଯ୍ୟାଳୟ କର୍ମଚାରୀ, ବନବିଭାଗ କର୍ମଚାରୀ ,ବ୍ଲକ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ସାମିଲ ହୋଇଥିଲେ। ସଫେଇ କାର୍ଯ୍ୟକ୍ରମରେ ପାଟଣାଗଡ ଉପ ଜିଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ପାଟଣାଗଡ ଆସିଷ୍ଟାଣ୍ଟ କଲେକ୍ଟର ପଦ୍ମନାଭ ମହାରଣା, ସିଡ଼ିପିଓ ଅମିତା ପଣ୍ଡା, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ବନପାଳ ସୁଧୀର ଜେନା, ଅରବିନ୍ଦ ଧରୁଆ,ଶଶି ପୁଝାରୀ,ଡ ଅଭୟ ତ୍ରିପାଠୀ, ଜ୍ୟୋତିରଞ୍ଜନ ପଣ୍ଡା, ସବ୍ କମିଟି ସଭାପତି ବିପ୍ର ବିଶି , ଗଜ ନାଗ, ଟିକେଶ୍ୱର ଧରୁଆ, ପ୍ରହଲ୍ଲାଦ ଚାନ୍ଦ, ବଳରାମ ବେହେରା, ଭାଗ୍ୟବାନ ସାହୁ,ଦୁଲାରାମ ବରିହା, ସନ୍ତୋଷ ବେହେରା ପ୍ରମୁଖ ସାମିଲ ଥିଲେ। କୋଡ଼ି, ଝୁଡ଼ି ଧରି ମେଳା ସ୍ଥଳ ଓ ମନ୍ଦିର ପରିସର ସଫା କରିବା ଦେଖିବାକୁ ମିଳିଥିଲା।

## ଶୀତଳଷଷ୍ଠୀ ଯାତ୍ରା ସୁପରିଚାଳନା ଲାଗି ପ୍ରସ୍ତୁତି ବୈଠକ

ବଲାଙ୍ଗୀର,୧୫।୫(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ଶୀତଳଷଷ୍ଠୀ ଯାତ୍ରା ସୁପରିଚାଳନା ନିମନ୍ତେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଅଧକ୍ଷତା କରିଥିଲେ। ବୈଠକରେ ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟୁତ, ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ପୌର ନିର୍ବାହୀ ଅଧିକାରୀ, ସମ୍ପୃକ୍ତ ବିଭାଗର ଅଧିକାରୀ ଓ ବଲାଙ୍ଗୀର ସହରର ବିଭିନ୍ନ ଶୀତଳଷଷ୍ଠୀ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶୀତଳଷଷ୍ଠୀ ଯାତ୍ରା ସମୟରେ ନିରନ୍ତର ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ଟ୍ରାଫିକ୍ ସୁପରିଚାଳନା ଓ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଏ ଦିଗରେ ସକର୍ତ ରହିବା ସହ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶୀତଳଷଷ୍ଠୀ ଯାତ୍ରା ସମୟରେ ଯାତ୍ରାସ୍ଥଳୀଗୁଡିକରେ ଜନସମାଗମକୁ ଦୃଷ୍ଟିରେ ରଖି ଆଶୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଏବଂ ଔଷଧ ସହ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।

# ୫୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ କଂଗ୍ରେସରେ ସାମିଲ

### ନରସିଂହ, ସମରେନ୍ଦ୍ରଙ୍କ ନେତୃତ୍ୱକୁ ସମର୍ଥନ



କଂଗ୍ରେସ ଦଳରେ ସାମିଲ କୁଟୁରାପାଲି ଗାଁର ମହିଳା ଓ ପୁରୁଷମାନେ।

ବଲାଙ୍ଗୀର,୧୫।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସକମା ଗ୍ରାମ ପଞ୍ଚାୟତ କୁଟୁରାପାଲି ଗାଁର ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଂଗ୍ରେସରେ ସାମିଲ ହୋଇଥିବା ଜଣାପଡିଛି। ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ବଲାଙ୍ଗୀର ବାସଭବନସ୍ଥିତ କାର୍ଯ୍ୟାଳୟକୁ ଆସି ଏହି ମହିଳା ଓ ପୁରୁଷ ମାନେ କଂଗ୍ରେସ ଦଳରେ ସାମିଲ ହୋଇଥିବା ଜଣାପଡିଛି। ନରସିଂହ ମିଶ୍ର ଓ ତାଙ୍କ ପୁଅ ସମରେନ୍ଦ୍ରଙ୍କ ବିକାଶମୁଖୀ ନେତୃତ୍ୱକୁ ସେମାନେ ସମର୍ଥନ କରି କଂଗ୍ରେସରେ ଯୋଗ ଦେଇଥିବା କହିଥିଲେ। ସମାଜର ଅବହେଳିତ, ନିଷ୍ପେସିତ, ଗରିବ, ଖଟିଖିଆଙ୍କ ହିତ ପାଇଁ ମିଶ୍ର କାମ କରିଥିବା ସେମାନେ କହିଥିଲେ। ମିଶ୍ରଣ ସମାବେଶରେ ପୂର୍ବତନ ମନ୍ତ୍ରୀ ମିଶ୍ର ଫୁଲତୋଡା ଓ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସକମା ପଞ୍ଚାୟତର ସମିତି ସଭ୍ୟ ସଞ୍ଜୀବ କୁମାର ପ୍ରଧାନ ଓ ଲିପନ ପ୍ରଧାନଙ୍କ ନେତୃତ୍ୱରେ ମିଶ୍ରଣ ସମାବେଶ ଆୟୋଜନ ହୋଇଥିଲା। କୁଟ୍ରାପାଲି ତଲିପଡାର ଜଗନ୍ନାଥ ବରର୍ତ୍ତି, ପ୍ରଦୀପ ପ୍ରଧାନ, ଶିବ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଇନ୍ଦ୍ର ମହାକୁର, ମାର୍କଣ୍ଡ ଚନ୍ଦନ, ଦୁର୍ଯ୍ୟୋଧନ ମହାକୁର, ରୁଦ୍ର ପ୍ରଧାନ, ମହାଦେବ ମହାକୁର, ମାୟାଧର ସେଠ, ପ୍ରବୀଣ ସେଠ, ପଞ୍ଚା ଚନ୍ଦନ, ଟଙ୍କଧର ଚନ୍ଦନ, ଜିତ ଚନ୍ଦନ, ପବିତ୍ର ପ୍ରଧାନ, ଲଳିନା ସାହୁ, କୁମଦିନୀ ଚନ୍ଦନ, ଆନନ୍ଦିନୀ ପଧାନ, ରଞ୍ଜିତା ବରର୍ତ୍ତିଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଂଗ୍ରେସ ଦଳରେ ସାମିଲ ହୋଇଥିବା ଜଣାଯାଇଛି ।



# ଛତିଶଗଡ଼ ଧାନ ଓଡ଼ିଶାରେ ଜବତ

## ତଦନ୍ତ ଆରମ୍ଭକଲା ବରଗଡ଼ ଜିଲା ପ୍ରଶାସନ

**ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ବୁଧବାରଠାରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମୟରେ ଗୁରୁବାର ଛତିଶଗଡ଼ରୁ ଏକ ଧାନ ବୋଝେଇ ଟ୍ରକ୍ (ନଂ.ସିଜି୧୨ସି/୪୦୧୮) ବରଗଡ଼ରେ ପହଞ୍ଚିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଶାସନ ଉକ୍ତ ଟ୍ରକ୍‌କୁ ଜବତ କରି ସ୍ଥାନୀୟ ଏକ ରାଇସ୍ ମିଲର୍ସଙ୍କ ଜିମା ଦେଇଛି। ଏହାର ତଦନ୍ତ ଚାଲିଛି ଏବଂ ଆବଶ୍ୟକ ହେଲେ ପୋଲିସରେ ଏତଲା ଦିଆଯିବ ବୋଲି ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ କହିଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ଅଞ୍ଚଳରୁ ବରଗଡ଼କୁ ଉକ୍ତ ଧାନ ବୋଝେଇ ଟ୍ରକ ଆସୁଥିବା ନେଇ ସ୍ଥାନୀୟ ପ୍ରଶାସନକୁ ସୂଚନା ମିଳିଥିଲା। ଏହାପରେ ଉପଜିଲାପାଳ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଟ୍ରକ୍ ଉପରେ ନଜର ରଖିଥିଲା। ଟ୍ରକ୍‌ଟି ବରଗଡ଼ ସହର ଉପକଣ୍ଠ ହଳଦୀପାଳି ଛକରେ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀମାନେ ତାକୁ ଅଟକ ରଖି ଯାଞ୍ଚ କରିଥିଲେ। ଉକ୍ତ ଟ୍ରକ୍‌ରେ ୫୦୦ ବସ୍ତା ଧାନ ରହିଥିବା ଏବଂ ଏହା ଛତିଶଗଡ଼ରୁ ଆସିଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ପଚରାଉଚରା କରିବାରୁ ଟ୍ରକ୍ ଡ୍ରାଇଭର କୌଣସି ସୂଚନା ଦେଇ ପାରି ନ ଥିଲେ। ଫଳରେ ଟ୍ରକ୍‌କୁ ଜବତ କରାଯିବା ସହ ସ୍ଥାନୀୟ ଏକ ରାଇସ୍ ମିଲର୍ସଙ୍କ ଜିମାରେ ଦିଆଯାଇଥିଲା। ରବିଋତୁରେ ପଡ଼ୋଶୀ ଛତିଶଗଡ଼ରେ ରବିଧାନ ସଂଗ୍ରହ କରାଯାଏନାହିଁ। ଫଳରେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ଛତିଶଗଡ଼ରୁ ବରଗଡ଼କୁ ଧାନ ଆସିବା ଯଥେଷ୍ଟ ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଗତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଧାନ ସଂଗ୍ରହ ଆରମ୍ଭରୁ ବରଗଡ଼କୁ ଛତିଶଗଡ଼ ଧାନ ଆସୁଥିବା ଯୋଗୁ ଏଥିପ୍ରତି କଡ଼ା ନଜର ନ ରଖିଲେ ଆଗକୁ ଏଠାରେ ଧାନ ବିକ୍ରି ଜଟିଳ ହୋଇପଡ଼ିବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି।



ଘଟଣାସ୍ଥଳରେ ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ଛାନ୍‌ଭିନ୍।

# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟିଲେ

## ଲୁଚାଛପା ପ୍ରେମର ପରିଣତି

**କଣ୍ଟାବାଞ୍ଜି,୧୫।୫(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଚଟୁଅନକା ପଞ୍ଚାୟତ କୁର୍ଲି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଲୁଚାଛପାରେ ପ୍ରେମ କରିବା ପ୍ରେମିକ ପାଇଁ ମହଙ୍ଗା ପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରେ କାମ କରନ୍ତି । ମଝିରେ ମଝିରେ ଗାଁକୁ ଯିବା ଆସିବା କରିଥାନ୍ତି । ତେବେ ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜଣେ ଯୁବକ ସମ୍ପୃକ୍ତ ମହିଳାଙ୍କ ଘରକୁ ଯିବା ଆସିବା କରୁଥିଲେ । ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ହେଲେ ମହିଳାଙ୍କ ସ୍ୱାମୀ କାମ କରୁଥିବା ସ୍ଥାନରୁ ନିଜ ଗାଁ କୁର୍ଲିକୁ ହଠାତ୍ ଆସିବା ପରେ ଗୁରୁବାର ପ୍ରେମିକା ଓ ପ୍ରେମିକଙ୍କ ଅନୈତିକ ସମ୍ପର୍କକୁ ଦେଖି ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ଶେଷରେ ସ୍ୱାମୀ ଜଣକ ପ୍ରେମିକ ଓ ତାଙ୍କ ସହ ଆସିଥିବା ଅନ୍ୟ ଜଣେ ନାବାଳକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇ ପିଟିବାକୁ ପଛାଇ ନ ଥିଲେ । ଏ ନେଇ କଣ୍ଟାବାଞ୍ଜି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଖୁଣ୍ଟରେ ବନ୍ଧାହୋଇଥିବା ୨ଜଣଙ୍କୁ ଉଦ୍ଧାରକରି ଅଟକ ରଖିଛି। ଉଭୟ ପକ୍ଷର ବନ୍ଧୁବାନ୍ଧବ ଓ ସମ୍ପର୍କୀୟ ଥାନାରେ ପହଞ୍ଚି ଘଟଣାର ଆପୋସ ବୁଝାମଣା ପାଇଁ ଉଦ୍ୟମ ଚଳାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଚାକିରି କରାଇଦେବା ନାଁରେ ଟଙ୍କା ଠକେଇ ଅଭିଯୋଗ

## ପୂର୍ବତନ ବିଧାୟକଙ୍କ ପୁଅ ଗିରଫ

**ଦେଓଗାଁ,୧୫।୫(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ପୋଲିସ ପୂର୍ବତନ ବିଧାୟକ ପଞ୍ଚାନନ ମିଶ୍ରଙ୍କ ପୁଅ ଅମିତ ବିକ୍ରମ ମିଶ୍ରଙ୍କୁ ଠକେଇ ଅଭିଯୋଗରେ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ତାଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ବିନିକା ପାଲିପଡ଼ାରେ ବୋଲି ଜଣାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅମିତ ବିକ୍ରମ (୨୯) ଦେଓଗାଁ ଥାନା ବହଲି ଗ୍ରାମର ଦିନେଶ ପଟେଲଙ୍କଠାରୁ ବଲାଙ୍ଗୀର ସିଡିଏମ୍‌ଓ ଅଫିସରେ ଚାକିରି କରାଇଦେବା ନାଁରେ ୮୯ ହଜାର୨୦୦ ଟଙ୍କା ଠକି ନେଇଥିଲେ। ଏପରିକି ସମ୍ପୃକ୍ତ ଯୁବକଙ୍କୁ ଜାଲ୍ ନିଯୁକ୍ତି ପତ୍ର ମଧ୍ୟ ଦେଇଥିବା ଜଣାପଡ଼ିଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ବିନିକା ଥାନା ଅଞ୍ଚଳରୁ ବୁଧବାର ଗିରଫ କରିଥିଲା। ଅନେକ ସମୟରେ ଚାକିରି ଲାଳସାରେ ଯୁବପିଢ଼ି ଠକମାନଙ୍କ ହାବୁଡ଼ରେ ପଡୁଛନ୍ତି। ଠକମାନଙ୍କଠାରୁ ଦୂରେଇ ରହିବାକୁ ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡା ପରାମର୍ଶ ଦେଇଛନ୍ତି।

## ମଦ ଚଢ଼ାଉ ବେଳେ ଆକ୍ରମଣ

# ଗାଡ଼ି ଭଙ୍ଗାରୁଜା, ଅବକାରୀ କନଷ୍ଟେବଲ ଆହତ



ଚଢ଼ାଉ କରିଥିବା ଅବକାରୀ ଟିମ୍।

**ବରଗଡ଼, ୧୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବେଆଇନ ମଦ କାରବାର ନେଇ ଚଢ଼ାଉ ବେଳେ ଅବକାରୀ ବିଭାଗର ଏକ ଟିମ୍ ଉପରେ ଆକ୍ରମଣ କରାଯାଇଛି। ଆକ୍ରମଣରେ ଜଣେ ଅବକାରୀ କନଷ୍ଟେବଲ ରାଜେଶ ରାଉତ ଆହତ ହୋଇଛନ୍ତି। ଅଭିଯୁକ୍ତମାନେ ଅବକାରୀ ବିଭାଗର ଗାଡି ମଧ୍ୟ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ବରଗଡ଼ ଟାଉନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କଟାପାଲି ଗ୍ରାମର ନରେଶ ବେହେରାଙ୍କ ଗାଡି ଯାଞ୍ଚବେଳେ ଅବକାରୀ ଟିମ୍ ବିପୁଳ ପରିମାଣର ମହୁଲି ମଦ ଜବତ କରିଥିଲେ। ତେବେ ଚଢ଼ାଉ ସମୟରେ ନରେଶ ଏବଂ ତାଙ୍କ ସ୍ତ୍ରୀ ରୀତା, ପୁଅ ସହଦେବ ମଦ ଛଡାଇବାକୁ ଉଦ୍ୟମ କରିବା ସହ ଅବକାରୀ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ କନଷ୍ଟେବଲ ରାଜେଶ ରାଉତ ଲହୁଲୁହାଣ ହୋଇଥିଲେ। ସେହିପରି ଅବକାରୀ ବିଭାଗର ଗାଡିକୁ ମଧ୍ୟ ଭଙ୍ଗାରୁଜା କରାଯାଇଥିଲା। ଅବକାରୀ ବିଭାଗ ମଦ ବେପାରୀ ନରେଶ ଏବଂ ତାଙ୍କ ସ୍ତ୍ରୀକୁ ଗିରଫ କରିଛି । ଏ ନେଇ ବିଭାଗ ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି ଅବକାରୀ ଥାନା ଆଇଆଇସି ସ୍ୱପ୍ନାରାଣୀ ଟେଟେ କହିଛନ୍ତି।

# ବଜ୍ରପାତରେ ୩ ବଳଦ ମୃତ

**ଖପ୍ରାଖୋଲ,୧୫।୫(ଅଭୟ ତ୍ରିପାଠୀ)**

ଗୁରୁବାର ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁରେ ବଜ୍ରପାତରେ ତିନୋଟି ବଳଦର ମୃତ୍ୟୁ ଘଟିଛି । ସେଥିରୁ ଗାଁର ମୁଖିଆରୁ ମାଝୀଙ୍କର ୨ଟି ଓ ମତୁଆଲ ବିଶିଙ୍କ ଗୋଟିଏ ବଳଦ ବୋଲି ସୂଚନା ମିଳିଛି। ଅପରାହ୍ନ ସମୟରେ ପ୍ରବଳ ବର୍ଷା ହୋଇଥିଲା। ବଳଦ ଆମ୍ବ ତୋଟାରେ ଥିବା ବେଳେ ବଜ୍ରପାତ ହେବାରୁ ତିନି ଗୋଟି ବଳଦର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ।

# ହରିଶଙ୍କର ମନ୍ଦିର ପରିସର ସଫେଇ



ହରିଶଙ୍କର ମନ୍ଦିର ପରିସରକୁ ସଫା କରାଯାଉଛି।

**ଖପ୍ରାଖୋଲ,୧୫।୫(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ଗତ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଦୋକାନ ବଜାର, ପ୍ରଜ୍ଞାପନ ମେଢ, ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। ଯାହାଫଳରେ ମନ୍ଦିର ପରିସର,ମେଳା ସ୍ଥାନ ଓ ରାସ୍ତା କଡରେ ମଇଳା, ଆବର୍ଜନା ପଡ଼ିରହିଥିଲା। ଏହାକୁ ସଫେଇ ପାଇଁ ଦେବୋତ୍ତର କମିଟି, ସବ୍ କମିଟି,ଦୋକାନୀଙ୍କ ସହିତ ଉପ ଜିଲାପାଳ କାର୍ଯ୍ୟାଳୟ କର୍ମଚାରୀ, ବନବିଭାଗ କର୍ମଚାରୀ ,ବ୍ଲକ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ସାମିଲ ହୋଇଥିଲେ। ସଫେଇ କାର୍ଯ୍ୟକ୍ରମରେ ପାଟଣାଗଡ ଉପ ଜିଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ପାଟଣାଗଡ ଆସିଷ୍ଟାଣ୍ଟ କଲେକ୍ଟର ପଦ୍ମନାଭ ମହାରଣା, ସିଡ଼ିପିଓ ଅମିତା ପଣ୍ଡା, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ବନପାଳ ସୁଧୀର ଜେନା, ଅରବିନ୍ଦ ଧରୁଆ,ଶଶି ପୁଝାରୀ,ଡ ଅଭୟ ତ୍ରିପାଠୀ, ଜ୍ୟୋତିରଞ୍ଜନ ପଣ୍ଡା, ସବ୍ କମିଟି ସଭାପତି ବିପ୍ର ବିଶି , ଗଜ ନାଗ, ଟିକେଶ୍ୱର ଧରୁଆ, ପ୍ରହ୍ଲାଦ ଚାନ୍ଦ, ବଳରାମ ବେହେରା, ଭାଗ୍ୟବାନ ସାହୁ,ତୁଳାରାମ ବରିହା, ସନ୍ତୋଷ ବେହେରା ପ୍ରମୁଖ ସାମିଲ ଥିଲେ। କୋଡ଼ି, ଝୁଡ଼ି ଧରି ମେଳା ସ୍ଥଳ ଓ ମନ୍ଦିର ପରିସର ସଫା କରିବା ଦେଖିବାକୁ ମିଳିଥିଲା।

# ଶୀତଳଷଷ୍ଠୀ ଯାତ୍ରା ସୁପରିଚାଳନା ଲାଗି ପ୍ରସ୍ତୁତି ବୈଠକ

**ବଲାଙ୍ଗୀର,୧୫।୫(ବୀରେନ୍ଦ୍ର କୁମାର ଝାଙ୍କର)**

ଆସନ୍ତା ଶୀତଳଷଷ୍ଠୀ ଯାତ୍ରା ସୁପରିଚାଳନା ନିମନ୍ତେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟୁତ, ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ପୌର ନିର୍ବାହୀ ଅଧିକାରୀ, ସମ୍ପୃକ୍ତ ବିଭାଗର ଅଧିକାରୀ ଓ ବଲାଙ୍ଗୀର ସହରର ବିଭିନ୍ନ ଶୀତଳଷଷ୍ଠୀ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶୀତଳଷଷ୍ଠୀ ଯାତ୍ରା ସମୟରେ ନିରନ୍ତର ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ଟ୍ରାଫିକ୍ ସୁପରିଚାଳନା ଓ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଏ ଦିଗରେ ସତର୍କ ରହିବା ସହ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶୀତଳଷଷ୍ଠୀ ଯାତ୍ରା ସମୟରେ ଯାତ୍ରାସ୍ଥଳୀଗୁଡିକରେ ଜନସମାଗମକୁ ଦୃଷ୍ଟିରେ ରଖି ଆଶୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଏବଂ ଔଷଧ ସହ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।

# ୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ କଂଗ୍ରେସରେ ସାମିଲ

## ନରସିଂହ, ସମରେନ୍ଦ୍ରଙ୍କ ନେତୃତ୍ୱକୁ ସମର୍ଥନ



କଂଗ୍ରେସ ଦଳରେ ସାମିଲ କୁଟୁରାପାଲି ଗାଁର ମହିଳା ଓ ପୁରୁଷମାନେ।

**ବଲାଙ୍ଗୀର,୧୫।୫(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସକମା ଗ୍ରାମ ପଞ୍ଚାୟତ କୁଟୁରାପାଲି ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କଂଗ୍ରେସରେ ସାମିଲ ହୋଇଥିବା ଜଣାପଡିଛି। ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ବଲାଙ୍ଗୀର ବାସଭବନସ୍ଥିତ କାର୍ଯ୍ୟାଳୟକୁ ଆସି ଏହି ମହିଳା ଓ ପୁରଷ ମାନେ କଂଗ୍ରେସ ଦଳରେ ସାମିଲ ହୋଇଥିବା ଜଣାପଡିଛି। ନରସିଂହ ମିଶ୍ର ଓ ତାଙ୍କ ପୁଅ ସମରେନ୍ଦ୍ରଙ୍କ ବିକାଶମୁଖୀ ନେତୃତ୍ୱକୁ ସେମାନେ ସମର୍ଥନ କରି କଂଗ୍ରେସରେ ଯୋଗ ଦେଇଥିବା କହିଥିଲେ। ସମାଜର ଅବହେଳିତ, ନିଷ୍ପେସିତ, ଗରିବ, ଖଟିଖିଆଙ୍କ ହିତ ପାଇଁ ମିଶ୍ର କାମ କରିଥିବା ସେମାନେ କହିଥିଲେ। ମିଶ୍ରଣ ସମାବେଶରେ ପୂର୍ବତନ ମନ୍ତ୍ରୀ ମିଶ୍ର ଫୁଲତୋଡା ଓ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସକମା ପଞ୍ଚାୟତର ସମିତି ସଭ୍ୟ ସଞ୍ଜୀବ କୁମାର ପ୍ରଧାନ ଓ ଲିପନ ପ୍ରଧାନଙ୍କ ନେତୃତ୍ୱରେ ମିଶ୍ରଣ ସମାବେଶ ଆୟୋଜନ ହୋଇଥିଲା। କୁଟ୍ରାପାଲି ତଳିପଡାର ଜଗନ୍ନାଥ ବଗର୍ତ୍ତି, ପ୍ରଦୀପ ପ୍ରଧାନ, ଶିବ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଇନ୍ଦ୍ର ମହାକୁର, ମାର୍କଣ୍ଡ ଚନ୍ଦନ, ଦୁର୍ଯ୍ୟୋଧନ ମହାକୁର, ରୁଦ୍ର ପ୍ରଧାନ, ମହାଦେବ ମହାକୁର, ମାୟାଧର ସେଠ, ପ୍ରବୀଣ ସେଠ, ପଞ୍ଚା ଚନ୍ଦନ, ଟଙ୍କଧର ଚନ୍ଦନ, ଜିତ ଚନ୍ଦନ, ପବିତ୍ର ପ୍ରଧାନ, ଲଳିନା ସାହୁ, କୁମୁଦିନୀ ଚନ୍ଦନ, ଆନନ୍ଦିନୀ ପଧାନ, ରଞ୍ଜିତା ବଗର୍ତ୍ତିଙ୍କ ସମେତ ୫୦ ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କଂଗ୍ରେସ ଦଳରେ ସାମିଲ ହୋଇଥିବା ଜଣାଯାଇଛି ।

DSPL-65
ଓଡ଼ିଶା ସରକାର

## ଜାତୀୟ ଡେଙ୍ଗୁ ଦିବସ

୧୬ ମଇ,୨୦୨୫

"ଡେଙ୍ଗୁ ଏକ ମଶାବାହିତ ଭୂତାଣୁ ଜନିତ ଘାତକ ରୋଗ, କିନ୍ତୁ ଏହାର ସଫଳ ପ୍ରତିରୋଧ ସମ୍ଭବ । ପରିବେଶ ପରିଷ୍କାର ରଖିବା, ନିୟମିତ ମଶାରି ବ୍ୟବହାର କରିବା ଓ ଡେଙ୍ଗୁର ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା କରାଇ ଚିକିତ୍ସା କରିବା ଦ୍ୱାରା ଆମେ ଡେଙ୍ଗୁ କବଳରୁ ରକ୍ଷା ପାଇପାରିବା ।"

**କ'ଣ କରିବା**

- ପାଣି ଜମୁଥିବା ସ୍ଥାନ ଯଥା ଟିଣ, ଷଢେଇ, ଡବା, ଟାୟାର, ଫୁଲଦାନୀ, ଏୟାର କୁଲର୍ ଆଦି ଅନ୍ତତଃ ସପ୍ତାହରେ ଥରେ ସଫା କରନ୍ତୁ ।
- ଦିନ ହେଉ ବା ରାତି ଶୋଇଲାବେଳେ ମଶାରି ଟାଙ୍ଗନ୍ତୁ ।
- ପୁରା ହାତ ପୋଷାକ ପିନ୍ଧନ୍ତୁ ।
- ଜ୍ୱର ସହ ଦେହ ହାତ ଓ ଆଖି ବିନ୍ଧିବା ଓ ଦେହରେ ଲାଲ୍ ଲାଲ୍ ହୋଇ ଫଳିଯିବା ଆଦି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଖାନାକୁ ଯାଆନ୍ତୁ ।

**କ'ଣ କରିବା ନାହିଁ**

- କୌଣସି ସ୍ଥାନରେ ୭ ଦିନରୁ ଅଧିକ ସମୟ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
- ଘର ପାଖରେ ଲଟା ବୁଦା ବଢିବାକୁ ଦିଅନ୍ତୁ ନାହିଁ ।
- ଖୋଲା ଦେହରେ ବାହାରେ ବୁଲାବୁଲି କରନ୍ତୁ ନାହିଁ । (ବିଶେଷତଃ ସକାଳ ଓ ସନ୍ଧ୍ୟା ସମୟରେ)
- ଡାକ୍ତରଙ୍କ ବିନା ପରାମର୍ଶରେ ପୀଡା ନିବାରକ ଔଷଧ ଖାଆନ୍ତୁ ନାହିଁ ।

OIPR-10003/13/0179/2526

ଡେଙ୍ଗୁର ପରୀକ୍ଷା ଓ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ମହୁଲ, ମିଲେଟ୍‌ରୁ ପ୍ରସ୍ତୁତ ବ୍ୟଞ୍ଜନରେ ମହକିଲା ବିକାଶ ଭବନ

- ପ୍ରଦର୍ଶିତ ହେଲା ୧୫୦ରୁ ଉର୍ଦ୍ଧ୍ୱ ବିଲୁପ୍ତପ୍ରାୟ ଦେଶୀ ବିହନ
- ସେବକର ୩୦ତମ ପ୍ରତିଷ୍ଠା ଦିବସ

ସୁନ୍ଦରଗଡ଼, ୧୫।୫(ଜୟ ନାରାୟଣ ମେଣ୍ଡୁଲି)



ଅତିଥିମାନେ ପ୍ରଦୀନ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରୁଛନ୍ତି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ୩୦ତମ ପ୍ରତିଷ୍ଠା ଦିବସ ସୁନ୍ଦରଗଡ଼ ବିକାଶ ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଗରିବ, ଅବହେଳିତ ଲୋକଙ୍କ ଉନ୍ନତି ନିମନ୍ତେ ୩୦ ବର୍ଷର ନିରନ୍ତର ଯାତ୍ରା ଉପରେ ସୂଚନା ଦେଇଥିଲେ। ଏହାପରେ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ପ୍ରାକୃତିକ କୃଷି, ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ତଥା ଜଳବାୟୁ ପରିବର୍ତ୍ତନକୁ ରୋକିବା ଦିଗରେ ନିରନ୍ତର ଉଦ୍ୟମ ଜାରି ରହିବ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲାର ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ ଯୋଗଦେଇ ପ୍ରାକୃତିକ କୃଷିକୁ ଆଗେଇବା ନିମନ୍ତେ ସେବକ ପ୍ରୟାସର ଭୂୟଂସୀ ପ୍ରଶଂସା କରିବା ସହିତ ଭବିଷ୍ୟତର ପିଢ଼ି ପାଇଁ ପ୍ରାକୃତିକ କୃଷି ହିଁ ଚିରସ୍ଥାୟୀ ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି କୃଷି ଜିଲା ଅଧିକାରୀ ରଜତ କୁମାର ମିଶ୍ର ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ୧୫୦ରୁ ଉର୍ଦ୍ଧ୍ୱ ବିଲୁପ୍ତପ୍ରାୟ ଧାନ, ଡାଲି ଜାତୀୟ, ପନିପରିବା ମଞ୍ଜିକୁ ନେଇ ଏକ ଦେଶୀ ବିହନ ମେଳାର ଆୟୋଜନ କରାଯାଇଥିଲା । ଏଥିସହିତ ମହୁଲ ଫୁଲ ଓ ମିଲେଟ୍ ଆଧାରିତ ପରମ୍ପରାଗତ ଖାଦ୍ୟ ଦ୍ରବ୍ୟଗୁଡ଼ିକର ପ୍ରଦର୍ଶନୀ ଓ ବିତରଣ ମଧ୍ୟ ଅଂଶଗ୍ରହଣକାରୀଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମର ପ୍ରଥମ ଭାଗରେ 'ପ୍ରାକୃତିକ କୃଷି ମାଧ୍ୟମରେ ସ୍ଥାୟୀ କୃଷି ଜଳବାୟୁ, ମାଟି ଓ ଜୀବିକା' ବିଷୟରେ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଏହାକୁ ଜ୍ଞାନରଞ୍ଜନ ଷଡ଼ଙ୍ଗୀ ସଞ୍ଚାଳନା କରିଥିଲେ। ବିଭିନ୍ନ ସ୍ତରର ପ୍ରାକୃତିକ କୃଷିର ବିଶେଷଜ୍ଞ, ଅଭିଜ୍ଞ ଓ ଅନୁଭବୀ ଅତିଥିଙ୍କ ମଧ୍ୟରେ ପ୍ରାକୃତିକ କୃଷିର ଜାତୀୟ ସ୍ତରୀୟ ବିଶେଷଜ୍ଞ ସଭାପତି ଖାଡଙ୍ଗା, ନ୍ୟାଶନାଲ କୋଆଲିସନ ଫର ନ୍ୟାଚୁରାଲ ଫାର୍ମିଂର ଡ. ଇମ୍ରାନ ଅଲି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଅଶୁତୋଷ ନାଏକ, ଅମୂଲ୍ୟ ଲାକ୍ରା, କୃଷି ବିଜ୍ଞାନ କେନ୍ଦ୍ରର ଡ.ଦିବ୍ୟେନ୍ଦୁ ମଣ୍ଡଳ, ମହିଳା ଚାଷୀ ସୁଷମା ଭୋଇ ପ୍ୟାନେଲ ସଭ୍ୟ ଭାବେ ଯୋଗଦେଇଥିଲେ। ମନୁଷ୍ୟ ସମାଜ ଓ ପ୍ରକୃତିର ସୁରକ୍ଷା ପାଇଁ ପ୍ରାକୃତିକ କୃଷି ଅବସ୍ଥିତିର ଆବଶ୍ୟକତା, ଡିଜିଟାଲ କ୍ୟାମ୍ପେନ, ପ୍ରାକୃତିକ କୃଷିର ଅଭ୍ୟାସ, ମାଟି, ମଞ୍ଜିର ସଂରକ୍ଷଣ, ସ୍ୱଦେଶୀ ଜ୍ଞାନକୌଶଳ, ଗୋ-ପାଳନ ଉପରେ ଆଲୋଚନା କରିବା ସହ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ 'ମଲ୍ଟି ଏକ୍ଟର ପ୍ଲାଟଫର୍ମ' ବା ବହୁମୁଖୀ ଅଂଶୀଦାର ସମୂହ ମଞ୍ଚ ମାଧ୍ୟମରେ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ଉପରେ ଉପସ୍ଥାପନା କରିଥିଲେ। ଏଥିରେ ଜଳ, ଜମି, ଜଙ୍ଗଲର ସୁପରିଚାଳନା, ଜଳବାୟୁ ପରିବର୍ତ୍ତନର ମୁକାବିଲା, ଜୀବିକାର ସୁଯୋଗ ଉପରେ ଆଲୋଚନା କରାଯାଇଥିଲା। ସେହିପରି ବିହନ ବଲ କ୍ୟାମ୍ପେନ, ଗ୍ରିନ ମେମୋରୀ ଅଭିଯାନ ଓ ସୌର ଶକ୍ତି ପ୍ରଚାର ଉପରେ ବେଦବ୍ୟାସ ଧୂଆ, ସ୍ନେହଲତା ନାଏକ, ପ୍ରଦୀପ ବ୍ରହ୍ମ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଦିଗାମ୍ବର ଉପାଧ୍ୟାୟ, ଦୀପକ ତ୍ରିପାଠୀ ସେବକର ଆଗାମୀ ବର୍ଷର ରୋଡ୍ ମ୍ୟାପ ଉପରେ ଆଲୋଚନା କରିଥିଲେ । ସେବକର ଅଧ୍ୟକ୍ଷ, ସମ୍ପାଦକ ଓ ନିର୍ଦ୍ଦେଶକ (ମାନବ ସଂସାଧନ ଓ ଅର୍ଥ) ତାଙ୍କର ମତ ଦେଇଥିଲେ ଓ କାର୍ଯ୍ୟକ୍ରମ ଶେଷରେ ସଞ୍ଜୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ବାହାରିଥିବା ବାଇକ ରାଲି।

# ସେନାର ସମ୍ମାନରେ ତ୍ରିରଙ୍ଗା ଶୋଭାଯାତ୍ରା

ସୁନ୍ଦରଗଡ଼, ୧୫।୫(ଜୟ ନାରାୟଣ ମେଣ୍ଡୁଲି)

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରସ୍ଥିତ ପହଲଗାମ୍‌ରେ ଆତଙ୍କବାଦ ହମ୍‌ଲା ବିରୋଧରେ ମେ ୭ରେ 'ଅପରେଶନ ସିନ୍ଦୂର' ଆରମ୍ଭ ହୋଇଥିଲା। ଭାରତୀୟ ସଶସ୍ତ୍ର ସେନାର ଅଭୂତପୂର୍ବ ସାହସ, ପରାକାଷ୍ଠା ଯୋଗୁ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ ପାଇବା ସହ ବହୁ ଆତଙ୍କବାଦୀ ମୃତାହତ ହୋଇଥିଲେ। ଭାରତର ସାର୍ବଭୌମତ୍ୱ ଓ ଭାରତୀୟଙ୍କ ସୁରକ୍ଷା ପାଇଁ ସେନାର ଏହି ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଏକ ତ୍ରିରଙ୍ଗା ରାଲି ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ସଶସ୍ତ୍ର ସେନାର ସମ୍ମାନରେ ଆୟୋଜିତ ଏହି ପରାକ୍ରମ ଶୋଭାଯାତ୍ରାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଣା କୁମାରୀ ନନ୍ଦ, ପୌରନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ଜନ ପ୍ରତିନିଧି, ବିଭିନ୍ନ ସଂଘ, ବହୁ ସଂଖ୍ୟାରେ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, କ୍ରୀଡ଼ା ଅନୁଷ୍ଠାନ, ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନମାନେ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ମେଡିକାଲ ଛକ, ଶଙ୍କରା, ପାରିଜାତ ପାର୍କ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ପୁନର୍ବାର ଫେରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା।

# ମାଟ୍ରିକ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର।

ସୁନ୍ଦରଗଡ଼, ୧୫।୫(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ଜିଲା ଶିକ୍ଷା କାର୍ଯ୍ୟାଳୟଠାରେ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଗ୍ରେଡ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୩୪ଜଣ କୃତି ପ୍ରତିଯୋଗୀଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଅତିରିକ୍ତ ଜିଲାପାଳ( ସାଧାରଣ) ରବିନାରାୟଣ ସାହୁ, ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ଲିପିକା ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସଫଳତା ଏକ ଲକ୍ଷ ନୁହେଁ ବରଂ ଏକ ପ୍ରକ୍ରିୟା। ଏଥିପାଇଁ ଅବିରତ ପ୍ରଚେଷ୍ଟା ଓ ଉଦ୍ୟମ ଲୋଡ଼ା ବୋଲି ବକ୍ତାମାନେ କହିଥିଲେ। ହାଇ ସ୍କୁଲ ଶିକ୍ଷା ପର୍ଯ୍ୟନ୍ତ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକ ଅକୁଣ୍ଠ ସମର୍ଥନ କରିବାରେ ସମର୍ଥ ହୋଇଥାନ୍ତି। କିନ୍ତୁ ଉଚ୍ଚ ଶିକ୍ଷାରେ ଏକା ଏକା ଚାଲିବାକୁ ପଡେ। ତେଣୁ ଉତ୍ତମ ସାଙ୍ଗ ବାଛିବା ସହିତ ସଫଳତାକୁ ବଜାୟ ରଖିବା ହିଁ ବିଦ୍ୟାର୍ଥୀଙ୍କ ପାଇଁ ଆହ୍ୱାନ ହୁଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତ କୃତି ଛାତ୍ରୀଛାତ୍ର ନିଜ ନିଜର ବ୍ୟକ୍ତିଗତ ଅନୁଭୂତି ସହ ଜୀବନର ଲକ୍ଷ୍ୟ ବିଷୟରେ ମତ ବ୍ୟକ୍ତ କରିଥିଲେ। ଉପସ୍ଥିତ ଥିବା ଶିକ୍ଷକ ଓ ଅଭିଭାବକମାନେ ମଧ୍ୟ ନିଜର ଅନୁଭୂତି ଚାରଣ କରିବା ସହ ପିଲାଙ୍କ ଭବିଷ୍ୟତ ପାଇଁ ପ୍ରେରଣା ଦାୟୀ ଦିଗ ଦର୍ଶନ ପ୍ରଦାନ କରିଥିଲେ। କୁତ୍ରା ଉତ୍କର୍ଷ ଉଚ୍ଚ ବିଦ୍ୟାଳୟର ୧୭ ଜଣ ଛାତ୍ରୀଛାତ୍ର ଗ୍ରେଡ଼-ଏ -୧ ରେ ଐତିହାସିକ ସଫଳତା ଆଣି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବାରୁ ତାଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ବିଭୀଷଣ ବାରିକ ସଫଳତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଚଳିତବର୍ଷ ଉଭୟ ଗୁଣାତ୍ମକ ଓ ସଂଖ୍ୟା ଦୃଷ୍ଟିରୁ ସୁନ୍ଦରଗଡ଼ ଜିଲା ଉନ୍ନତି କରିଥିବାରୁ ଅତିରିକ୍ତ ଜିଲାପାଳ ସନ୍ତୋଷ ପ୍ରକାଶ କରିବା ସହିତ ଶିକ୍ଷା ବିଭାଗକୁ ସାଧୁବାଦ ଦେଇଥିଲେ। ଆଗାମୀ ବର୍ଷ ଆହୁରି ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ। ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ର ଶେଖର ସା ସଂଯୋଜନା କରିଥିଲେ। ଶେଷରେ ସମସ୍ତ କୃତି ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ସମ୍ବର୍ଦ୍ଧନା ପତ୍ର ସହ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କାଲାମଙ୍କ ପୁସ୍ତକ ଅଦମ୍ୟ ଉତ୍ସାହ ପୁସ୍ତକ ପ୍ରଦାନ କରାଯାଇଥିଲା।

## ବଜ୍ରପାତରେ ଜଣେ ମୃତ

ରାଜଗାଙ୍ଗପୁର, ୧୫।୫(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଢେଲୁଆ ପଞ୍ଚାୟତର ଘୋଘରଠାରେ ଇଟାଭାଟିରେ କାର୍ଯ୍ୟରତ ତଥା ଭାଟା ନିକଟରେ ରହୁଥିବା ଶ୍ରମିକଙ୍କ ଘର ଉପରେ ଗୁରୁବାର ବଜ୍ରାପାତ ପଡିଥିଲା। ଏଥିରେ ସହଦେବ ବନଜାରି(୨୮)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ୪ଟାରେ ଘଡଘଡି ବର୍ଷା ସହ ବଜ୍ରାପାତ ହୋଇଥିଲା। ଛତିଶଗଡର ସହଦେବ ଓ ରାହୁଲ ବନଜାରୀ(୨୩)ଙ୍କ ଘରେ ବଜ୍ରପାତ ପଡିବାରୁ ସେମାନେ ଗୁରୁତର ହୋଇଥିଲେ। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସହଦେବଙ୍କୁ ଡାକ୍ତର ମୃତ ଘୋଷିତ କରିଥିଲେ। ରାହୁଲଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ସୁନ୍ଦରଗଡ, ୧୫।୫ (ଜୟ ନାରାୟଣ ମେଣ୍ଡୁଲି):

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ସୋରଡ଼ା ବଙ୍ଗଳେଇଟୋଲୀ ବସ୍ତିରେ ଗୁରୁବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ରଞ୍ଜିତା ମୁଣ୍ଡା(୨୧)। ଏନେଇ ବିଶ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା କେଶ ନଂ.୧୪/୨୫ ରୁଜୁ ହୋଇଛି। ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡିବ ବୋଲି ପୋଲିସ କହିଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ରଞ୍ଜିତା ଶୋଇଥିବା ଘରେ ପଙ୍ଖାରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିଲେ। ବିଶ୍ରା ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହେବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୧୯ରେ ଘୋଷିତ ହେବ ଫଳାଫଳ

**କେନ୍ଦ୍ରିକଲା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ**

ବଣାଇଁ, ୧୫।୫(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଅନ୍ତର୍ଗତ କେନ୍ଦ୍ରିକଲା ଗ୍ରାମପଞ୍ଚାୟତର ସରପଞ୍ଚ ଉଗ୍ରସେନ କିଷାନଙ୍କ ବିରୋଧରେ ଅନାସ୍ଥା ଭୋଟ ଫଳାଫଳ ଆସନ୍ତା ୧୯ତାରିଖରେ ପ୍ରକାଶ ପାଇବ। ବୁଧବାର ବଣାଇଁ ଉପଜିଲାପାଳ ତାଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ୩୩୩୪/୨୫ ଯୋଗେ ଉକ୍ତ ଦିନ ଭୋଟ ଗଣତି ଓ ଫଳାଫଳ ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି। ଗତ ୧୨ ତାରିଖ ଉଚ୍ଚ ନ୍ୟାୟାଳୟରେ ଆଡ୍‌ଭୋକେଟ ଜେନେରାଲ ପତ୍ର ସଂଖ୍ୟା ୨୧୯୭୯ (୪) /୨୫ ମାଧ୍ୟମରେ ଉପଜିଲାପାଳ ବଣାଇଁଙ୍କୁ ଏ ନେଇ ପ୍ରଶ୍ନ କରିବା ପରେ ଉପଜିଲାପାଳ ଏ ସମ୍ପର୍କରେ ପତ୍ର ପ୍ରେରଣ କରିଛନ୍ତି।

ଗତ କିଛି ମାସ ହେବ ଚର୍ଚ୍ଚାରେ ରହି ଆସିଥିବା କେନ୍ଦ୍ରିକଲା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ଓ ଏହାର ଫଳାଫଳକୁ ନେଇ ପଞ୍ଚାୟତବାସୀଙ୍କ ସହ ରାଜନେତାଙ୍କ ନଜର ରହିଛି। ପ୍ରଥମେ ଅନାସ୍ଥା ପ୍ରସ୍ତାବ ଆଗତ ଓ ପରେ ଏପ୍ରିଲ ୨୮ତାରିଖରେ ଭୋଟ ଗ୍ରହଣ କରାଯାଇଥିଲା। ଭୋଟ ଗ୍ରହଣ କରି ଉପଖଣ୍ଡ ପ୍ରଶାସନ ଟ୍ରେଜେରିରେ ସିଲ୍ କରି ଭୋଟ ବାକ୍ସ ରଖିଥିଲା। ହେଲେ ଫଳାଫଳ ଘୋଷଣା ନ ହେବାରୁ ପ୍ରସ୍ତାବ ଆଗତକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ପ୍ରସଙ୍ଗ ଉପରେ ଉପଖଣ୍ଡ ପ୍ରଶାସନ ନୀରବତା ଅବଲମ୍ବନ କରିବା ପରେ ପଞ୍ଚାୟତର ପ୍ରଗତିରେ ବାଧା ଉତ୍ପନ୍ନ ହେଉଥିବା ଅଞ୍ଚଳବାସୀ ମତ ପ୍ରକାଶ କରିଥିଲେ। ଏହାକୁ ନେଇ ସମ୍ପୃକ୍ତ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଉଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଉପଖଣ୍ଡ ପ୍ରଶାସନକୁ ବାଧ୍ୟ କରିବା ପରିଣାମ ସ୍ୱରୂପ ବଣାଇଁ ଉପଜିଲାପାଳଙ୍କ ଅନାସ୍ଥା ଭୋଟ ଗଣତି ଓ ଫଳାଫଳ ଘୋଷଣା ତାରିଖ ଉଚ୍ଚ ନ୍ୟାୟାଳୟ ଧାର୍ଯ୍ୟ କରିବା ଏବେ ଚର୍ଚ୍ଚା ସୃଷ୍ଟି କରିଛି ।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

କୁଆଁରମୁଣ୍ଡା, ୧୫।୫(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ରତାଖଣ୍ଡି ଗ୍ରାମରେ ଗୁରୁବାର ସକାଳ ପ୍ରାୟ ୬ଟାରେ ପୋଖରୀରେ ବୁଡ଼ି ୩ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆରିୟନ କିରୋ। ତାଙ୍କ ବାପା ପ୍ରଭାକର କିରୋ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଜଣାଇବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଆରିୟନ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଶିଶୁପୁତ୍ରକୁ ପାଣିରୁ ଉଦ୍ଧାର କରି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନାଳ, ନର୍ଦ୍ଦମାରୁ ମଇଳା ସଫା ଉପରେ ଗୁରୁତ୍ୱାରୋପ

**ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ**

ସୁନ୍ଦରଗଡ, ୧୫।୫(ଜୟ ନାରାୟଣ ମେଣ୍ଡୁଲି)

ପ୍ରାକ୍ ମୌସୁମୀ ତଥା ବର୍ଷା ଜନିତ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏକ ଜିଲା ସ୍ତରୀୟ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ସମସ୍ତ ବିଭାଗର ମୁଖ୍ୟ, ସମସ୍ତ ଉପଜିଲାପାଳ, ତହସିଲଦାର, ବିଡିଓ, ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଓ ପରିମଳ ବିଭାଗ, ପୂର୍ତ୍ତ ବିଭାଗ, ଅଗ୍ନିଶମ ବିଭାଗ, ଓଡ୍ରାଫ ସମେତ ଅନ୍ୟ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ହୋଇ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଆପଦ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ରଖି ଉପଯୁକ୍ତ ପ୍ରସ୍ତୁତି ଓ ସମନ୍ୱୟ ହିଁ ବିପର୍ଯ୍ୟୟର ମାତ୍ରା ଓ ପ୍ରଭାବକୁ ପ୍ରଶମିତ କରିଥାଏ। ତେଣୁ ମୌସୁମୀ ଆସିବା ପୂର୍ବରୁ ଉପଯୁକ୍ତ ସତର୍କତା ଅବଲମ୍ବନ କରିବାକୁ ପଡିବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ ସୂଚନା ଦେଇ କହିଥିଲେ ଯେ, ସୁନ୍ଦରଗଡ ଜିଲା ଏକ ବନ୍ୟା ପ୍ରବଣ ଅଞ୍ଚଳ ହୋଇ ନ ଥିଲେ ମଧ୍ୟ ଏଠାରେ ନାଳ, ନର୍ଦ୍ଦମାର ମଇଳା ଆବର୍ଜନା ଯୋଗୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥାଏ। ତେଣୁ ନାଳ, ନର୍ଦ୍ଦମା ଗୁଡିକରୁ ମଇଳା ସଫା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲାପାଳ(ରାଜସ୍ୱ)ରବିନାରାୟଣ ସାହୁ ବିଭାଗ ଗୁଡିକର ସମୀକ୍ଷା କରି କହିଥିଲେ ଯେ, ବିଭାଗ ଗୁଡିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବାସହ ଆବଶ୍ୟକ, ପ୍ରସ୍ତୁତି, ସତର୍କତା ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆବଶ୍ୟକ ଯୋଜନା ପ୍ରସ୍ତୁତ ସହ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବା ପାଇଁ କହିଥିଲେ। ଦୁର୍ବଳ ନଦୀବନ୍ଧ ଗୁଡିକର ମରାମତି ସହ ବର୍ଷା ଦିନେ ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ଗୁଡିକର ପୁନରୁଦ୍ଧାର, ଅତ୍ୟଧିକ ବୃଷ୍ଟି ହେଲେ ରିଲିଫ ଯୋଗାଣ ସହ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, କୃଷି ଓ ଫସଲର ସୁରକ୍ଷା ଏବଂ କ୍ଷୟକ୍ଷତି ଆକଳନ ସହ ଚାଷୀଙ୍କୁ ସହାୟତା, ଘର ଭାଙ୍ଗିଲେ ପଲିଥିନ ଯୋଗାଇବା ସହ ମରାମତି ନିମନ୍ତେ ସହାୟତା, ଡାକ୍ତରଖାନା ଗୁଡିକରେ ପର୍ଯ୍ୟାପ୍ତ ଔଷଧମହଜୁଦ ରଖିବା ସହ ସାପ କାମୁଡା ଇଞ୍ଜେକସନ ରଖିବା, ବିଦ୍ୟୁତ ସେବାକୁ ସୁରକ୍ଷିତ ରଖିବା, ଅଙ୍ଗନୱାଡି ଘର ଗୁଡିକୁ ସଫାସୁତୁରା ରଖି ପିଲାଙ୍କ ପାଇଁ ନିରାପଦସ୍ଥଳୀ ଚୟନ କରିବା, ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଥିବା ଲୋକଙ୍କୁ ଉପଯୁକ୍ତ କ୍ଷତି ପୂରଣ ସହ ତହସିଲଦାର ମାନେ ପ୍ରତିଦିନ କ୍ଷୟ କ୍ଷତି ଓ ପାଣିପାଗ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ।

DSPL-65
ଓଡ଼ିଶା ସରକାର
ଜାତୀୟ ଡେଙ୍ଗୁ ଦିବସ
୧୬ ମଇ, ୨୦୨୫
"ଡେଙ୍ଗୁ ଏକ ମଶାବାହିତ ଭୂତାଣୁ ଜନିତ ଘାତକ ରୋଗ, କିନ୍ତୁ ଏହାର ସଫଳ ପ୍ରତିରୋଧ ସମ୍ଭବ। ପରିବେଶ ପରିଷ୍କାର ରଖିବା, ନିୟମିତ ମଶାରି ବ୍ୟବହାର କରିବା ଓ ଡେଙ୍ଗୁର ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା କରାଇ ଚିକିତ୍ସା କରିବା ଦ୍ୱାରା ଆମେ ଡେଙ୍ଗୁ କବଳରୁ ରକ୍ଷା ପାଇପାରିବା।"
କ'ଣ କରିବା
- ପାଣି ଜମୁଥିବା ସ୍ଥାନ ଯଥା ଟିଣ, ଷଢେଇ, ଡବା, ଟାୟାର, ଫୁଲଦାନୀ, ଏୟାର କୁଲର୍ ଆଦି ଅନ୍ତତଃ ସପ୍ତାହରେ ଥରେ ସଫା କରନ୍ତୁ।
- ଦିନ ହେଉ ବା ରାତି ଶୋଇଲାବେଳେ ମଶାରି ଟାଙ୍ଗନ୍ତୁ।
- ପୁରା ହାତ ପୋଷାକ ପିନ୍ଧନ୍ତୁ।
- ଜ୍ୱର ସହ ଦେହ ହାତ ଓ ଆଖି ବିନ୍ଧିବା ଓ ଦେହରେ ଲାଲ୍ ଲାଲ୍ ହୋଇ ଫଳିଯିବା ଆଦି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଖାନାକୁ ଯାଆନ୍ତୁ।
କ'ଣ କରିବା ନାହିଁ
- କୌଣସି ସ୍ଥାନରେ ୭ ଦିନରୁ ଅଧିକ ସମୟ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- ଘର ପାଖରେ ଲଟା ବୁଦା ବଢିବାକୁ ଦିଅନ୍ତୁ ନାହିଁ।
- ଖୋଲା ଦେହରେ ବାହାରେ ବୁଲାବୁଲି କରନ୍ତୁ ନାହିଁ। (ବିଶେଷତଃ ସକାଳ ଓ ସନ୍ଧ୍ୟା ସମୟରେ)
- ଡାକ୍ତରଙ୍କ ବିନା ପରାମର୍ଶରେ ପୀଡା ନିବାରକ ଔଷଧ ଖାଆନ୍ତୁ ନାହିଁ।
ଡେଙ୍ଗୁର ପରୀକ୍ଷା ଓ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR-10003/13/0179/2526

**ଥଣ୍ଡା ପାନୀୟଜଳ ମେଶିନ ଉଦ୍‌ଘାଟିତ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ପ୍ରଶାନ୍ତ ନନ୍ଦ ବାପା ସ୍ୱର୍ଗତ ସୂର୍ଯ୍ୟମଣି ନନ୍ଦଙ୍କ ସ୍ମୃତିରେ ନୂଆ ବସ୍‌ଷ୍ଟାଣ୍ଡ ରୋଡସ୍ଥିତ ମୁକ୍ତେଶ୍ୱର ଧାମ ଛକଠାରେ ଗୁରୁବାର ସକାଳେ ଏକ ଥଣ୍ଡା ପାନୀୟଜଳ ମେଶିନ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରିଛନ୍ତି। ସୂର୍ଯ୍ୟମଣିଙ୍କ ପତ୍ନୀ ରଜନୀ ନନ୍ଦ ଏହି ମେଶିନ୍‌କୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ତାପସ ରାୟଚୌଧୁରୀ, ବାଲଗୋବିନ୍ଦ ମିଶ୍ର, ବିବେକାନନ୍ଦ ମିଶ୍ର, ଜ୍ଞାନେନ୍ଦ୍ର ବେହେରା, ଗଣେଶ ସୁନାର, ମାନସୀ ପଣ୍ଡା, ଗୀତା ରାଣା, ସୁଜାତା ମିଶ୍ର, ପୁନମ ପଟେଲ, ସୁଶାନ୍ତ ଗୁପ୍ତା, ବିଜୟ ସାଇଗଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଦେବଗଡ଼ରେ ଗୁରୁବାର ଅନୁଷ୍ଠିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଝାରସୁଗୁଡ଼ା ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

# ଦେବଗଡ଼, ଝାରସୁଗୁଡ଼ାରେ ପରାକ୍ରମ ଶୋଭାଯାତ୍ରା

**ଦେବଗଡ଼,୧୫ା୫(ଶଶାଙ୍କ ଶେଖର ଝାଙ୍କର)** ଅପରେଶନ ସିନ୍ଦୂର'ର ସଫଳତା ପରେ ଭାରତୀୟ ଯବାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଗୁରୁବାର ଦେବଗଡ଼ଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ ବାହିନୀର ବୀର ଯବାନଙ୍କୁ କୃତଜ୍ଞତା ଜଣାଇ ଜିଲାସ୍ତରୀୟ ତ୍ରିରଙ୍ଗା ବାଇକ୍ ଯାତ୍ରା ଦେବଗଡ଼ ସହର ପରିକ୍ରମା କରିଥିଲା। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଭାଜପା ଜିଲା ସଭାପତି ଅରୁଣ ସାହୁ, ପୌରପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ ଭୋଜ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ପତାକା ଦେଖାଇ ତ୍ରିରଙ୍ଗା ବାଇକ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଯାତ୍ରାରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ବାର୍ ଆସୋସିଏଶନ ସଭାପତି ସଚ୍ଚିକାନ୍ତ ଦାସ, ଗଣେଶ ମେଳା କମିଟି ସଭାପତି ଉମାଶଙ୍କର ସାହୁ, ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀ, ପୋଲିସ ଓ ଶତାଧିକ ଜନସାଧାରଣ ହାତରେ ତ୍ରିରଙ୍ଗା ପତାକା ଧରିବା ସହ ବନ୍ଦେ ମାତରମ୍ ନାରା ଦେଇ ସହର ପରିକ୍ରମା କରିଥିଲେ।

**ଝାରସୁଗୁଡ଼ା,୧୫ା୫(ଆଶିଷ ରଞ୍ଜନ ଦାଶ):** ଅପରେଶନ ସିନ୍ଦୂର'ର ସଫଳତାକୁ ନେଇ ଝାରସୁଗୁଡା ଜିଲା ପ୍ରଶାସନ ଦ୍ୱାରା ଗୁରୁବାର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସକାଳ ୮ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାଇକ୍ ଶୋଭାଯାତ୍ରା ବାହାରି ସରବାହାଲ ସରକାରୀ ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ ଆବୋଲି ସୁନୀଲ ନରୱାଣେ, ଜିଲା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଝାରସୁଗୁଡା ପୌର ପରିଷଦ ଉପାଧକ୍ଷ ବେନୁଗୋପାଳ ପାଣିଗ୍ରାହୀ, ପ୍ରେମସେନ ରାୟ, ରଜତ ମହାପାତ୍ର, ବାଲଗୋବିନ୍ଦ ମିଶ୍ର, ତାରଣ ଗିଦ୍ୱାନି, ବିମଳେନ୍ଦୁ ଭୋଲଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀ, ମହିଳା, ଯୁବକମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ସେମାନେ ତ୍ରିରଙ୍ଗା ପତାକା ଉଡାଇବା ସହ ଭାରତୀୟ ଯବାନଙ୍କ ଜୟଗାନ କରିଥିଲେ।

# ଆନ୍ତଃ ସ୍କୁଲ କ୍ରିକେଟ୍ ପ୍ରତିଯୋଗିତା, କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍ ବିଜୟୀ

**ଝାରସୁଗୁଡା,୧୫ା୫(ଆଶିଷ ରଞ୍ଜନ ଦାଶ)** ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲା କ୍ରିକେଟ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଆନ୍ତଃ ସ୍କୁଲ କ୍ରିକେଟ୍ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ବ୍ରଜରାଜନଗରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଓ ସେଣ୍ଟ ଥୋମାସ ସ୍କୁଲ ଝାରସୁଗୁଡ଼ା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୫.୫ ଓଭରରେ ୧୦ ଉଇକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସେଣ୍ଟ ଥୋମାସ୍ ସ୍କୁଲ ଟିମ୍ ୧୯ ଓଭରରେ ୧୦ ଉଇକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ମୋହିତ କୁମାର ସାହୁ ୬ ଓଭରରେ ୧୯ ରନ୍ ଦେଇ ୫ଟି ଉଇକେଟ୍ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ଭାବେ ଘୋଷିତ ହୋଇଥିଲେ। ଅନିରୁଦ୍ଧ କେୱାଟ ଓ ଜୟସିଂ ଅମ୍ପାୟର ଭାବେ କ୍ରୀଡ଼ା ପରିଚାଳନା କରିଥିବାବେଳେ ପ୍ରଜଲ କୁମାର ପଟେଲ, କମ୍ପାଉଣ୍ଡର ବେହେରା, ଅଶୋକ କୁମାର ପ୍ରଧାନ ପ୍ରମୁଖ ସହାୟତା କରିଥିଲେ।

# ଭାଙ୍ଗିଲା ଗଛ, ଉଡ଼ିଲା ଆଜବେଷ୍ଟସ୍



ଅଗ୍ନିଶମ କର୍ମଚାରୀ ଗଛ କାଟି ରାସ୍ତା ସଫା କରୁଛନ୍ତି।

**କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା**

**ଲଖନପୁର,୧୫ା୫(ଗୌତମ ସାହୁ)** ଦିନବେଳା ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିବାବେଳେ ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ପିପିଲିମାଲ, କୁଡାଲୋଇ ପଞ୍ଚାୟତ ସମେତ ବେଲପାହାଡ଼ ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ହୋଇଥିଲା। ହେଲେ ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ କାଳବୈଶାଖୀ ମାଡ଼ି ଆସିଥିଲା। ପ୍ରବଳ ବେଗରେ ପବନ ବହିବା ସାଙ୍ଗକୁ ଝଡ଼ବର୍ଷା ହୋଇଥିଲା। ଏଥିଯୋଗୁ ଉପରୋକ୍ତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଝଡ଼ତୋଫାନରେ ପିପିଲିମାଲ ଅଞ୍ଚଳ ରାସ୍ତାରେ ବଡ଼ ଗଛ ଉପୁଡି ପଡିଛି। ଖବରପାଇ ଲଖନପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ପାଇଁ ଲାଗିପଡିଥିବା ଦେଖିବାକୁ ମିଳିଛି। ସେହିପରି କୁଡାଲୋଇ ଗ୍ରାମରେ କେତେକ ଲୋକଙ୍କ ଘରର ଆଜବେଷ୍ଟସ୍ ଉଡ଼ିଯାଇଛି। ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ କ୍ଷତିଗ୍ରସ୍ତ ଲୋକମାନେ ଦାବି କରିଛନ୍ତି।

# ଦୁର୍ଘଟଣାରେ ବାଇକ ଚାଳକ ମୃତ

**ଝାରସୁଗୁଡ଼ା,୧୫ା୫(ଆଶିଷ ରଞ୍ଜନ ଦାଶ):** ଝାରସୁଗୁଡ଼ାସ୍ଥିତ ବିଜୁ ଏକ୍ସପ୍ରେସ୍ ୱେ ରାସ୍ତାରେ ଗୁରୁବାର ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼ଖଣ୍ଡ ଅଞ୍ଚଳର କରନ ମିଶ୍ର। ସକାଳେ ସେ ବାଇକ୍‌ରେ ଛତିଶଗଡ଼ ଅଭିମୁଖେ ଯାଉଥିବାବେଳେ ଏକ ସାଇକେଲ ସହ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଝାରୁସୁଗୁଡ଼ା ସଦର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଆଧାରକାର୍ଡ ତ୍ରୁଟି ସଂଶୋଧନ ନିୟମ କୋହଳ କରାଯାଉ

**ଲଖନପୁର,୧୫ା୫(ଗୌତମ ସାହୁ)** ବିଭିନ୍ନ କାର୍ଯ୍ୟରେ ସାମିଲ ହେବା ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ କରାଯାଇଛି। ପ୍ରାରମ୍ଭରେ ଆଧାରକାର୍ଡରେ ଉଲ୍ଲେଖ ଥିବା ନାମର ଅକ୍ଷରରେ ତ୍ରୁଟି ଥିଲେ ଓ ଜନ୍ମତାରିଖରେ ତ୍ରୁଟି ଥିଲେ ତାହାକୁ ସଂଶୋଧନ କରାଯାଉଥିଲା। ହେଲେ ଗତ ୨ ମାସ ହେବ ଏହି କାର୍ଡରେ ତ୍ରୁଟି ସଂଶୋଧନ ନିମନ୍ତେ ଆବଶ୍ୟକ କାଗଜପତ୍ର ଯୋଗାଡ଼ କରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡିଛି। ଏପରି କି ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏବେ ଆଧାର କାର୍ଡରେ ତ୍ରୁଟିପୂର୍ଣ୍ଣ ନାମ ଓ ସାଙ୍ଗିଆ ପରିବର୍ତ୍ତନ ପାଇଁ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ, ଦୁଇଟି ଖବରକାଗଜରେ ତ୍ରୁଟି ସମ୍ପର୍କିତ ବିଜ୍ଞାପନ, ଗେଜେଟ୍ ନୋଟିଫିକେଶନ ଭଳି ଜଟିଳ ପ୍ରକ୍ରିୟା ଯୋଗୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅପରପକ୍ଷରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅଧୀନ ପଞ୍ଚଗାଁ ଗ୍ରାମରେ ଥିବା ଏକମାତ୍ର ଆଧାର ସଂଶୋଧନ କେନ୍ଦ୍ର ବନ୍ଦ ରହିଛି। ଫଳରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନାମଲେଖା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଜିଲାର ବଡ଼ ବ୍ଲକ ଭାବେ ପରିଚିତ ଲଖନପୁର ବ୍ଲକ ପାଇଁ ଆବଶ୍ୟକ ଆଧାରକେନ୍ଦ୍ର ନ ଥିବାରୁ ଲୋକମାନେ ହଇରାଣ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଧାରକାର୍ଡ ତ୍ରୁଟି ସଂଶୋଧନ ନିୟମ ତୁରନ୍ତ କୋହଳ କରିବା ସହ ଲଖନପୁର ଅଞ୍ଚଳରେ ଅଧିକ ସଂଖ୍ୟକ ଆଧାର କେନ୍ଦ୍ର ଖୋଲିବା ପାଇଁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

# ବାର୍-ବେଞ୍ଚ ମଧ୍ୟରେ ଉତ୍ତମ ସମନ୍ୱୟ ଆବଶ୍ୟକ




କାର୍ଯ୍ୟକ୍ରମରେ ବିଚାରପତି ଓ ଅନ୍ୟମାନେ।

**ନୂତନ ଜିଲା ଓ ଦୌରାଜଜ୍, ଅତିରିକ୍ତ ଜିଲାଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା**

**ଦେବଗଡ଼,୧୫ା୫(ଶଶାଙ୍କ ଶେଖର ଝାଙ୍କର)** ଦେବଗଡ଼ର ନୂତନ ଜିଲା ଓ ଦୌରାଜଜ୍ ଭାବେ ଦେବାଶିଷ ରାଉତ, ନୂତନ ଅତିରିକ୍ତ ଜିଲାଜଜ୍ ଭାବେ ମଧୁମିତା ମହାନ୍ତି ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସେମାନଙ୍କୁ ଜିଲା ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜିଲା ଓକିଲ ସଂଘ ସଭାପତି ସଚ୍ଚିକାନ୍ତ ଦାଶଙ୍କ ପୌରୋହିତ୍ୟରେ ଜିଲା ନ୍ୟାୟାଳୟ ପରିସରସ୍ଥ ବାର୍ ଅସୋସିଏଶନ ହଲ୍‌ରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଜିଲା ଓ ଦୌରାଜଜ୍ ରାଉତ, ଅତିରିକ୍ତ ଜିଲାଜଜ୍ ମହାନ୍ତିଙ୍କ ସହ ବିଚାରପତି ଅନୁପ କୁମାର ଚନ୍ଦନ ଯୋଗଦେଇଥିଲେ। ଜିଲା ଓକିଲ ସଂଘ ସହସମ୍ପାଦକ ବୀରେନ ପ୍ରଧାନ, ପ୍ରୀତି ପରିମିତା ବେହେରା, ସୁଜାତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲାଜଜ୍ ରାଉତ ଓ ଅତିରିକ୍ତ ଜିଲାଜଜ୍ ମହାନ୍ତି କହିଛନ୍ତି, ବାର୍ ଓ ବେଞ୍ଚ ମଧ୍ୟରେ ଉତ୍ତମ ସମନ୍ୱୟ ଆବଶ୍ୟକ। ଜିଲା ଓକିଲ ସଂଘ ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ସ୍ୱାଗତ ଭାଷଣ ଓ ଜିଲା ଓକିଲ ସଂଘ ଉପାଧକ୍ଷ ପୃଥ୍ୱୀରାଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ସିଜେଏମ୍ ପ୍ରଶାନ୍ତ ବେହେରା, ରେଜିଷ୍ଟ୍ରାର ବିଶ୍ୱଜିତ୍ ମହାପାତ୍ର, ସହକାରୀ ଦୌରାଜଜ୍ ସାନ୍ତାଶ୍ରୀ ମହାନ୍ତି, ଏସ୍‌ଡିଜେଏମ୍ ଧନଞ୍ଜୟ ନାୟକ, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ଅପୂର୍ବା ଚୌଧୁରୀ, ଜେଏମ୍‌ଏଫ୍‌ସି ଶୁଭସ୍ମିତା ଶୁଭଦର୍ଶିନୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଦିଲୀପ ଗୁରୁ, ପ୍ରମଥେଶ ଗୁରୁ, ବରିଷ୍ଠ ଆଇନଜୀବୀ ଆଶୁତୋଷ ଶର୍ମା, ଜୟ ଭଗବାନ ଅଗ୍ରୱାଲ, ଅଭିମନ୍ୟୁ ରଣା, ପ୍ରଣବ କୁମାର ପ୍ରଧାନ, ମାଧବ ଚନ୍ଦ୍ର ମହାପାତ୍ର, ସୁଧାଂଶୁ ଅମାତ୍ୟ, ତାପସ ମହାପାତ୍ର, ରାଜୀବ ଲୋଚନ ପ୍ରଧାନ, ପ୍ରମୋଦ ନନ୍ଦ, ମନୋଜ ପାଢ଼ୀ, ସଞ୍ଜୀବ କୁମାର ପ୍ରଧାନ, ଜୟନ୍ତ ମହାନ୍ତି, ନାରାୟଣ ପ୍ରସାଦ ଗୁରୁ, ଅବନୀକାନ୍ତ ଖଡିରତ୍ନ, କେଶବ ଚନ୍ଦ୍ର ସାହୁ, ରଞ୍ଜନ କୁମାର ସାହୁ ଓ ରଜତ ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାର ଘଟଣା, ଅଭିଯୁକ୍ତ କୋର୍ଟଚାଲାଣ

**ଝାରସୁଗୁଡ଼ା,୧୫ା୫(ଆଶିଷ ରଞ୍ଜନ ଦାଶ)** ନାବାଳିକା ବଳାତ୍କାର ଘଟଣାରେ ବଡ଼ମାଲ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗରିଆଡିହି ଅଞ୍ଚଳର ଦେବେନ୍ଦ୍ର କିଷାନ(୨୨)। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତଙ୍କ ଘରେ ନାବାଳିକା ଓ ତାଙ୍କ ମା'ବାପା ଭଡ଼ାରେ ରହୁଥିଲେ। ଗତ ସପ୍ତାହରେ ନାବାଳିକାଙ୍କ ମା'ବାପା କାମ କରିବା ପାଇଁ ବାହାରକୁ ଯାଇଥିଲେ। ଘରେ ନାବାଳିକା ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କୁ ବଳାତ୍କାର କରିଥିଲେ। ଏସମ୍ପର୍କରେ କାହାକୁ ଜଣାଇଲେ ମାରିଦେବା ପାଇଁ ମଧ ଧମକ ଦେଇଥିଲେ। କାମରୁ ଫେରିବା ପରେ ମା'ବାପାଙ୍କୁ ଘଟଣା ସମ୍ପର୍କରେ ନାବାଳିକା ଜଣକ ଜଣାଇଥିଲେ। ଏନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ବାକି ଟଙ୍କା ମାଗିବାରୁ ଟାଙ୍ଗିଆରେ ହତ୍ୟା କରିଥିଲେ



ବୁଦ୍ଧରାମ ପ୍ରଧାନ

**ସୁରେଶ ଶବର ହତ୍ୟା ଘଟଣା**

**ଅଭିଯୁକ୍ତ ଗିରଫ, ଟାଙ୍ଗିଆ ଜବତ**

**ଦେବଗଡ଼,୧୫ା୫(ଶଶାଙ୍କ ଶେଖର ଝାଙ୍କର)** ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ମର୍ହା ଗ୍ରାମରେ ଘଟିଥିବା ବନ୍ୟଜନ୍ତୁ ଶିକାରୀ ସୁରେଶ ଶବର(୫୯)ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମର୍ହା ଗ୍ରାମର ଭାଗୁଡୁ ଓରଫ ବୁଦ୍ଧରାମ ପ୍ରଧାନ(୩୫)। ପୋଲିସ ତାଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମର୍ହା ଗ୍ରାମରେ ସୁରେଶ ଶବରଙ୍କ ରାଶନ ଦୋକାନ ରହିଛି। ଭାଗୁଡୁ ତାଙ୍କ ନିକଟରୁ ୮୦୦ ଟଙ୍କାର ସାମଗ୍ରୀ ବାକିରେ ନେଇଥିଲେ। ପୂର୍ବରୁ ଭାଗୁଡୁଙ୍କ ଉପରେ ବାକି ଟଙ୍କା ରହିଥିଲେ ମଧ ସେ ପରିଶୋଧ ନ କରି ଦିନ ଗଡାଇ ଚାଲିଥିଲେ। ଗତ ୩୦ ତାରିଖ ରାତି ପ୍ରାୟ ୮ଟାରେ ସୁରେଶ ଶ୍ରମିକ ଯୋଗାଡ କରିବା ପାଇଁ ଏକ ବାଇକ୍‌ରେ ନିକଟସ୍ଥ ଔତଳ ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଔତଳ ରାସ୍ତାର ଏକ ନାଳ ନିକଟରେ ଭାଗୁଡୁଙ୍କ ସହିତ ତାଙ୍କର ଦେଖାହୋଇଥିଲା। ଏହି ସମୟରେ ସୁରେଶ ତାଙ୍କୁ ବକେୟା ଥିବା ୮୦୦ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ଦେବା ପାଇଁ ଅକ୍ଷମତା ପ୍ରକାଶ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ସୁରେଶ ନିଜ ପାଖରେ ରଖିଥିବା ବନ୍ଧୁକ ଦେଖାଇବାରୁ ଭାଗୁଡୁ ଭୟଭୀତ ହୋଇ ନିକଟସ୍ଥ ଜଙ୍ଗଲକୁ ଦୌଡି ପଳାଇଥିଲେ। ସୁରେଶ ତାଙ୍କ ପଛରେ ଦୌଡି ମର୍ହା ଗ୍ରାମ ପୋଖରୀ ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଭାଗୁଡୁ ସୁଯୋଗ ଦେଖି ଏକ ଠେଙ୍ଗାରେ ସୁରେଶଙ୍କ ମୁଣ୍ଡକୁ ପଛପଟୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ। ପରେ ଭାଗୁଡୁ ଏକ ଟାଙ୍ଗିଆରେ ତାଙ୍କ ବେକ ଓ ମୁଣ୍ଡ ସହିତ ଶରୀରର ବିଭିନ୍ନ ସ୍ଥାନକୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସୁରେଶଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଭାଗୁଡୁ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।



## ସଂକ୍ଷେପରେ

# କାର୍ ଧକ୍କାରେ ଯୁବକ ମୃତ

### ବାପାଙ୍କ ଦଶାହ କାର୍ଡ ବାଣ୍ଟିବାକୁ ଯାଇଥିଲେ

**ବରପାଲି, ୧୫।୫(ଚିତ୍ତରଞ୍ଜନ ସାହୁ):** ନିଜ ବାପାଙ୍କ ଦଶାହ କାର୍ଯ୍ୟକ୍ରମର ନିମନ୍ତ୍ରଣ କାର୍ଡ ବାଣ୍ଟି ଘରକୁ ଫେରୁଥିବାବେଳେ ବରପାଲି ନିକଟ ମହଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ କାର୍ ବାଇକ୍‌କୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାନୁ ସା(୩୫)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇ ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି। ବରପାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ସେହିପରି ଉଭୟ ଗାଡିକୁ ଜବତ କରି ଏକ ମାମଲା ରୁଜୁ କରିଛି। ସୂଚନା ଅନୁସାରେ, ବରପାଲି ଥାନା ବନ୍ଧୁମୁଣ୍ଡା ଗ୍ରାମର ମାନୁଙ୍କ ବାପା ଛାଲ ସାଙ୍କ ଦେହାନ୍ତର ଗୁରୁବାର ଥିଲା ନବମ ଦିବସ। ଏହିଦିନ ମାନୁ ଓ ସମ୍ପର୍କୀୟ ସୁମନ୍ତ ସା(୪୫) ଦଶାହ କାର୍ଯ୍ୟ ପାଇଁ ନିମନ୍ତ୍ରଣ କାର୍ଡ ବାଣ୍ଟି ଗାଁକୁ ବାଇକ୍ ଯୋଗେ ଫେରୁଥିବା ବେଳେ ମହଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ କାର୍ ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବରପାଲି ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ମାନୁଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସୁମନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ଟ୍ରକ୍ ଧକ୍କାରେ ଚାଳକ ମୃତ

**ଲହୁଣୀପଡ଼ା, ୧୫।୫(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଜାମୁଡ଼ିହି ଟୋଲଗେଟ ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ ଟାରେ ଏକ ଟ୍ରକ୍ ଧକ୍କାରେ ଅନ୍ୟ ଏକ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ବିହାର ରାଜ୍ୟ ଔରଙ୍ଗାବାଦ ଅଞ୍ଚଳର ଦାତାଗିରି ଇଗ୍ରିସ (୩୩)। ଏନେଇ କେ. ବଲାଙ୍ଗ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଓଡି-୩୫ଏଚ-୨୦୨୧ ଟ୍ରକର ଚାଳକ ଦାତାଗିରି ଗାଡିକୁ ରାସ୍ତା କଡରେ ଛିଡା କରି ତଳେ ଗାଡି ସାମ୍ନାରେ ଛିଡା ହୋଇଥିଲା ବେଳେ ଅନ୍ୟ ଏକ ଟ୍ରକ ଓଡି-୧୪ଜେଡ-୯୩୭୮ର ଚାଳକ ଗାଡିକୁ ପଛୁଆ କରୁଥିବା ବେଳେ ଶକ୍ତ ଧକ୍କା ଦେଇଥିଲା। ଫଳରେ ଉକ୍ତ ଚାଳକ ଗୁରୁତର ଆହତ ହୋଇଥିଲେ। ଖବରପାଇ କେ.ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଚାଳକଙ୍କୁ ବଣେଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ପରାକ୍ରମ ଶୋଭାଯାତ୍ରାରେ ସାମିଲ ହୋଇଥିବା ବରଗଡ଼ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ।

# ବରଗଡ଼ରେ ପରାକ୍ରମ ଶୋଭାଯାତ୍ରା

**ବରଗଡ, ୧୫।୫(ପ୍ରେମାନନ୍ଦ ଖମାରୀ)**

ଆତଙ୍କବାଦୀ ନିପାତ ଉଦ୍ଦେଶ୍ୟରେ ଭାରତୀୟ ସେନା ପକ୍ଷରୁ ହୋଇଥିବା ଅପରେଶନ ସିନ୍ଦୂରର ସଫଳତା ପରିପ୍ରେକ୍ଷୀରେ ଗୁରୁବାର ବରଗଡ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରୁ ଗାନ୍ଧୀଛକ ପର୍ଯ୍ୟନ୍ତ 'ପରାକ୍ରମ ଶୋଭାଯାତ୍ରା' ଆୟୋଜନ କରାଯାଇଥିଲା। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ଲୋକସଭା ସାଂସଦଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ ଏବଂ ବରଗଡ଼ ବିଧାୟକ ପ୍ରତିନିଧି ଅକ୍ରୁର ମଲ୍ଲିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ସମସ୍ତେ ମିନି ଷ୍ଟାଡିୟମରୁ କାଳୀମନ୍ଦିର ଛକ, ଥାନା ଛକ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ଦେଇ ଗାନ୍ଧୀ ଛକ ଯାଇଥିଲେ ଏବଂ ସେଠାରୁ ପୁଣି ମିନି ଷ୍ଟାଡିୟମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଜିଲା ମୁଖ୍ୟାଳୟ ସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଏନ୍‌ଏସ୍‌ଏସ୍, ରେଡ୍‌କ୍ରସ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବରଗଡ଼ ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ ସେନା ତଥା ଭେଟେରାନ ଆସୋସିଏଶନ, ଆଥ୍‌ଲେଟିକ ସଂଘ, ମହିଳା ସମିତି, ପୋଲିସ ଅଧିକାରୀ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

# ଆରମ୍ଭରୁ ଧାନ ଉଠାଣ ମନ୍ଥର

**ବରଗଡ଼, ୧୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ବୁଧବାରଠାରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ମଣ୍ଡିଗୁଡ଼ିକୁ ବିକ୍ରି ପାଇଁ ଚାଷୀମାନେ ଧାନ ଆଣୁଛନ୍ତି। ଅନ୍ୟପଟେ ଗୁରୁବାରଠାରୁ ବିକ୍ରି ପାଇଁ ଆସିଥିବା ଧାନ ଉଠାଣ ମଧ୍ୟ ଆରମ୍ଭ ହୋଇଛି। ତେବେ ମଣ୍ଡିରେ ସଂଗୃହୀତ ଧାନ ତୁଳନାରେ ଉଠାଣ ଶିଥିଳ ହୋଇ ପଡ଼ିଛି। ଫଳରେ ମଣ୍ଡି ଗୁଡ଼ିକରେ ବିକ୍ରି ଅପେକ୍ଷାରେ ଧାନ ପରିମାଣ ବଢ଼ି ଚାଲିଛି। ଏହା ଜାରି ରହିଲେ ଆଗକୁ ଧାନ ଉଠାଣ ସମସ୍ୟା ଆହୁରି ଜଟିଳ ହେବା ଆଶଙ୍କା ରହିଛି।

ସୂଚନା ଅନୁଯାୟୀ, ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ମଣ୍ଡିଗୁଡ଼ିକୁ ଗୁରୁବାର ସୁଦ୍ଧା ୫୩ହଜାର ୮୩୭ କୁଇଣ୍ଟାଲ ଧାନ ଆସିଛି। ସେଥିରୁ ୨୩ହଜାର ୬୭୬ କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ



ବରଗଡ଼ ବ୍ଲକ କଲାପାଣି ମଣ୍ଡିରେ ଧାନ ଉଠାଣ କାର୍ଯ୍ୟ ଚାଲିଛି।

ପଡ଼ିରହିଛି। ସେହିପରି ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ ମଣ୍ଡିଗୁଡ଼ିକୁ ୬ଜଣ ଚାଷୀ ୬୮୦କୁଇଣ୍ଟାଲ ଧାନ ବିକ୍ରି ପାଇଁ ଆଣିଛନ୍ତି। ସେଥିରୁ ୪୨୭କୁଇଣ୍ଟାଲ ୪୪ କି.ଗ୍ରା ଧାନ ବିକ୍ରି ହୋଇଛି। ବାକି ଧାନ ବିକ୍ରି ଅପେକ୍ଷାରେ ମଣ୍ଡିରେ ପଡ଼ି ରହିଛି। ଅନ୍ୟପଟେ ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ବିଳମ୍ବରେ ରହିଥିବା ଯୋଗୁ ସେମାନେ ମଣ୍ଡିକୁ ଧାନ ଆଣିପାରିନାହାନ୍ତି। ସେହିପରି ଧାନ ଅମଳ କାର୍ଯ୍ୟ ଜୋର୍ ଧରିଥିବା ଯୋଗୁ ଆଗାମୀ ଦିନରେ ମଣ୍ଡିକୁ ଚାଷୀମାନେ ଆହୁରି ଧାନ ଆଣିବେ। ଫଳରେ ଧାନ ଉଠାଣ କାର୍ଯ୍ୟ ତ୍ୱରାନ୍ୱିତ କରା ନ ଗଲେ ମଣ୍ଡିରେ ଧାନକୁ ସୁରକ୍ଷିତ ରଖିବାରେ ମଧ୍ୟ ଚାଷୀଙ୍କୁ ଅସୁବିଧା ସମ୍ମୁଖୀନ ହେବା ଆଶଙ୍କା ରହିଛି। ଗୋଟିଏ ପଟେ ଚାଷୀଙ୍କୁ କାଳବୈଶାଖୀ ଭୟ ରହିଥିବାବେଳେ ଅନ୍ୟପଟେ ଧାନ ଉଠାଣ ମନ୍ଥର ହେଲେ ଶେଷରେ ଚାଷୀଙ୍କୁ ହିଁ ଅଧିକ କ୍ଷତି ସହିବାକୁ ପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ଦୃଷ୍ଟିରୁ ଯେଉଁଦିନ ମଣ୍ଡିକୁ ଯେତେ ଧାନ ଆସୁଛି, ସେହି ଦିନ ହିଁ ସମୁଦାୟ ଧାନ ଉଠାଣ କରିବା ନେଇ ଚାଷୀ ସଙ୍ଗଠନ ଗୁଡ଼ିକ ଦାବି କରୁଛନ୍ତି।

# ଧାନ ସଂଗ୍ରହରେ ସ୍ୱଚ୍ଛତା ଦାବି

**ବରଗଡ଼, ୧୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ରବି ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ବରଗଡ଼ ଜିଲା ଆମ୍ ଆଦମୀ ପାର୍ଟି (ଆପ୍) ଦାବି କରିଛି। ଏହି କ୍ରମରେ ଦଳର ଏକ ପ୍ରତିନିଧି ଦଳ ଗୁରୁବାର ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆପ୍ ଅଭିଯୋଗ କରିଛି, ଧାନ ସଂଗ୍ରହ ପ୍ରକ୍ରିୟାରେ ବିଭିନ୍ନ ଅନିୟମିତତା ଚାଲିଥାଏ। କଟନୀଛଟନୀଠାରୁ ଆରମ୍ଭ କରି ବିଭିନ୍ନ ଆଳ ଦେଖାଇ ଚାଷୀମାନଙ୍କୁ ଶୋଷଣ କରାଯାଏ। ଫଳରେ ଅନେକ ଚାଷୀ ସେମାନଙ୍କ ବିକ୍ରିଧାନର ଉପଯୁକ୍ତ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଥାନ୍ତି। ଅନ୍ୟପକ୍ଷେ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ନିରବତା ଦୁର୍ଭାଗ୍ୟ ଜନକ ହୋଇପଡେ। ଫଳରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଯେଭଳି ସ୍ୱଚ୍ଛତା ଆସିବ, ସେଥିପ୍ରତି ପଦକ୍ଷେପ ଗ୍ରହଣ କରିବା ପାଇଁ ଦଳ ପକ୍ଷରୁ ଦାବି ହୋଇଛି। ଦାବିପତ୍ରରେ ଆହୁରି ଉଲ୍ଲେଖ ରହିଛି, ୨୦୨୪ ଡିସେମ୍ବର ୮ ତାରିଖରେ ସୋହେଲାଠାରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କୃଷକ ସମାବେଶ ତଥା ବୋନସ ରାଶି ବଣ୍ଟନ କାର୍ଯ୍ୟକ୍ରମରେ ୧ କୋଟି ଟଙ୍କାର ଚାନ୍ଦା ମିଲର୍ସମାନେ ଦେଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ରିପୋର୍ଟ କେବେ ଆସିବ ଓ ଏହି ଟଙ୍କା ରାଶି କିଏ ଗ୍ରହଣ କରିଥିଲା ତାହା ସାର୍ବଜନୀନ କରାଯାଉ ବୋଲି ଆପ୍ ରାଜ୍ୟ ସମ୍ପାଦକ ଭବାନୀ ସାହୁ ଦାବି କରିଛନ୍ତି। ସେହିପରି ଗତ ଖରିଫ ଋତୁରେ ଯେଉଁ ମିଲର୍ସମାନେ ସରକାରଙ୍କଠାରୁ ଧାନ ନେଇ ସମ୍ପୂର୍ଣ୍ଣ ଚାଉଳ ଫେରସ୍ତ କରିନାହାନ୍ତି, ସେମାନଙ୍କୁ ଏହି ରବି ଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ୍ ଦିଆଯାଉ ବୋଲି ସାହୁ କହିଛନ୍ତି। ଧାନକିଣାରେ କଟନୀଛଟନୀ ବନ୍ଦ କରାଯାଇ ରବି ଋତୁରେ ଚାଷ ହୋଇଥିବା ସମସ୍ତ ଜମିର ଧାନ ବିକ୍ରି ପାଇଁ ଟୋକନ ଦିଆଯାଉ ବୋଲି ଆପ୍‌ର ଜିଲା ସଭାପତି ଯଦୁମଣି ପ୍ରଧାନ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଦଳର ଜିଲା ସମ୍ପାଦକ ସ୍ୱରୂପ ଭୋଇ, ମହିଳା ନେତ୍ରୀ ମାରିୟମ ବାର୍ଲା, ଜୟକ୍ରିଷ୍ଣା ଛୁରିଆ, ସୂର୍ଯ୍ୟ ଭୋଇ, ଏମ୍.ଏ ସାଲାଉଦ୍ଦିନ, ଦେବଦତ୍ତ ବେହେରା, ଗୀତାଞ୍ଜଳି ମଟାରୀ, ତନୟା ମହାନନ୍ଦ, ଅଭିଳାଷ ସୁନା ପ୍ରମୁଖ ଉପସ୍ଥିତ ଥିଲେ।



ଆପ୍ ପ୍ରତିନିଧି ଦଳ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସିବିଏସ୍‌ଇ ପରୀକ୍ଷା: ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ୍ ସ୍କୁଲର ସଫଳତା

**ବରପାଲି, ୧୫।୫ (ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲିସ୍ଥିତ ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ସିବିଏସ୍‌ଇ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ସଭାପତି ଡା. ସୁବ୍ରତ କୁମାର ମୁଣ୍ଡ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶାଶ୍ୱତୀ ଶୁଭଦର୍ଶନୀ ସାହୁ, ଅର୍ପିତା ସାହୁ, ମୁସ୍କାନ ପାଣିଗ୍ରାହୀ ଓ ଶୁଭଶ୍ରୀ ପଣ୍ଡା ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ମୋଟ ୧୨୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮ଜଣ ୯୦ ପ୍ରତିଶତ ଓ ତଦୂର୍ଦ୍ଧ୍ୱ ଏବଂ ୨୯ଜଣ ୮୦ ପ୍ରତିଶତ ଓ ତଦୂର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ବିଦ୍ୟାଳୟର ଶାଶ୍ୱତୀ ଶୁଭଦର୍ଶନୀ ସାହୁ ୯୦ ପ୍ରତିଶତ ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ଦଶମ ଶ୍ରେଣୀର ଆଶୁ ମେହେର ୯୬.୮୦ ପ୍ରତିଶତ ନମ୍ବର ରଖି ସଫଳତାର



ଶାଶ୍ୱତୀ ଶୁଭଦର୍ଶନୀ ସାହୁ



ଆଶୁ ମେହେର

ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦଶମ ଶ୍ରେଣୀ ଗଣିତ ଓ ଓଡ଼ିଆ ବିଷୟରେ ଆଶୁ ମେହେର ଏବଂ ଓଡ଼ିଆ ବିଷୟରେ ଆଦିତ୍ୟ ରଞ୍ଜନ ପାତ୍ର, ରୁଦ୍ରାଶିଷ ନେଗି, ଖାନସି ରାଣୀ ଦର୍ଜୀ ଓ ସ୍ୱସ୍ତିକ ଶେଖର ସାହୁ ୧୦୦ ନମ୍ବର ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧ୍ୟକ୍ଷ ସୁଶୀଲ କୁମାର ରଥ, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମକର୍ତ୍ତା ଓ ଅଞ୍ଚଳର ଶିକ୍ଷାବିତ୍ ଶୁଭେଚ୍ଛା ଜଣାଇଛନ୍ତି ।

# ବଜ୍ରପାତରେ ନାବାଳକ ମୃତ

**ପାଇକମାଲ, ୧୫।୫(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକ ପୁରେନା ଗ୍ରାମରେ ଗୁରୁବାର ବଜ୍ରପାତ ହେବାରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରଞ୍ଜିତ ଧରୁଆ (୮)। ଗୁରୁବାର ଅପରାହ୍ନ ୩ଟାରେ ପୁରେନା ଗ୍ରାମର ରଞ୍ଜିତଙ୍କ ସମେତ ଓ ସନୋ ଦନସନା (୧୧) ଏକ ଜାମୁକୋଳି ଗଛ ତଳେ ଖେଳୁଥିଲେ। ଏହି ସମୟରେ କାଳବୈଖୋଖୀ ଯୋଗୁ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ରଞ୍ଜିତଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସନୋ ଆହତ ହୋଇ ପାଇକମାଲ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

# ପରୀକ୍ଷା ଫଳାଫଳ ପ୍ରକାଶନ ପାଇଁ ଦାବିପତ୍ର

**ପଦ୍ମପୁର, ୧୫।୫ (ପ୍ରଦୀପ୍ତ ଦାଶ)**

ଚଳିତ ଶିକ୍ଷା ବର୍ଷ ୨୦୨୫ରେ ସମଗ୍ର ରାଜ୍ୟରେ କେନ୍ଦ୍ରୀୟ ଶିକ୍ଷାବୋର୍ଡର ପରୀକ୍ଷା ଫଳ ପ୍ରକାଶ ପାଇଛି। ତେବେ ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକ ବାନ୍ଦୁପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶିତ ହୋଇ ନ ଥିବାରୁ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଲିଖିତ ଭାବେ ଦାବି କରିଛନ୍ତି। ଏମ୍‌ପି ତୁରନ୍ତ ଏ ବିଷୟରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ବନ୍ୟଜନ୍ତୁ ସଂରକ୍ଷଣକୁ ଗୁରୁତ୍ୱ

### ବନ ଓ ଶକ୍ତି ବିଭାଗର ମିଳିତ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୧୫।୫(ପ୍ରେମାନନ୍ଦ ଖମାରୀ)**

ବନ ଓ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନଳିଚୁଆଁ ଗ୍ରାମରେ ଗୁରୁବାର ହାତୀ ଓ ଅନ୍ୟ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ୍ରମେ ବରଗଡ ବନଖଣ୍ଡ ଏବଂ ଟାଟା ପାୱାର, ପଶ୍ଚିମ ଓଡ଼ିଶା ବିତରଣ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ରଥକୁ ଭଟଲି ବନାଞ୍ଚଳ କାର୍ଯ୍ୟାଳୟରେ ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ ଏବଂ ଟାଟା ପାୱାର ଏସ୍.ଇ ସୁରେନ୍ଦ୍ର ହୋତା ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ନଳିଚୁଆଁ ଗ୍ରାମରେ ବନପାଳ ରାଜେନ୍ଦ୍ର କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ବରଗଡ ବନଖଣ୍ଡ ଅଧିକାରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଡଃ ହରମୋହନ ରଥ, ଭୁବନେଶ୍ୱରରୁ ଆସିଥିବା ସଚେତନତା କାର୍ଯ୍ୟକ୍ରମ ଅଧିକାରୀ ଆକାଶ ପଧାନ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀ, କନିଷ୍ଠ ଯନ୍ତ୍ରୀ ସ୍ୱାଧୀନ କୁମାର ସାହୁ, କ୍ଷେତ୍ର ଅଧିକାରୀ ପ୍ରତାପ ବେହେରା, ଲାଇନମ୍ୟାନ୍ ସିଦ୍ଧେଶ୍ୱର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରାଚୀନ ସୌନ୍ଦର୍ଯ୍ୟତା, ଧାର୍ମିକ ପ୍ରାସଙ୍ଗିକତା ଏବଂ ପରିବେଶର ଗୁରୁତ୍ୱ ତଥା ପ୍ରତୀକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କିଭଳି ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଇପାରିବା ଓ ସେମାନଙ୍କ ସହିତ ମିତ୍ରତାପୂର୍ଣ୍ଣ ସମ୍ପର୍କ ରଖିପାରିବା, ସେ ସମ୍ବନ୍ଧରେ ସେମାନେ ଆଲୋକପାତ କରିଥିଲେ। ସେହିପରି ବିଦ୍ୟୁତ୍ ତାରରୁ ହୁକିଙ୍ଗ କରି ଏବଂ ତାର ବିଛାଇ ବନ୍ୟଜନ୍ତୁ ଶିକାର କରିବା ଏକ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏପରି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ ନଚେତ ନିଜେ ବିଦ୍ୟୁତ୍‌ଜନିତ ଦୁର୍ଘଟଣାର ଶିକାର ହୋଇପାରନ୍ତି ବୋଲି ଶତପଥୀ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ବରଗଡ ବନଖଣ୍ଡ ଅଧୀନସ୍ଥ ସମସ୍ତ ବନକର୍ମଚାରୀମାନଙ୍କ ସହିତ ଗ୍ରାମ୍ୟ ଜଙ୍ଗଲ ସମିତିର ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ କ୍ଷୟକ୍ଷତି ହେଲେ ବିଭାଗୀୟ ଅନୁକମ୍ପା ଆପ୍‌ସ ମାଧ୍ୟମରେ ଆବେଦନ କରି ଏକର ପ୍ରତି ୨୦ରୁ ୨୫ ହଜାର ଟଙ୍କା କ୍ଷତିପୂରଣ ପାଇବାର ହକ୍‌ଦାର ହୁଅନ୍ତୁ ବୋଲି ବନଖଣ୍ଡ ଅଧିକାରୀ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଭଟଲି ବାନପାଳ ରାଜେନ୍ଦ୍ର କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ।

# ନର୍ସ ସ୍ୱାସ୍ଥ୍ୟସେବାରେ ଆଗଧାଡ଼ିର ସୈନିକ

### ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ୧୩ତମ ବାର୍ଷିକ ଉତ୍ସବ

**ସୁନ୍ଦରଗଡ଼, ୧୫।୫(ଜୟ ନାରାୟଣ ମେଣ୍ଡୁଲି)**

ସେବିକା(ନର୍ସ)ମାନେ ସ୍ୱାସ୍ଥ୍ୟସେବାରେ ଆଗଧାଡ଼ିର ସୈନିକ। ନିଜ ଜୀବନକୁ ଉତ୍ସର୍ଗୀକୃତ କରି ସମାଜର ଉନ୍ନତି, ମଣିଷର ମଙ୍ଗଳ କଥା ଚିନ୍ତା କରୁଛନ୍ତି । ବର୍ତ୍ତମାନ ନର୍ସିଂ ଶିକ୍ଷାର ଆବଶ୍ୟକତା ଓ ନିଯୁକ୍ତି ସୁଯୋଗ ଯଥେଷ୍ଟ ରହିଛି । ନର୍ସିଂ ପାସ୍ ପରେ ସେମାନେ କେବଳ ଓଡ଼ିଶାରେ ନୁହେଁ, ଦେଶ ବାହାରେ ମଧ୍ୟ ସେବା ଯୋଗାଉଛନ୍ତି। ଇଂଲଣ୍ଡର ଯେଉଁ ହସ୍ପିଟାଲକୁ ଦେଖିବେ ସେଠାରେ ଭାରତୀୟ ଡାକ୍ତର ଏବଂ ନର୍ସମାନେ ସେବା ଯୋଗାଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବୁଧବାର ସନ୍ଧ୍ୟାରେ ସୁନ୍ଦରଗଡ଼ ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ୧୩ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ନର୍ସିଂ ପାଠପଢ଼ାର ଚାହିଦା ଏବେ ବଢ଼ିବାରେ ଲାଗିଛି। ଏଥିପ୍ରତି ଦିନକୁ ଦିନ ଛାତ୍ରୀଛାତ୍ରଙ୍କ ଆଗ୍ରହ ମଧ୍ୟ ବୃଦ୍ଧି ପାଇଛି। ସେହିପରି ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ନର୍ସ ହିଁ ସମ୍ପର୍କର ସେତୁ। ଏହି ଦୃଷ୍ଟିରୁ ନର୍ସିଂ ସେବା କେବଳ ରୋଗୀଙ୍କ ଡ୍ରେସିଂ କିମ୍ବା ଅନ୍ୟ ପ୍ରାଥମିକ ଚିକିତ୍ସାରେ ସୀମିତ ନୁହେଁ। ଯେଉଁ ରୋଗୀଙ୍କୁ ଔଷଧ କାମ ଦିଏ ନାହିଁ ତାଙ୍କୁ ଜଣେ ନର୍ସଙ୍କ ଆନ୍ତରିକ କଥାବାର୍ତ୍ତା, ସେବା ଓ ହୃଦୟତାର ସହ ସ୍ପର୍ଶ ଭଲ କରି ଦେଇଥାଏ ବୋଲି ମୁଖ୍ୟଅତିଥି ମିଶ୍ର କହିଛନ୍ତି। ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଫକୀର କର୍ଣ୍ଣଙ୍କ ଅଧ୍ୟକ୍ଷତା ତଥା ଅଧ୍ୟାପକ ସାଜନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ରେଜିଷ୍ଟ୍ରାର ନୃପରାଜ ସାହୁ, ସୁନ୍ଦରଗଡ଼ ସଦର ଉପଜିଲାପାଳ ଦାଶରଥି ସରାବୁ, ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲର ଅଧ୍ୟକ୍ଷା ସୁଜାତା ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହିପରି ଝାରସୁଗୁଡା ଏଲ୍‌ଏନ୍ କଲେଜର ଅର୍ଥନୀତି ବିଭାଗ ପ୍ରଫେସର ତପନ କୁମାର ବାରିକ ମୁଖ୍ୟ ବକ୍ତାଭାବେ ଯୋଗଦେଇ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜଣେ କାର୍ଯ୍ୟ ଆରମ୍ଭ ନ ହେଉଣୁ ଆସିଥାଏ ଏବଂ କାମ ସରିଲା ପରେ ଯିବାର ସମ୍ଭାବନା ନ ଥାଏ। ଯିଏ କେବଳ ହିଁ ସେବା ଯୋଗାଇବା ପାଇଁ ଆଗଭର ହେଉଥାଏ, ସେ ହେଉଛି ନର୍ସ। ସେମାନଙ୍କ ସେବା ଆଗରେ ଆମେ ସମସ୍ତେ ତୁଚ୍ଛ ବୋଲି କହିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ତଥା ପ୍ରତିଷ୍ଠାତା ଫକୀର କର୍ଣ୍ଣ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୧୦୦ ଶଯ୍ୟା ବିଶିଷ୍ଟ ମାଗଣା ସେବା ହସ୍ପିଟାଲ ଖୋଲିବା ଲକ୍ଷ୍ୟ ରହିଥିବା ଚେୟାରମ୍ୟାନ କର୍ଣ୍ଣ କହିଥିବା ବେଳେ ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ସମ୍ବୋଧିତ କରିଥିଲେ। ପ୍ରାରମ୍ଭରେ ଗଣେଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଅତିଥିମାନେ ଶୁଭାରମ୍ଭ କରିଥିଲେ। ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଯୁକ୍ତ ୨ ବିଜ୍ଞାନରେ କୃତିତ୍ୱ ହାସଲ କରିଥିବା ଆସ୍ଥା ନାଏକ, ଆଦ୍ୟାଶା ଦାନୀ, ଟୁଇଙ୍କିଲ ପଟେଲ ଏବଂ କଳା ବିଭାଗର କରିସ୍ମା ସାହୁ, ମନୀଷା କେରକେଟା ଓ ମୋନାଲିସା ନାଏକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବିଦ୍ୟାର୍ଥୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ପଦ୍ମିନୀ ଦୋରା ଓ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ଅନୁଷ୍ଠାନ ବିଦ୍ୟାର୍ଥୀମାନେ ୨୮ ପ୍ରକାରର ରଙ୍ଗାରଙ୍ଗ ଡ୍ୟାନ୍ସ ପ୍ରଦର୍ଶିତ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଜୟନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଜିଜ୍ଞାସୀ ଭଏସାର ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ୨ ବିଜ୍ଞାନ ବିଭାଗର ଅଧ୍ୟାପକ ସାଜନ କୁମାର ନାଏକ ସଭା ସଞ୍ଚାଳନ କରିଥିଲେ।

# ଷ୍ଟେଟ ବ୍ୟାଙ୍କରେ ଏସ୍ଏଚ୍‌ଜି ମହିଳାଙ୍କ ଟଙ୍କା ହେରଫେର

■ଥାନାରେ ଅଭିଯୋଗ
■ହଇଗୋଳ ଯୋଗୁ ବ୍ୟାଙ୍କ କାର୍ଯ୍ୟରେ ବାଧା

କଳମପୁର,୧୫।୫(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଳମପୁର ଷ୍ଟେଟ ବ୍ୟାଙ୍କରେ ଏସ୍ଏଚ୍‌ଜି ମହିଳାଙ୍କ ଟଙ୍କା ହେରଫେର ମାମଲାକୁ ନେଇ ଗୁରୁବାର ବ୍ୟାଙ୍କ ପରିସରରେ ଉତ୍ତେଜନା ଲାଗିରହିଥିଲା। ୧୬ ଗୋଟି ଏସ୍ଏଚ୍‌ଜି ମହିଳାଙ୍କ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ନେଇ କଳମପୁର ଥାନାରେ ମହିଳାମାନେ ଅଭିଯୋଗ କରିବା ସହ ବ୍ୟାଙ୍କ କର୍ମଚାରୀମାନେ ଖାତାଧାରୀଙ୍କ ଅନୁପସ୍ଥିତିରେ ଜାଲ ଦସ୍ତଖତ ଥିବା ଭାଉଚର ରଖି କିଭଳି ଅନ୍ୟକୁ ଟଙ୍କା ଦେଲେ ତାହାର ତଦନ୍ତ ପାଇଁ ଦାବି କରିଥିଲେ। ଏହାକୁ ନେଇ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ମହିଳାମାନେ ବ୍ୟାଙ୍କ ପରିସରରେ ହଇଗୋଳ ଜାରି ରଖିଥିଲେ। ଫଳରେ ଅପରାହ୍ନରୁ ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

ସୂଚନାଯୋଗ୍ୟ ଯେ, କଳମପୁର ପଞ୍ଚାୟତ ଅନ୍ତର୍ଗତ ବରଗାଁର ମିଶନଶକ୍ତିରେ କାର୍ଯ୍ୟରତ ସିଆର୍‌ପି – ସିଏମ୍ ସୁଶୀଳା ଚଣ୍ଡୀ ଏବଂ ଜିପିଏଲ୍ଏଫ୍ ଇସି ସଭ୍ୟା ତିଲୋତ୍ତମା ମାଝୀ ଗ୍ରାମର ଆଦିମାତା ଏସ୍ଏଚ୍‌ଜିରୁ ଗତ ଏପ୍ରିଲ ୨ରେ ୪୦ ହଜାର ଟଙ୍କା, ମା' ସମଲେଶ୍ୱରୀ ଏସ୍ଏଚ୍‌ଜିରୁ ଏପ୍ରିଲ ୩ରେ ୩୫ ହଜାର ଟଙ୍କା ଏବଂ ମା' ସାରଳା ଏସ୍ଏଚ୍‌ଜିରୁ ଏପ୍ରିଲ ୧୨ରେ ୩୮ ହଜାର ୫ଶହ ଟଙ୍କା କଳମପୁର ଷ୍ଟେଟ ବ୍ୟାଙ୍କରେ ଥିବା ସେହି ଏସ୍ଏଚ୍‌ଜିଙ୍କ ଆକାଉଣ୍ଟରୁ ଉଠାଣ କରି ନେଇଯାଇଥିଲେ। ଘଟଣା ଜଣାପଡିବା ପରେ ଦୁହେଁ ଟଙ୍କା ଉଠାଣ କରିଥିବା ସ୍ୱୀକାର କରି ୨ ଗୋଷ୍ଠୀକୁ ସବୁତକ ଟଙ୍କା ଫେରସ୍ତ ଦେଇଥିବାବେଳେ ଅନ୍ୟ ଏକ ଗୋଷ୍ଠୀକୁ ୧୫ ତାରିଖରେ ଫେରସ୍ତ ଦେବାକୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେଉଁ ଏସ୍ଏଚ୍‌ଜି ଗ୍ରୁପର ଟଙ୍କା ଉଠାଣ ହୋଇଥିଲା ସେହି ଗ୍ରୁପର ସଭାନେତ୍ରୀ, ସମ୍ପାଦିକା ତାହା ଜାଣିନାହାନ୍ତି। ସେମାନଙ୍କ ବିନା ସାକ୍ଷରରେ କିଭଳି ବ୍ୟାଙ୍କରୁ ଟଙ୍କା ଉଠାଣ ହେଲା ସେ ବିଷୟରେ ଜାଣିବା ପାଇଁ ୪ ଦିନହେଲା ସେମାନେ ବ୍ୟାଙ୍କ ଯାଉଥିଲେ ମଧ୍ୟ ଜଣେ ଅଧିକାରୀ ସେମାନଙ୍କୁ ଧମକଚମକ ଦେଇ ଫେରାଇ ଦେଉଥିଲେ। ଏହାକୁ ନେଇ ସେମାନେ କଳମପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନା ପକ୍ଷରୁ ଏଏସ୍ଆଇ ଶେଖର ଜେନା ବ୍ୟାଙ୍କକୁ ଆସି ଘଟଣା ସମ୍ପର୍କରେ ବୁଝିଥିଲେ। ଏହି ସମୟରେ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତା ଶେଷଦେବ ନାଏକଙ୍କୁ ବ୍ୟାଙ୍କ ଅଧିକାରୀ ଧକ୍କାମାରି ମୋବାଇଲ ଛଡାଇ ନେବାକୁ ଉଦ୍ୟମ କରୁଥିଲେ। ଏ ନେଇ ଶେଷଦେବ କଳମପୁର ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି। ଉତ୍ତେଜନା ଖବର ପାଇ ଭବାନୀପାଟଣା ମୁଖ୍ୟ ଶାଖାରୁ ମୁଖ୍ୟ ପ୍ରବନ୍ଧକ କ୍ଷିରୋଦ ଦାଶ, ଏଚ୍ଆର୍ ମ୍ୟାନେଜର ହିମାଂଶୁ ମେହେର, ସିନିୟର ଆସିଷ୍ଟାଣ୍ଟ ବେଣୁ ପଟ୍ଟନାୟକ ପ୍ରମୁଖ ବ୍ୟାଙ୍କକୁ ଆସି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ମହିଳାଙ୍କୁ ବୁଝାଶୁଝା କରି ଏହାର ତଦନ୍ତ ହେବ ବୋଲି କହିଥିଲେ। ରିଜିଓନାଲ ମ୍ୟାନେଜର ଶୁକ୍ରବାର ଆସି ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ଫୋନରେ କହିବା ପରେ ସନ୍ଧ୍ୟା ସାଢେ ୬ଟାରେ ମହିଳାମାନେ ଶାନ୍ତ ପଡିଥିଲେ। ଅନ୍ୟପକ୍ଷେ ଖବରଦାତାଙ୍କୁ ସମ୍ପୃକ୍ତ ଅଧିକାରୀ ଜଣକ ଦୁର୍ବ୍ୟବହାର କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଖବରଦାତାମାନେ ପୋଲିସଠାରେ ଦାବି କରିଛନ୍ତି।

# ଗିରଫଦାରୀଙ୍କ ସଂଖ୍ୟା ୫କୁ ବୃଦ୍ଧି

ପୋଲିସକୁ ଆକ୍ରମଣ ଘଟଣା

ବଡ଼ଗାଁ,୧୫।୫(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଥାନା ପରିସରରେ ପୋଲିସ ଅଧିକାରୀଙ୍କୁ ଆକ୍ରମଣ କରିବା ଘଟଣାରେ ଗୁରୁବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଅନିମେଷ ଷଡ଼ଙ୍ଗୀ (୩୦)। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି। ମୋଟ ଗିରଫଦାରୀଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଗୁରୁବାର ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ପକ୍ଷରୁ ଏକ ପେଟ୍ରୋଲ ପମ୍ପ ନିକଟରେ ମଦୁଆ ଚାଳକ ଖାନତଲାସ ଚାଲିଥିଲା। ଏହି ସମୟରେ ଅନିମେଷ ଧରାପଡ଼ିଥିଲେ। ସେଠାରେ ଅନିମେଷ ପୋଲିସଙ୍କୁ ଗାଳିଗୁଲଜ କରିଥିଲେ। ଅନିମେଷଙ୍କୁ ସୁନ୍ଦରଗଡ଼ ପୋଲିସ ଅଟକ ରଖି ବଡ଼ଗାଁ ପୋଲିସକୁ ହସ୍ତାନ୍ତର କରିଥିଲା। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ସୂଚନା ଦେଇଛନ୍ତି। ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଆଇସି ନାଏକ ଏହି ମାମଲାର ତନାଘନା କରିବା ସହ ଫେରାଇ ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୭ ତାରିଖ ରାତି ୧୧ଟାରେ ବଡ଼ଗାଁ ଥାନା ପରିସରକୁ ଏକ ଟାଟା ମ୍ୟାଜିକରେ ୬ ଜଣ ଯୁବକ ପଶି କାର୍ଯ୍ୟରତ ଏଏସଆଇ ଉମାକାନ୍ତ ନାଏକ ଓ ଅରୁପାନନ୍ଦ ଦାସଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ୨୮ ତାରିଖରେ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ନିକଟରୁ ବଡ଼ଗାଁ ପୋଲିସ ଏକ ଦେଶୀ ବନ୍ଧୁକ, ଭୁଜାଲି, ଲୁହା ପାଇପ ଓ ଟାଟା ମ୍ୟାଜିକ ଗାଡ଼ି ଜବତ କରିଥିଲା।

# ଅପର ଲାନ୍ଥ, ଲୋୟର ଇନ୍ଦ୍ର ପ୍ରକଳ୍ପ କୃଷି ମାନଚିତ୍ରରେ ପରିବର୍ତ୍ତନ ଆଣିପାରିବ: ଉପମୁଖ୍ୟମନ୍ତ୍ରୀ



ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ବିଭାଗୀୟ ଅଧିକାରୀ।

ଭୁବନେଶ୍ୱର,୧୫।୫(ବନ୍ଦନା ସେଠୀ)

ଅପର ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପ ଓଡିଶା କୃଷି ମାନଚିତ୍ରରେ ପରିବର୍ତ୍ତନ ଆଣିବ। ଏହି ପ୍ରକଳ୍ପଦ୍ୱୟ କାର୍ଯ୍ୟକ୍ଷମ ହେଲେ ବଲାଙ୍ଗୀର ଓ ନୂଆପଡ଼ା ଜିଲାର ୨୯,୯୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିବ। କୃଷି ସହିତ ଆନୁଷଙ୍ଗିକ କୃଷିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେବ। ଫଳରେ ଅଞ୍ଚଳବାସୀ ନିଜ ଜମିରେ ବିଭିନ୍ନ ପ୍ରକାର ଫସଲ ଅମଳ କରି ଆତ୍ମନିର୍ଭରଶୀଳ ହେବା ସହ ଆନୁଷଙ୍ଗିକ କୃଷିରୁ ମଧ୍ୟ ଆଶାନୁରୂପ ରୋଜଗାର କରିପାରିବେ। ଏହାସହିତ ଏହିସବୁ ଅଞ୍ଚଳରେ ଉପୁଜୁଥିବା ଦାଦନ ଶ୍ରମିକ ଭଳି ବିରାଟ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି।

ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଅପର ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଦୁଇ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଜମି ଅଧିଗ୍ରହଣ, ଅନୁକମ୍ପା ରାଶି ପ୍ରଦାନ, କେନ୍ଦ୍ରୀୟ ମଞ୍ଜୁରୀ, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ବିସ୍ଥାପିତ ପରିବାରଙ୍କୁ ଥଇଥାନ ଆଦି ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ପ୍ରତ୍ୟକ୍ଷ ରୂପେ ନିଜେ ଜଡ଼ିତ ରହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରକଳ୍ପର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ, ବୈଷୟିକ ଅଧିକାରୀ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ଆଭାସି ମାଧ୍ୟମରେ ନୂଆପଡ଼ା ଓ ବଲାଙ୍ଗୀର ଜିଲାପାଳ ଓ ବନଖଣ୍ଡ ଅଧିକାରୀ ଯୋଗଦେଇଥିଲେ।

# ଭିମ୍‌ସାର୍‌ରେ ରାଗିଂ ଘଟଣା: ଛାତ୍ରାବାସରୁ ୩ ମାସ ନିଲମ୍ବିତ ହେଲେ ବରିଷ୍ଠ ଛାତ୍ର

ସମ୍ବଲପୁର,୧୫।୫(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ(ଭିମସାର)ରେ ଗତ ୭ ତାରିଖରେ ହୋଇଥିବା ରାଗିଂ ଘଟଣାରେ ସମ୍ପୃକ୍ତ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଛାତ୍ରାବାସରୁ ୩ ମାସ ପାଇଁ ନିଲମ୍ବନ କରାଯାଇଛି। ଏହି ଅବଧି ମଧ୍ୟରେ ଭିମ୍‌ସାରର କୌଣସି ଛାତ୍ରାବାସରେ ତାଙ୍କ ରହିବା ଉପରେ ଆଣ୍ଟି ରାଗିଂ କମିଟି ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ଭିମ୍‌ସାର ଅଧ୍ୟକ୍ଷ ତଥା ଡିନ୍ ଡା. ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ଆଣ୍ଟି ରାଗିଂ ସେଲ୍ ବୈଠକରେ ପ୍ରଫେସର୍ ଅଶୋକ ନାୟକ, ପ୍ରଫେସର ଜୟଶ୍ରୀ ଦୋରା, ପ୍ରଫେସର୍ ଏଲ.କେ.ସିଂଙ୍କ ସହିତ ସାମାଜିକ ସଙ୍ଗଠନ କାର୍ଯ୍ୟକର୍ତ୍ତା ଓ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ସମ୍ପୃକ୍ତ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୈଠକରେ ସମ୍ପୃକ୍ତ ଛାତ୍ର ବା ତାଙ୍କର ଅଭିଭାବକ ଉପସ୍ଥିତ ନ ଥିବାରୁ ଭିମ୍‌ସାର କର୍ତ୍ତୃପକ୍ଷ ଛାତ୍ର ଓ ତାଙ୍କ ଅଭିଭାବକଙ୍କୁ ଏ ସମ୍ପର୍କରେ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୭ ତାରିଖ ରାତିରେ କନିଷ୍ଠ ଛାତ୍ର ଜଣକ ୭ ନମ୍ବର ଛାତ୍ରାବାସକୁ ରାତ୍ରିଭୋଜନ ପାଇଁ ଯାଇଥିଲେ। ଏହି ସମୟରେ ସେ ବରିଷ୍ଠ ଛାତ୍ରଙ୍କ ସହ ମୁହାଁମୁହିଁ ହୋଇଥିଲେ। କନିଷ୍ଠ ଛାତ୍ର ସେଠାରୁ ଚାଲି ଯାଉଥିବା ଦେଖି ବରିଷ୍ଠ ଛାତ୍ର ତାଙ୍କୁ ପିଛା କରି ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର କନିଷ୍ଠ ଛାତ୍ରଙ୍କ ବନ୍ଧୁମାନଙ୍କ ହସ୍ତକ୍ଷେପ ଯୋଗୁ ବରିଷ୍ଠ ଛାତ୍ର ଏଥିରୁ ନିବୃତ୍ତ ରହିଥିଲେ। ଏହି ଘଟଣାକୁ ନେଇ ଉକ୍ତ ରାତିରେ ପୀଡ଼ିତ କନିଷ୍ଠ ଛାତ୍ର ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାବାଦ୍ ପରଦିନ ଅର୍ଥାତ୍ ଗତ ୮ ତାରିଖରେ ତାଙ୍କ ପିତା ଭିମ୍‌ସାରରେ ପହଞ୍ଚିବା ପରେ ଏନେଇ ଭିମ୍‌ସାର ଆଣ୍ଟି ରାଗିଂ ସେଲ୍‌ରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ମିଳିବା ପରେ ଅଧ୍ୟକ୍ଷ ତଥା ଡିନ୍ ଡା. ମହାନ୍ତି ତତ୍‌କ୍ଷଣାତ ଏକ ସବ୍ କମିଟି ଗଠନ କରି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କମିଟି ବିଭିନ୍ନ ସମୟରେ ପୀଡ଼ିତ କନିଷ୍ଠ ଛାତ୍ର ଓ ସମ୍ପୃକ୍ତ ବରିଷ୍ଠ ଛାତ୍ରଙ୍କୁ ବ୍ୟକ୍ତିଗତ ଭାବେ ପଚରା ଉଚରା କରି ଭିମ୍‌ସାର କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲା। ଭିମ୍‌ସାର ଡିନ୍ ଡା. ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଆଣ୍ଟି ରାଗିଂ ସେଲ ବୈଠକରେ ଉକ୍ତ ରିପୋର୍ଟ ଆଧାରରେ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ୩ମାସ ପାଇଁ ଛାତ୍ରାବାସରୁ ନିଲମ୍ବନ କରାଯାଇଛି।

# ରାସ୍ତା ଶୋଚନୀୟ, ଯାତ୍ରୀ ହଟହଟା



ପଙ୍କ ପଡ଼ି ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି।

ପୋଖରୀରୁ ରାସ୍ତା ଦେଇ ହେଉଛି ପଙ୍କ ସ୍ଥାନାନ୍ତର

ଲୋଇସିଂହା,୧୫।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାନଟୀକା ଗାଁରେ ଏକ ପୋଖରୀର ପୁନରୁଦ୍ଧାର କରାଯାଉଛି। ତେବେ ପୋଖରୀରୁ ବାହାରୁଥିବା ପଙ୍କ, କାଦୁଅ ଅନ୍ୟତ୍ର ସ୍ଥାନାନ୍ତର ବେଳେ ଏହା ରାସ୍ତା ସାରା ପଡୁଛି। ଏଥିଯୋଗୁ ଏହି ରାସ୍ତାରେ ଯାତାୟତ କରୁଥିବା ଯାତ୍ରୀ ହଟହଟା ହେଉଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀ ବସ୍ ସେବା ମଧ୍ୟ ଠପ୍ ହୋଇପଡ଼ିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ନଅଗାଁ (ଖ) ପଞ୍ଚାୟତ ଅଧୀନ ସାନଟୀକା ଗ୍ରାମର ପୋଖରୀ ପ୍ରଧାନମନ୍ତ୍ରୀ ସଡକ ପାର୍ଶ୍ୱରେ ରହିଛି। ପଞ୍ଚାୟତ ପକ୍ଷରୁ ଏମଜିଏନଆରଇଜିଏସ ଯୋଜନାରେ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି। ମେସିନରେ ପଙ୍କ ଉଦ୍ଧାର କରାଯାଉଛି। ତେବେ ପୋଖରୀର ପଙ୍କକୁ କ୍ଷେତରେ ପକାଇବା ପାଇଁ ସ୍ଥାନୀୟ ଗ୍ରାମର ଚାଷୀମାନେ ଟ୍ରାକ୍ଟର ଯୋଗେ ନିଜ ନିଜ ଚାଷ ଜମିକୁ ପ୍ରଧାନମନ୍ତ୍ରୀ ସଡକ ଦେଇ ନେଉଥିବା ବେଳେ ପଙ୍କ ରାସ୍ତା ଉପରେ ପଡୁଛି। ପଙ୍କ ପଡିଥିବା ବେଳେ ମଝିରେ ମଝିରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଥିବାରୁ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତା ଆଗଲପୁର ଓ ପଦ୍ମପୁରକୁ ସଂଯୋଗ କରୁଛି। ଏହାଛଡା ଏହି ରାସ୍ତା ଦେଇ ଆଗଲପୁର ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରୁଛି। କାଦୁଅ ରାସ୍ତା ଯୋଗୁ ମୁଖ୍ୟମନ୍ତ୍ରୀ ବସ୍ ସମେତ ବିଭିନ୍ନ ଯାନବାହାନ ଚକ ସ୍ଲିପ ହେଉଥିବାରୁ ଯାତାୟତ ଠପ୍ ହୋଇଯାଇଛି। ଲୋକେ ବୁଲିକି ଯିବାଆସିବା କରୁଥିବା ବେଳେ ପ୍ରଶାସନର ଦୃଷ୍ଟି ନ ପଡ଼ିବା ଜନ ଅସନ୍ତୋଷର କାରଣ ହୋଇଛି।


## ସାର୍ବଜନୀନ ବିଜ୍ଞପ୍ତି
### ଶାଖା କାର୍ଯ୍ୟାଳୟ ବନ୍ଦ

ବଜାଜ ଫାଇନାନ୍ସ ଲିମିଟେଡ୍‌ର ପଞ୍ଜୀକୃତ କାର୍ଯ୍ୟାଳୟ ମୁମ୍ବାଇ-ପୁଣେ ରୋଡ୍, ଆକୁର୍ଡି, ପୁଣେ ୪୧୧ ୦୩୫ ଏବଂ ଚତୁର୍ଥ ମହଲାରେ କର୍ପୋରେଟ୍ କାର୍ଯ୍ୟାଳୟ, ବଜାଜ ଫିନସର୍ଭ ହାଉସ୍, ବିମାନ ନଗର, ପୁଣେ-ପୁଣେ-ଅହମ୍ମଦନଗର ରୋଡ୍, ପୁଣେ, ମହାରାଷ୍ଟ୍ର ୪୧୧ ୦୧୪ ରେ ଏହାର ଗ୍ରାହକ ଏବଂ ସମ୍ପୃକ୍ତ କାର୍ଯ୍ୟାଳୟ (ବଜାଜ ଫାଇନାନ୍ସ ଲିମିଟେଡ୍, ପଣ୍ଡା କମ୍ପ୍ଲେକ୍ସ, ଦୈନିକ ବଜାର, ବୁର୍ଲା-768017) ୧୩ ସେପ୍ଟେମ୍ବର ୨୦୨୫ ଠାରୁ ବନ୍ଦ ହୋଇଯିବ। ଉନ୍ନତ ଗ୍ରାହକ ସୁବିଧା ପାଇଁ ଶାଖାକୁ ସ୍ଥାନାନ୍ତରିତ ଶାଖାରେ ସମସ୍ତ ବିଦ୍ୟମାନ ସେବା ଉପଲବ୍ଧ ରହିବ (ବଜାଜ ଫାଇନାନ୍ସ ଲିମିଟେଡ୍, ତୃତୀୟ ମହଲା, ଗିଲାଏନ୍ସ ଜୁଏଲର୍ସ, ବୁଢାରାଜା ମେନ୍ ରୋଡ୍, ସମ୍ବଲପୁର-768004)। ସମସ୍ତ ଗ୍ରାହକ ଏବଂ ସମ୍ପୃକ୍ତ ବ୍ୟକ୍ତିମାନେ ଠିକଣା ପରିବର୍ତ୍ତନ ଉପରେ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି ଏବଂ ଏହା ପରେ (ବଜାଜ ଫାଇନାନ୍ସ ଲିମିଟେଡ୍, ତୃତୀୟ ମହଲା, ଗିଲାଏନ୍ସ ଜୁଏଲର୍ସ, ବୁଢାରାଜା ମେନ୍ ରୋଡ୍, ସମ୍ବଲପୁର-768004) ରେ ଥିବା ଆମ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ବଜାଜ ଫାଇନାନ୍ସ ଲିମିଟେଡ
ଚତୁର୍ଥ ମହଲା, ବଜାଜ ଫିନସର୍ଭ ହାଉସ, ବିମାନ ନଗର,
ପୁଣେ – ଅହମ୍ମଦନଗର ରୋଡ୍,
Date-15.05.2025 ପୁଣେ – ୪୧୧ ୦୧୪ ମହାରାଷ୍ଟ୍ର, ଫୋନ – ୦୨୦୭୧୫୦୫୦୦

बैंक ऑफ़ बड़ौदा
Bank of Baroda

## ନୋଟିସ୍

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, **ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର**, ଇସି ନଂ.: ୧୭୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚଆର୍ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚଆର୍ଏମ୍/୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮ ୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ ୭ ଦିନ ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିସ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫
ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)

## ପୂର୍ବ ତଟ ରେଳପଥ

01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା।

ଆନୁମାନିକ ମୂଲ୍ୟ (₹): 86,54,092.60, EMD (₹) : 1,73,100.00

02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ

କାର୍ଯ୍ୟର ନାମ : TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା।

ଆନୁମାନିକ ମୂଲ୍ୟ (₹): 69,52,589.22, EMD (₹) : 1,39,100.00

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/Q/25-26

## HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | Total | | 1693.7 Sq. ft |

The building preferbly be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

The Defence Estates Officer
Govt. of India, Ministry of Defence
163, Prachi Enclave, Chandrasekharpur, Bhubaneswar, Odisha - 751016
Tele : 0674-2747631, 345, E-mail : deobhub-stats@nic.in

सीएमपीडीआई cmpdi
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Gondwana Place, Kanke Road, Ranchi - 8340008, Jharkhand, India

NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT

**M/s Central Mine Planning & Design Institute Limited** invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.

Please visit the website of M/s Central Mine Planning & Design Institute Limited – **www.cmpdi.co.in/www.eprocure.gov.in** - for details **from 16/05/2025.**

## IndusInd Bank
ଆଞ୍ଚଳିକ କାର୍ଯ୍ୟାଳୟ: ୩ଏ ଅପର ଉଡ୍ ଷ୍ଟ୍ରିଟ୍ ଶାଖା, ୧ମ ମହଲା, ସାବିତ୍ରୀ ଟାୱାର, କୋଲକାତା-୭୦୦୦୧୭

### ପରିଶିଷ୍ଟ-IV-A [ନିୟମ ୮ (୬)ର ପ୍ରାବଧାନ ଦେଖନ୍ତୁ]
### ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ ୨୦୦୨ର ନିୟମ ୮ (୬)ର ପ୍ରାବଧାନ ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ନିଲାମ ବିକ୍ରୟ ନୋଟିସ।**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ଋଣଗ୍ରହୀତା(ଗଣ) ଓ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ବିଶେଷ ଭାବେ ନୋଟିସ ଦିଆଯାଉଛି କି, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଦିଆଯାଇଥିବା/ଚାର୍ଜଡ୍ ହୋଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିମିଟେଡ୍ (ସୁରକ୍ଷିତ ଋଣଦାତା)ଙ୍କ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଥିଲା, ତାହାକୁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ତଳେ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇଥିବା ତାରିଖଗୁଡ଼ିକରେ **ସିଦ୍ଧି ଆଗ୍ରୋ ଫୁଡ୍‌ସ ପ୍ରା. ଲିଃ (ଋଣଗ୍ରହୀତା), ଶ୍ରୀ ସୁଶୀଲ କୁମାର ଜୈନ (ନିର୍ଦ୍ଦେଶକ ଓ ଗ୍ୟାରେଣ୍ଟିଦାତା), ଶ୍ରୀ ସୁନୀଲ କୁମାର ଜୈନ (ନିର୍ଦ୍ଦେଶକ ଓ ଗ୍ୟାରେଣ୍ଟିଦାତା), ଶ୍ରୀମତୀ ଚନ୍ଦ୍ର କଳା ଜୈନ (ଗ୍ୟାରେଣ୍ଟିଦାତା), ଶ୍ରୀମତୀ ସଞ୍ଜୁ ଜୈନ (ଗ୍ୟାରେଣ୍ଟିଦାତା), ଶ୍ରୀ ସୁରେଶ କୁମାର ଜୈନ (ଗ୍ୟାରେଣ୍ଟିଦାତା), ଶ୍ରୀ ବିହାରୀଲାଲ ଜୈନ (ଗ୍ୟାରେଣ୍ଟିଦାତା) ଏବଂ ମେସର୍ସ ସୁଶୀଲ ଇଣ୍ଡଷ୍ଟ୍ରିଜ୍ (ତାହାର ସ୍ୱତ୍ୱାଧିକାରୀ - ସୁଶୀଲ କୁମାର ଜୈନଙ୍କ ପ୍ରତିନିଧିତ୍ୱରେ) (ଗ୍ୟାରେଣ୍ଟିଦାତା)**ଙ୍କଠାରୁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିମିଟେଡ୍, ସୁରକ୍ଷିତ ବନ୍ଧକଦାତାଙ୍କର ତା୦୩।୦୪।୨୦୨୪ରିଖ ସୁଦ୍ଧା ରହିଥିବା ଟ.୭୦,୪୨,୧୨,୦୫୬.୬୧/– (ଟଙ୍କା ସତୁରି କୋଟି ବୟାଳିଶ ଲକ୍ଷ ବାର ହଜାର ଛପନ ଓ ଏକଷଠି ପଇସା ମାତ୍ର) ତଥା ତା୦୪।୦୪।୨୦୨୪ରିଖରୁ ଚୁକ୍ତିମୂଳକ ହାରରେ ପରବର୍ତ୍ତୀ ସୁଧ ଆଦାୟ କରିବା ପାଇଁ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ, ଅମାନତ ଜମା ରାଶି ଏବଂ ସମ୍ପତ୍ତି ନିରୀକ୍ଷଣର ତାରିଖ ତଳେ ଦର୍ଶାଯାଇଛି।

| ଲଟ୍ ନଂ. | ସୁରକ୍ଷିତ ପରିସମ୍ପତ୍ତିର ବର୍ଣ୍ଣନା | ଜ୍ଞାତସାରରେ ଥିବା ଋଣଭାର | ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି |
|---|---|---|---|---|
| ୧. | ଖାତା ନଂ.୭୧, ପ୍ଲଟ୍ ନଂ.୭୮, ୧୧୩, ୭୪/୪୮୫, ୭୭/୪୮୬, ୧୧୬/୪୮୭, ଖାତା ନଂ.୧୦୦, ପ୍ଲଟ୍ ନଂ.୩୩୨/୬୯୮, ଖାତା ନଂ.୧୦୫, ପ୍ଲଟ୍ ନଂ.୧୩୧, ୬୯/୫୧୭, ୭୦/୫୧୮, ୧୫୪/୫୧୯, ୧୫୯/୫୨୦, ଖାତା ନଂ. ୪୬, ପ୍ଲଟ୍ ନଂ.୬୯/୪୯୧, ୭୧/୪୯୨, ୧୫୩/୪୯୩, ଖାତା ନଂ.୭୦, ପ୍ଲଟ୍ ନଂ. ୧୩୮, ୧୩୯, ଖାତା ନଂ.୧୨୫, ପ୍ଲଟ୍ ନଂ.୮୯, ପ୍ଲଟ୍ ନଂ.୧୧୭, ୭୪/୪୮୬, ମୋଟ ପରିମାପ ୨୦.୧୩ ଏକର, ଅବସ୍ଥିତି ସ୍ଥାନ ଗ୍ରାମ– କୁନ୍ଦେଇଝରଣ, ଥାନା– କେସିଙ୍ଗା, ତହସିଲ– ନର୍ଲା, ଜିଲ୍ଲା– କଳାହାଣ୍ଡି, ଓଡ଼ିଶା ମାଲିକ: ଶ୍ରୀ ସୁରେଶ କୁମାର ଜୈନ | ନାହିଁ | ଟ.୮୫,୨୫,୦୦୦/– (ଟଙ୍କା ପଞ୍ଚାଅଶୀ ଲକ୍ଷ ପଚିଶ ହଜାର ମାତ୍ର) | ଟ.୮,୫୨,୫୦୦/– (ଟଙ୍କା ଆଠ ଲକ୍ଷ ବାଉନ ହଜାର ପାଞ୍ଚଶହ ମାତ୍ର) |

| | |
|---|---|
| ନିଲାମର ତାରିଖ ଓ ସମୟ | ୨୫।୦୬।୨୦୨୫ (ପୂ. ୧୧.୩୦ଟାରୁ ଅ. ୧୨.୩୦ଟା ପର୍ଯ୍ୟନ୍ତ) |
| ଅନ୍‌ଲାଇନ୍ ନିଲାମ ୱେବ୍‌ସାଇଟ୍ | https://www.bankeauctions.com |
| ଅନ୍‌ଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ | ୨୩।୦୬।୨୦୨୫ |
| ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ଟ.୧,୦୦,୦୦୦/– ମାତ୍ର |
| ଆଗ୍ରହୀ କ୍ରେତାମାନଙ୍କ ଦ୍ୱାରା ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ | ତା୦୫।୦୬।୨୦୨୫ରିଖ (ପୂ. ୧୧.୩୦ଟାରୁ ଅ. ୧୨.୩୦ଟା ପର୍ଯ୍ୟନ୍ତ) |
| ପ୍ରାଧିକୃତ ଅଧିକାରୀଙ୍କ ଯୋଗାଯୋଗ ବିବରଣୀ | ମୋବାଇଲ ନଂ. ୯୮୭୪୪୩୮୭୮୫ ଇମେଲ: rohit.swaroop@indusind.com |

ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍, ଅର୍ଥାତ୍ www.indusind.com କିମ୍ବା ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟ୍ ଅର୍ଥାତ୍ https://www.bankeauctions.comରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

**ସରଫାଏସି ଅଧିନିୟମର ପ୍ରାବଧାନ/ନିୟମାବଳୀ ଅଧୀନରେ ବିକ୍ରୟ ପାଇଁ ବୈଧାନିକ ୩୦ ଦିନିଆ ନୋଟିସ**

ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ ଏହାକୁ ଏକ ୩୦ ଦିନିଆ ନୋଟିସ ଭାବେ ବିବେଚନା କରିପାରନ୍ତି। ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏହି ବିକ୍ରୟ ନୋଟିସ ତାରିଖର ୩୦ ଦିନ ମଧ୍ୟରେ ସେମାନଙ୍କର ଉପରଦର୍ଶିତ ଦେୟତାକୁ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବା ଏବଂ ସୁରକ୍ଷିତ ପରିସମ୍ପତ୍ତି ଉପରୁ ବନ୍ଧକକୁ ମୁକୁଳାଇବା ପାଇଁ ଏକ ଶେଷ ଓ ଚୂଡ଼ାନ୍ତ ସୁଯୋଗ ଦିଆଯାଉଛି, ଯେଉଁଥିରେ ବିଫଳ ହେଲେ ସୁରକ୍ଷିତ ପରିସମ୍ପତ୍ତିକୁ ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରିଦିଆଯିବ।

**ତାରିଖ: ୧୬।୦୫।୨୦୨୫** **ପ୍ରାଧିକୃତ ଅଧିକାରୀ**
**ସ୍ଥାନ: କଳାହାଣ୍ଡି, ଓଡ଼ିଶା** **ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଲିଃ**

## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI
NirupanBhawan,3rd Floor,Room No. 401,56-Set, Doranda, Ranchi-834002

e-Procurement (Very Short Tender Notice)
Letter of Invitation (LOI) No.-01/2025-26, 1st Call
e-Tender Ref No:–RCD/SID/AP/RAN/01/2025-26 Date:- 08.05.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob- 9905660677. |

Note:-Only e-Tender shall be accepted.
Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning, Road Construction Department,Ranchi.
PR 352465 Road(25-26)#D

# ଷ୍ଟେଟ୍ ବ୍ୟାଙ୍କରେ ଏସ୍ଏଚ୍‌ଜି ମହିଳାଙ୍କ ଟଙ୍କା ହେରଫେର

■ଥାନାରେ ଅଭିଯୋଗ

■ହଇଗୋଳ ଯୋଗୁ ବ୍ୟାଙ୍କ କାର୍ଯ୍ୟରେ ବାଧା

କଳମପୁର,୧୫।୫(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଳମପୁର ଷ୍ଟେଟ ବ୍ୟାଙ୍କରେ ଏସ୍ଏଚ୍‌ଜି ମହିଳାଙ୍କ ଟଙ୍କା ହେରଫେର ମାମଲାକୁ ନେଇ ଗୁରୁବାର ବ୍ୟାଙ୍କ ପରିସରରେ ଉତ୍ତେଜନା ଲାଗିରହିଥିଲା । ୧୬ ଗୋଟି ଏସ୍ଏଚ୍‌ଜି ମହିଳାଙ୍କ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ନେଇ କଳମପୁର ଥାନାରେ ମହିଳାମାନେ ଅଭିଯୋଗ କରିବା ସହ ବ୍ୟାଙ୍କ କର୍ମଚାରୀମାନେ ଖାତାଧାରୀଙ୍କ ଅନୁପସ୍ଥିତିରେ ଜାଲ ଦସ୍ତଖତ ଥିବା ଭାଉଚର ରଖି କିଭଳି ଅନ୍ୟକୁ ଟଙ୍କା ଦେଲେ ତାହାର ତଦନ୍ତ ପାଇଁ ଦାବି କରିଥିଲେ । ଏହାକୁ ନେଇ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ମହିଳାମାନେ ବ୍ୟାଙ୍କ ପରିସରରେ ହଇଗୋଳ ଜାରି ରଖିଥିଲେ । ଫଳରେ ଅପରାହ୍ନରୁ ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ।

ସୂଚନାଯୋଗ୍ୟ ଯେ, କଳମପୁର ପଞ୍ଚାୟତ ଅନ୍ତର୍ଗତ ବରଗାଁର ମିଶନଶକ୍ତିରେ କାର୍ଯ୍ୟରତ ସିଆର୍‌ପି – ସିଏମ୍ ସୁଶୀଳା ଚଣ୍ଡୀ ଏବଂ ଜିପିଏଲ୍ଏଫ୍ ଇସି ସଭ୍ୟା ତିଲୋତ୍ତମା ମାଝୀ ଗ୍ରାମର ଆଦିମାତା ଏସ୍ଏଚ୍‌ଜିରୁ ଗତ ଏପ୍ରିଲ ୨ରେ ୪୦ ହଜାର ଟଙ୍କା, ମା' ସମଲେଶ୍ୱରୀ ଏସ୍ଏଚ୍‌ଜିରୁ ଏପ୍ରିଲ ୩ରେ ୩୫ ହଜାର ଟଙ୍କା ଏବଂ ମା' ସାରଳା ଏସ୍ଏଚ୍‌ଜିରୁ ଏପ୍ରିଲ ୧୨ରେ ୩୮ ହଜାର ୫ଶହ ଟଙ୍କା କଳମପୁର ଷ୍ଟେଟ ବ୍ୟାଙ୍କରେ ଥିବା ସେହି ଏସ୍ଏଚ୍‌ଜିଙ୍କ ଆକାଉଣ୍ଟରୁ ଉଠାଣ କରି ନେଇଯାଇଥିଲେ । ଘଟଣା ଜଣାପଡିବା ପରେ ଦୁହେଁ ଟଙ୍କା ଉଠାଣ କରିଥିବା ସ୍ୱୀକାର କରି ୨ ଗୋଷ୍ଠୀକୁ ସବୁତକ ଟଙ୍କା ଫେରସ୍ତ ଦେଇଥିବାବେଳେ ଅନ୍ୟ ଏକ ଗୋଷ୍ଠୀକୁ ୧୫ ତାରିଖରେ ଫେରସ୍ତ ଦେବାକୁ ଲିଖିତ ଭାବେ ଜଣାଇଥିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେଉଁ ଏସ୍ଏଚ୍‌ଜି ଗ୍ରୁପର ଟଙ୍କା ଉଠାଣ ହୋଇଥିଲା ସେହି ଗ୍ରୁପର ସଭାନେତ୍ରୀ, ସମ୍ପାଦିକା ତାହା ଜାଣିନାହାନ୍ତି । ସେମାନଙ୍କ ବିନା ସାକ୍ଷରରେ କିଭଳି ବ୍ୟାଙ୍କରୁ ଟଙ୍କା ଉଠାଣ ହେଲା ସେ ବିଷୟରେ ଜାଣିବା ପାଇଁ ୪ ଦିନହେଲା ସେମାନେ ବ୍ୟାଙ୍କ ଯାଉଥିଲେ ମଧ ଜଣେ ଅଧିକାରୀ ସେମାନଙ୍କୁ ଧମକଚମକ ଦେଇ ଫେରାଇ ଦେଉଥିଲେ । ଏହାକୁ ନେଇ ସେମାନେ କଳମପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଥାନା ପକ୍ଷରୁ ଏଏସ୍ଆଇ ଶେଖର ଜେନା ବ୍ୟାଙ୍କକୁ ଆସି ଘଟଣା ସମ୍ପର୍କରେ ବୁଝିଥିଲେ । ଏହି ସମୟରେ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତା ଶେଷଦେବ ନାଏକଙ୍କୁ ବ୍ୟାଙ୍କ ଅଧିକାରୀ ଧକ୍କାମାରି ମୋବାଇଲ ଛଡାଇ ନେବାକୁ ଉଦ୍ୟମ କରୁଥିଲେ । ଏ ନେଇ ଶେଷଦେବ କଳମପୁର ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି । ଉତ୍ତେଜନା ଖବର ପାଇ ଭବାନୀପାଟଣା ମୁଖ୍ୟ ଶାଖାରୁ ମୁଖ୍ୟ ପ୍ରବନ୍ଧକ କ୍ଷିରୋଦ ଦାଶ, ଏଚ୍ଆର୍ ମ୍ୟାନେଜର ହିମାଂଶୁ ମେହେର, ସିନିୟର ଆସିଷ୍ଟାଣ୍ଟ ବେଣୁ ପଟ୍ଟନାୟକ ପ୍ରମୁଖ ବ୍ୟାଙ୍କକୁ ଆସି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଏହାସହ ମହିଳାଙ୍କୁ ବୁଝାଶୁଝା କରି ଏହାର ତଦନ୍ତ ହେବ ବୋଲି କହିଥିଲେ । ରିଜିଓନାଲ ମ୍ୟାନେଜର ଶୁକ୍ରବାର ଆସି ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ଫୋନରେ କହିବା ପରେ ସନ୍ଧ୍ୟା ସାଢେ ୬ଟାରେ ମହିଳାମାନେ ଶାନ୍ତ ପଡିଥିଲେ । ଅନ୍ୟପକ୍ଷେ ଖବରଦାତାଙ୍କୁ ସମ୍ପୃକ୍ତ ଅଧିକାରୀ ଜଣକ ଦୁର୍ବ୍ୟବହାର କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଖବରଦାତାମାନେ ପୋଲିସଠାରେ ଦାବି କରିଛନ୍ତି ।

# ଗିରଫଦାରିଙ୍କ ସଂଖ୍ୟା ୫କୁ ବୃଦ୍ଧି

ପୋଲିସକୁ ଆକ୍ରମଣ ଘଟଣା

ବଡ଼ଗାଁ,୧୫।୫(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଥାନା ପରିସରରେ ପୋଲିସ ଅଧିକାରୀଙ୍କୁ ଆକ୍ରମଣ କରିବା ଘଟଣାରେ ଗୁରୁବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ହେଲେ ଅନିମେଷ ଷଡ଼ଙ୍ଗୀ (୩୦) । ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୂର୍ବରୁ ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି । ମୋଟ ଗିରଫଦାରୀଙ୍କ ସଂଖ୍ୟା ୫ଙ୍କୁ ବୃଦ୍ଧି ପାଇଛି । ଗୁରୁବାର ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ପକ୍ଷରୁ ଏକ ପେଟ୍ରୋଲ ପମ୍ପ ନିକଟରେ ମଦୁଆ ଚାଳକ ଖାନତଲାସ ଚାଲିଥିଲା । ଏହି ସମୟରେ ଅନିମେଷ ଧରାପଡ଼ିଥିଲେ । ସେଠାରେ ଅନିମେଷ ପୋଲିସଙ୍କୁ ଗାଳିଗୁଲଜ କରିଥିଲେ । ଅନିମେଷଙ୍କୁ ସୁନ୍ଦରଗଡ଼ ପୋଲିସ ଅଟକ ରଖି ବଡ଼ଗାଁ ପୋଲିସକୁ ହସ୍ତାନ୍ତର କରିଥିଲା । ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ସୂଚନା ଦେଇଛନ୍ତି । ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଆଇସି ନାଏକ ଏହି ମାମଲାର ତନାଘନା କରିବା ସହ ଫେରାର ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ ୨୭ ତାରିଖ ରାତି ୧୧ଟାରେ ବଡ଼ଗାଁ ଥାନା ପରିସରକୁ ଏକ ଟାଟା ମ୍ୟାଜିକରେ ୬ ଜଣ ଯୁବକ ପଶି କାର୍ଯ୍ୟରତ ଏଏସଆଇ ଉମାକାନ୍ତ ନାଏକ ଓ ଅରୁପାନନ୍ଦ ଦାସଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ । ୨୮ ତାରିଖରେ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ସେମାନଙ୍କ ନିକଟରୁ ବଡ଼ଗାଁ ପୋଲିସ ଏକ ଦେଶୀ ବନ୍ଧୁକ, ଭୁଜାଲି, ଲୁହା ପାଇପ ଓ ଟାଟା ମ୍ୟାଜିକ ଗାଡ଼ି ଜବତ କରିଥିଲା ।

# ୧୦ ମହିଳାଙ୍କୁ ୬୦ ଦିନିଆ ଆପ୍ଲିକ ସିଲାଇ ତାଲିମ



ତାଲିମରେ ଅଂଶଗ୍ରହଣ କରିଥିବା ମହିଳା ।

ଆର୍ଏସ୍‌ପିର ସିଏସ୍ଆର୍ କାର୍ଯ୍ୟକ୍ରମ

ରାଉରାକେଲା,୧୫।୫(ଦିନେଶ ମିଶ୍ର)

ସ୍ଥାୟୀ ଜୀବିକା ଓ ଆର୍ଥିକ ସଶକ୍ତୀକରଣ ପାଇଁ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପ ଅଂଶସ୍ୱରୂପ ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍ଏସ୍‌ପି) ପାର୍ଶ୍ୱାଞ୍ଚଳ ମହିଳାମାନଙ୍କ ପାଇଁ ଆପ୍ଲିକ୍ ସିଲାଇ କୌଶଳରେ ବୃତ୍ତିଗତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି ତାଲିମ ମେ ୬ ତାରିଖରେ ସେକ୍ଟର–୨୦ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆରମ୍ଭ ହୋଇଛି । ଟାଉନ ସର୍ଭିସେସ୍ ଏବଂ ସିଏସ୍ଆର ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଟି. ଜି. କାନେକର ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସିଏସ୍ଆର ବିଭାଗ ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ଏଜିଏମ୍ ଶ୍ରୀ ଟି. ବି. ଟପ୍ପୋ ଏବଂ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ବାଣିଗୁଣି ଆଦର୍ଶ ଇସ୍ପାତ ଗ୍ରାମ, ଝିରପାଣି ପୁନର୍ନିବାସ କଲୋନୀ, ପୂର୍ଣ୍ଣାନି ପାର୍ଶ୍ୱାଞ୍ଚଳ ଗ୍ରାମ ଏବଂ ନିକଟସ୍ଥ ଶିଳ୍ପବସ୍ତିରୁ ମୋଟ ୧୦ ଜଣ ମହିଳା ଏହି ୬୦ କାର୍ଯ୍ୟ ଦିବସ ତାଲିମ କାର୍ଯ୍ୟକ୍ରମରେ ନାମ ଲେଖାଇଛନ୍ତି । ସେମାନଙ୍କୁ ସେମାନଙ୍କ ପରିବାର ପାଇଁ ଅତିରିକ୍ତ ଆୟ ଅର୍ଜନ କରିବା, ଋଣ, ସବ୍‌ସିଡି ଓ ବୀମା ଆଦି ସରକାରୀ ଯୋଜନାର ହିତାଧିକାରୀ ହେବା ଏବଂ ଦୀର୍ଘକାଳୀନ ରୋଜଗାର ସମ୍ଭାବନାକୁ ବୃଦ୍ଧି କରିବା ପାଇଁ କାରିଗର ପ୍ରମାଣପତ୍ର ହାସଲ ଏହି ପ୍ରୟାସର ଲକ୍ଷ୍ୟ ରହିଛି । ଏହି କାର୍ଯ୍ୟକ୍ରମର ଏକ ଅନନ୍ୟ ଦିଗ ହେଉଛି ପ୍ରଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତର ପ୍ରଶିକ୍ଷକ ଭାବେ ବିକଶିତ କରିବା ଉପରେ ଧ୍ୟାନ ଦେବା, ଯାହା ଦ୍ୱାରା ସେମାନଙ୍କ ଗୋଷ୍ଠୀ ମଧ୍ୟରେ ପ୍ରଭାବ ବୃଦ୍ଧି ପାଇବ । ଏହି ତାଲିମ ପୁରସ୍କାରପ୍ରାପ୍ତ ମାଷ୍ଟର ଟ୍ରେନର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ପରିଚାଳିତ ହେଉଛି । ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି ସହାୟତା କରୁଛନ୍ତି । ସିଏସ୍ଆର ବିଭାଗର ମ୍ୟାନେଜର ସୁଶ୍ରୀ ରିଚା ସୁଧୀରମ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଏହି ପ୍ରକଳ୍ପ ମୂଲ୍ୟ ୨୦୪୫୦୦ ଟଙ୍କା ରହିଛି । ଏହି କାର୍ଯ୍ୟକ୍ରମ ଆପ୍ଲିକ୍ ସିଲାଇରେ ବ୍ୟାପକ ଦକ୍ଷତା ବିକାଶ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି । ଏଥିରେ ମୌଳିକ ହାତ ସିଲାଇ, ଡିଜାଇନ୍ ଟ୍ରେସିଂ ଏବଂ କଟିଂ କୌଶଳ, ପାରମ୍ପରିକ ଏବଂ ଆଧୁନିକ ଆପ୍ଲିକ୍ ପଦ୍ଧତି, କପଡା ସମନ୍ୱୟ ଏବଂ ଉତ୍ପାଦ ସୃଷ୍ଟି ଅନ୍ତର୍ଭୁକ୍ତ ହେବ । ଅଂଶଗ୍ରହଣକାରୀମାନଙ୍କୁ ରୁମାଲ, କୁଶନ କଭର, ବିଛଣା କଭର, କାନ୍ଥ ଝୁଲାଇବା, ଶାଢି ବର୍ଡର, ଟୋଟ୍ ବ୍ୟାଗ୍ ଏବଂ ଅନ୍ୟାନ୍ୟ ଜିନିଷ ତିଆରି କରିବା ଉପରେ ତାଲିମ ପ୍ରଦାନ କରାଯିବ । ଏହି ପାଠ୍ୟକ୍ରମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗୁଣବତ୍ତା ନିୟନ୍ତ୍ରଣ, ଉପଯୋଗିତା, ମୂଲ୍ୟ ନିର୍ଦ୍ଧାରଣ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗ ଉପରେ ତାଲିମ ଅନ୍ତର୍ଭୁକ୍ତ ରହିବ ବୋଲି କୁହାଯାଇଛି ।

# ଭିମ୍‌ସାର୍‌ରେ ରାଗିଂ ଘଟଣା: ଛାତ୍ରାବାସରୁ ୩ ମାସ ନିଲମ୍ବିତ ହେଲେ ବରିଷ୍ଠ ଛାତ୍ର

ସମ୍ବଲପୁର,୧୫।୫(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ(ଭିମସାର)ରେ ଗତ ୭ ତାରିଖରେ ହୋଇଥିବା ରାଗିଂ ଘଟଣାରେ ସମ୍ପୃକ୍ତ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଛାତ୍ରାବାସରୁ ୩ ମାସ ପାଇଁ ନିଲମ୍ବନ କରାଯାଇଛି । ଏହି ଅବଧି ମଧ୍ୟରେ ଭିମ୍‌ସାରର କୌଣସି ଛାତ୍ରାବାସରେ ତାଙ୍କ ରହିବା ଉପରେ ଆଣ୍ଟି ରାଗିଂ କମିଟି ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି । ଭିମ୍‌ସାର ଅଧ୍ୟକ୍ଷ ତଥା ଡିନ୍ ଡା. ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ଆଣ୍ଟି ରାଗିଂ ସେଲ୍ ବୈଠକରେ ପ୍ରଫେସର୍ ଅଶୋକ ନାୟକ, ପ୍ରଫେସର ଜୟଶ୍ରୀ ଦୋରା, ପ୍ରଫେସର୍ ଏଲ.କେ.ସିଂଙ୍କ ସହିତ ସାମାଜିକ ସଙ୍ଗଠନ କାର୍ଯ୍ୟକର୍ତ୍ତା ଓ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ସମ୍ପୃକ୍ତ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବୈଠକରେ ସମ୍ପୃକ୍ତ ଛାତ୍ର ବା ତାଙ୍କର ଅଭିଭାବକ ଉପସ୍ଥିତ ନ ଥିବାରୁ ଭିମ୍‌ସାର କର୍ତ୍ତୃପକ୍ଷ ଛାତ୍ର ଓ ତାଙ୍କ ଅଭିଭାବକଙ୍କୁ ଏ ସମ୍ପର୍କରେ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ୭ ତାରିଖ ରାତିରେ କନିଷ୍ଠ ଛାତ୍ର ଜଣକ ୭ ନମ୍ବର ଛାତ୍ରାବାସକୁ ରାତ୍ରିଭୋଜନ ପାଇଁ ଯାଇଥିଲେ । ଏହି ସମୟରେ ସେ ବରିଷ୍ଠ ଛାତ୍ରଙ୍କ ସହ ମୁହାଁମୁହିଁ ହୋଇଥିଲେ । କନିଷ୍ଠ ଛାତ୍ର ସେଠାରୁ ଚାଲି ଯାଉଥିବା ଦେଖି ବରିଷ୍ଠ ଛାତ୍ର ତାଙ୍କୁ ପିଛା କରି ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ମାତ୍ର କନିଷ୍ଠ ଛାତ୍ରଙ୍କ ବନ୍ଧୁମାନଙ୍କ ହସ୍ତକ୍ଷେପ ଯୋଗୁ ବରିଷ୍ଠ ଛାତ୍ର ଏଥିରୁ ନିବୃତ୍ତ ରହିଥିଲେ । ଏହି ଘଟଣାକୁ ନେଇ ଉକ୍ତ ରାତିରେ ପୀଡ଼ିତ କନିଷ୍ଠ ଛାତ୍ର ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଏହାବାଦ୍ ପରଦିନ ଅର୍ଥାତ୍ ଗତ ୮ ତାରିଖରେ ତାଙ୍କ ପିତା ଭିମ୍‌ସାରରେ ପହଞ୍ଚିବା ପରେ ଏନେଇ ଭିମ୍‌ସାର ଆଣ୍ଟି ରାଗିଂ ସେଲ୍‌ରେ ଲିଖତ ଅଭିଯୋଗ କରାଯାଇଥିଲା । ଅଭିଯୋଗ ମିଳିବା ପରେ ଅଧ୍ୟକ୍ଷ ତଥା ଡିନ୍ ଡା. ମହାନ୍ତି ତତ୍‌କ୍ଷଣାତ ଏକ ସବ୍ କମିଟି ଗଠନ କରି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ କମିଟି ବିଭିନ୍ନ ସମୟରେ ପୀଡ଼ିତ କନିଷ୍ଠ ଛାତ୍ର ଓ ସମ୍ପୃକ୍ତ ବରିଷ୍ଠ ଛାତ୍ରଙ୍କୁ ବ୍ୟକ୍ତିଗତ ଭାବେ ପଚରା ଉଚରା କରି ଭିମ୍‌ସାର କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲା । ଭିମ୍‌ସାର ଡିନ୍ ଡା. ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଆଣ୍ଟି ରାଗିଂ ସେଲ ବୈଠକରେ ଉକ୍ତ ରିପୋର୍ଟ ଆଧାରରେ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ୩ମାସ ପାଇଁ ଛାତ୍ରାବାସରୁ ନିଲମ୍ବନ କରାଯାଇଛି ।

# ୧୯ରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼,୧୫।୫
(ଜୟ ନାରାୟଣ ମେଣ୍ଡୁଲି)

